# ଈଶ୍ୱରଙ୍କ ବାକ୍ୟ ଅଲୌକିକ ବୀଜ



ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ତାହାଙ୍କର ଅଲୌକିକ ଶକ୍ତିକୁ ଅନୁଭବ କରନ୍ତୁ

ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ପ୍ରସ୍ତୁତି ଓ ବଣ୍ଟନ: ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ
ପୂର୍ବ ପ୍ରକାଶିତ APC ପୁସ୍ତକ "ଈଶ୍ୱରଙ୍କ ବାକ୍ୟ"ର (ଜୁଲାଇ ୨୦୨୦) ପରିମାର୍ଜିତ ଓ ପରିବର୍ଦ୍ଧିତ ସଂସ୍କରଣ ।
ସଂଶୋଧିତ ସଂସ୍କରଣ (ଡ଼ିଜିଟାଲ୍ ରିଲିଜ୍) : ଅକ୍ଟୋବର ୨୦୨୦
ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

## ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

## ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

## ଭାରତ ଭିତରେ ମାଗଣା ବଲ୍କ ଅର୍ଡ୍ଡର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**God's Word - The Miracle Seed (Odia)**

# ଈଶ୍ୱରଙ୍କ ବାକ୍ୟ
# ଅଲୌକିକ ବୀଜ

***ବିହନ ଈଶ୍ୱରଙ୍କ ବାକ୍ୟ***

ଲୂକ ୮:୧୧

# ସୂଚୀପତ୍ର


୧. ଈଶ୍ୱରଙ୍କ ବାକ୍ୟ: ଆମ ବିଶ୍ୱାସର ମୂଳଦୁଆ.................................... ୮
୨. ଈଶ୍ୱରଙ୍କ ବାକ୍ୟ: ଏହାର ଶୁଦ୍ଧତା ଓ ଶକ୍ତି........................................ ୧୩
୩. ଈଶ୍ୱରଙ୍କ ବାକ୍ୟ: ଅଲୌକିକ ବୀଜ.............................................. ୧୯
୪. ବୀଜ : ଈଶ୍ୱରଙ୍କ ବାକ୍ୟ........................................................... ୨୧
୫. ବୀଜ ହୃଦୟରେ ବପନ କରାଯିବା ଉଚିତ........................................ ୨୫
୬. ଈଶ୍ୱରଙ୍କ ବାକ୍ୟର ଧ୍ୟାନ.......................................................... ୨୯
୭. ବୀଜର ସୁରକ୍ଷା ଓ ପାଳନ ପୋଷଣ ଆବଶ୍ୟକ................................ ୪୫
୮. ପ୍ରକଶନ: ଆତ୍ମିକ ଜ୍ଞାନ ପ୍ରାପ୍ତ ହେବା.......................................... ୪୮
୯. ଶସ୍ୟ ଅମଳର ପ୍ରତିରୋଧକ : ବାକ୍ୟ ପ୍ରତି ବିରୋଧ...........................୫୧
୧୦. ଶସ୍ୟ ଅମଳର ପ୍ରତିରୋଧକ : ବାକ୍ୟକୁ ଚାପି ପକାଉଥିବା କଣ୍ଟାବୁଦାସବୁ..... ୫୩
୧୧. ତିନୋଟି କଞ୍ଚି: ବୁଝିବା, ଗ୍ରହଣ କରିବା, ଧରି ରଖିବା..........................୫୫
୧୨. ବାକ୍ୟ ବୀଜସକଳ.................................................................୫୯

ଦୂତଙ୍କ ଦ୍ୱାରା ସୁରକ୍ଷା................................................................ ୫୯
ଅଭିଷେକ..............................................................................୫୯
ପ୍ରାର୍ଥନାର ଉତ୍ତର.....................................................................୫୯
ଈଶ୍ୱରଦତ୍ତ ଅସ୍ତ୍ରଶସ୍ତ୍ର................................................................ ୫୯
ଉଦରସ୍ଥ ଶିଶୁ.........................................................................୬୦
ବିଶ୍ୱାସୀର ଅଧିକାର...................................................................୬୦
ଆଶୀର୍ବାଦ ଓ ଆଶୀର୍ବାଦ ପ୍ରାପ୍ତ ହେବା.............................................୬୦
ଯୀଶୁଙ୍କ ରକ୍ତ...........................................................................୬୦
ସାହସ.................................................................................. ୬୦
ଅସ୍ଥି.....................................................................................୬୦
ଭୂତ ଛଡ଼ାଇବା........................................................................ ୬୧
ପିଲାମାନେ............................................................................ ୬୧
ଦୃଢ଼ ଭରସା........................................................................... ୬୧
ନିର୍ଭୀକତା..............................................................................୬୧
ରଣ ଛାଡ଼.............................................................................୬୧

ଉଦ୍ଧାର........................................................................୬୧
ବୀରତ୍ୱପୂର୍ଣ୍ଣ କର୍ମ.....................................................................୬୧
ବିଶ୍ୱାସ........................................................................୬୨
ଅନୁଗ୍ରହ ଓ ସୁସଂମ୍ପର୍କ................................................................୬୨
ଭବିଷ୍ୟତ........................................................................୬୨
ଆତ୍ମାଙ୍କର ଦାନସକଳ................................................................୬୨
ଈଶ୍ୱରଙ୍କ ଗୌରବ.....................................................................୬୨
ଧାର୍ମିକ ବାଞ୍ଛାସକଳ..................................................................୬୩
ଆମ ଈଶ୍ୱରଙ୍କର ମହାନତା............................................................୬୩
ଚାଳନା........................................................................୬୩
ସୁସ୍ଥତା ଓ ସ୍ୱାସ୍ଥ୍ୟ.....................................................................୬୩
ରୋଗୀମାନଙ୍କୁ ସୁସ୍ଥ କରିବା..........................................................୬୩
ପବିତ୍ରତା (ପାପ ଉପରେ ବିଜୟ, ଶୁଦ୍ଧତା).........................................୬୪
ଗୃହ ଓ ପରିବାର.....................................................................୬୪
ସ୍ୱାମୀ........................................................................୬୪
ଆନନ୍ଦ (ଦୁଃଖ, ଶୋକକୁ ଜୟ କରିବା).............................................୬୪
ଜମି ଓ ସମ୍ପତ୍ତି ମାମଲା...............................................................୬୫
ବୈଧାନିକ ଆହ୍ୱାନସମୂହ.............................................................୬୫
ଦୀର୍ଘଜୀବନ........................................................................୬୫
ପ୍ରେମ........................................................................୬୫
ମନ........................................................................୬୫
ଶାନ୍ତି (ଭୟ, ଉଦ୍‌ବେଗ, ଚିନ୍ତାକୁ ଜୟକରିବା).......................................୬୬
ଉନ୍ନତି........................................................................୬୬
ସମୃଦ୍ଧି ଓ ସଫଳତା..................................................................୬୬
ସୁରକ୍ଷା ପ୍ରଦାନ........................................................................୬୬
ଯୋଗାଣ ବ୍ୟବସ୍ଥା....................................................................୬୬
ନୀରବତା........................................................................୬୬
ମୃତକୁ ପୁନର୍ଜୀବିତ କରିବା..........................................................୬୭
ନିଦ୍ରା........................................................................୬୭
ଆତ୍ମାରେ ପୂର୍ଣ୍ଣ ଓ ଆତ୍ମାରେ ଚାଳିତ..................................................୬୭
ବଳ........................................................................୬୭
ସ୍ତ୍ରୀ........................................................................୬୭
ବୁଦ୍ଧି ଓ ଜ୍ଞାନ........................................................................୬୭

# ମୁଖବନ୍ଧ

ଆମ ଜୀବନରେ ଇଶ୍ୱରଙ୍କ କାର୍ଯ୍ୟ ଅନୁଭବ କରିବାକୁ ଆମେ ସମସ୍ତେ ବାଞ୍ଛା କରିଥାଉ । ଇଶ୍ୱରଙ୍କ ଶକ୍ତି ଆମକୁ ଓ ଅନ୍ୟମାନଙ୍କୁ ଉଦ୍ଧାର କରୁ, ସୁସ୍ଥ କରୁ, ପରିତ୍ରାଣ କରୁ ଓ ଆମ ସମସ୍ତଙ୍କ ଜୀବନରେ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରୁ ବୋଲି ଆମେ ଚାହିଁଥାଉ । ପ୍ରାୟଶଃ ଆମେ ଚାହିଁଥାଉ ଯେ ଇଶ୍ୱରଙ୍କ ଶକ୍ତିର ଆକର୍ଷଣୀୟ ପ୍ରକାଶନ ଘଟୁ, ଯାହା ଆମକୁ ଆଶ୍ଚର୍ଯ୍ୟଚକିତ କରିଦେବ । ଯଦିବା ଏହା ସତ୍ୟ ଯେ ଇଶ୍ୱର ତାହାଙ୍କ ପବିତ୍ରଆତ୍ମାଙ୍କ ଶକ୍ତିରେ ଆକର୍ଷଣୀୟ ମାର୍ଗରେ ବିଭିନ୍ନ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ତାଙ୍କ କାର୍ଯ୍ୟର ପ୍ରଦର୍ଶନ କରିପାରନ୍ତି, ତେବେ ଆମେ ଭୁଲିଯିବା ଅନୁଚିତ ଯେ ଇଶ୍ୱର ମଧ୍ୟ ତାଙ୍କର ବାକ୍ୟ ଦ୍ୱାରା କାର୍ଯ୍ୟ କରନ୍ତି । ଇଶ୍ୱରଙ୍କ ଆତ୍ମା ଇଶ୍ୱରଙ୍କ ବାକ୍ୟ ଦ୍ୱାରା ତାଙ୍କର ଶକ୍ତିକୁ ମୁକ୍ତ କରନ୍ତି । ଇଶ୍ୱରଙ୍କ ବାକ୍ୟର ପଠନ, ଧ୍ୟାନ ଓ ନିଜ ଜୀବନରେ ଗ୍ରହଣ ଆକର୍ଷଣୀୟ ମନେ ହୋଇ ନ ପାରେ, ତଥାପି ଏହା ଅଲୌକିକ ଅଟେ, କାରଣ ଏଥିରେ ଇଶ୍ୱର କାର୍ଯ୍ୟ କରୁଛନ୍ତି । ଅନେକ ବିଶ୍ୱାସୀ ଆକର୍ଷଣୀୟ ପ୍ରକାଶନର ଅନ୍ୱେଷଣ କରି ସେମାନଙ୍କ ଜୀବନରେ ଇଶ୍ୱରଙ୍କର ଅଲୌକିକ କାର୍ଯ୍ୟକୁ ହରାଇବସିଥାନ୍ତି, ଯାହା ଇଶ୍ୱର ତାଙ୍କ ବାକ୍ୟ ମାଧ୍ୟମରେ ସେମାନଙ୍କ ଦୈନନ୍ଦିନ ଜୀବନରେ ମୁକ୍ତ କରିବାକୁ ଚାହିଁଥାନ୍ତି ।

ଅନ୍ୟ ଏକ ସାଧାରଣ ସମସ୍ୟା ହେଉଛି ଯେ ଅନେକ ବିଶ୍ୱାସୀ ଇଶ୍ୱରଙ୍କ ଶକ୍ତି ପାଇବା ନିମନ୍ତେ ଇଶ୍ୱରଙ୍କ ଅଭିଷିକ୍ତ ଦାସଦାସୀଙ୍କୁ ଲୋଡ଼ିଥାନ୍ତି । ଇଶ୍ୱର ନିଶ୍ଚିତରୂପେ ଅନେକ ସେବକମାନଙ୍କୁ ଅଭିଷେକ ପ୍ରଦାନ କରିଛନ୍ତି ଓ ସେମାନେ ପବିତ୍ର ଆତ୍ମାଙ୍କର ଶକ୍ତିରେ ଲୋକମାନଙ୍କର ସେବା କରିଥାନ୍ତି, ତଥାପି ପରିଶେଷରେ, ପ୍ରତ୍ୟେକ ବିଶ୍ୱାସୀ ଏପରି ଏକ ସ୍ଥାନକୁ ଆସିବା ଉଚିତ ଯେଉଁଠାରେ ସେମାନେ ଇଶ୍ୱରଙ୍କ ବାକ୍ୟ ଓ ଇଶ୍ୱରଙ୍କ ଆତ୍ମାଙ୍କ ମାଧ୍ୟମରେ ଇଶ୍ୱରଙ୍କଠାରୁ କିପରି ବିଭିନ୍ନ ବିଷୟ ପାଇବେ ତାହା ଶିକ୍ଷା କରିବେ । ଯୀଶୁ ଆମ ସମସ୍ତଙ୍କୁ ନିମନ୍ତ୍ରଣ କରିଛନ୍ତି ଯେପରି ଆମେ ସିଧାସଳଖ ତାଙ୍କ ନିକଟକୁ ଯିବା, ତାହାଙ୍କଠାରେ ଭୋଜନପାନ କରିବା, ଯଦ୍ଦ୍ୱାରା ଆମେ ପ୍ରତ୍ୟେକେ ତାଙ୍କର ଅନୁଗ୍ରହକୁ ଅନ୍ୟମାନଙ୍କ ନିକଟରେ ବାଣ୍ଟିବା ଓ ସେମାନଙ୍କୁ ଯୀଶୁଙ୍କ ନିକଟକୁ ଆଣିବା, ଯେପରି କି ସେମାନେ ମଧ୍ୟ ତାହାଙ୍କଠାରେ ଭୋଜନପାନ କରନ୍ତି । ଆମେ ମଧ୍ୟସ୍ଥ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରିବା ଅନୁଚିତ ।

ଆମେ ଜାଣୁ ଯେ ଇଶ୍ୱର ତାଙ୍କର ବାକ୍ୟଦ୍ୱାରା କାର୍ଯ୍ୟ କରନ୍ତି । ତାଙ୍କର ବାକ୍ୟର ଶକ୍ତି ଦ୍ୱାରା ସେ ସବୁକିଛି ସୃଷ୍ଟି କଲେ । ଇଶ୍ୱରଙ୍କ ବାକ୍ୟ ଇଶ୍ୱରଙ୍କ ଜୀବନ ଓ ଶକ୍ତିକୁ ବହନ କରେ ଯାହା ଆମ ଜୀବନର ପ୍ରତ୍ୟେକ ଭାଗକୁ ପ୍ରଭାବିତ କରେ । ଇଶ୍ୱର ତାହାଙ୍କ ବାକ୍ୟ ଆମମାନଙ୍କୁ ପ୍ରଦାନ କରିଛନ୍ତି ଏବଂ ତାହାଙ୍କ ବାକ୍ୟର ଶକ୍ତିରେ ଆମମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଚାହାନ୍ତି । ସେ ମଧ୍ୟ ଆମମାନଙ୍କ ନିକଟରେ ପ୍ରକାଶ କରିଛନ୍ତି କିପରି ଆମେ ତାଙ୍କର ବାକ୍ୟକୁ ଗ୍ରହଣ କରିବା, ଯେପରି କି ତାଙ୍କ ବାକ୍ୟରେ ରହିଥିବା ଜୀବନ ଓ ଶକ୍ତି ଆମଠାରେ ମୁକ୍ତ ହେବ, ଯଦ୍ଦ୍ୱାରା ତାଙ୍କର ଆଲୌକିକ କାର୍ଯ୍ୟ ଆମ ଜୀବନରେ ଦେଖାଯିବ ।

ଇଶ୍ୱରଙ୍କ ବାକ୍ୟର ଧ୍ୟାନ ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ଆମମାନଙ୍କ ହୃଦୟରେ ବାକ୍ୟ ରୋପିତ ହୁଏ । ଇଶ୍ୱରଙ୍କ ବାକ୍ୟର ଧ୍ୟାନରେ ରହିଛି ବାକ୍ୟର ଅନୁଧ୍ୟାନ, ଅନୁମାନ ଓ ଅଙ୍ଗୀକାର । ଆପଣ ଶିକ୍ଷାଲାଭ କରିବେ କିପରି ଇଶ୍ୱରଙ୍କ ବାକ୍ୟ ଧ୍ୟାନ କରିବେ, ଯଦ୍ଦ୍ୱାରା ଇଶ୍ୱରଙ୍କ ବାକ୍ୟର ଅଲୌକିକ ବୀଜ ଆପଣଙ୍କ ଜୀବନରେ ଫଳ ଉତ୍ପନ୍ନ କରିବ । ଏହି ପୁସ୍ତକରେ ସାଧାରଣ ସତ୍ୟମାନ ଆଲୋଚିତ ହୋଇଛି ଯାହା ଅଲୌକିକ ବୀଜ ସଦୃଶ ତାହାଙ୍କ ବାକ୍ୟ ଦ୍ୱାରା ଇଶ୍ୱର ଯେଉଁ ଆଶ୍ଚର୍ଯ୍ୟଶକ୍ତି ଆମଠାରେ ମୁକ୍ତ କରିଛନ୍ତି ତାହା ଗ୍ରହଣ ଓ ଅନୁଭବ କରିବାରେ ଆମକୁ ସାହାଯ୍ୟ କରିବ ।

ଇଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !
ଆଶିଷ୍ ରାଇଚୁର୍

# ୧. ଈଶ୍ୱରଙ୍କ ବାକ୍ୟ: ଆମ ବିଶ୍ୱାସର ମୂଳଦୁଆ

ଆମର ଖ୍ରୀଷ୍ଟୀୟ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ଉପାଦାନ ରହିଛି, ଏବଂ ଏହା ଏତେ ଅତ୍ୟାବଶ୍ୟକ ଯେ ଆମର ସମ୍ପୂର୍ଣ୍ଣ ଖ୍ରୀଷ୍ଟୀୟ ଅନୁଭୂତିର ଗୁଣବତ୍ତା ଏହାଦ୍ୱାରା ନିର୍ଣ୍ଣିତ ହୋଇଥାଏ । ଏହା ହେଉଛି ଈଶ୍ୱରଙ୍କ ବାକ୍ୟ । ଆମେ ଯେଉଁ ପରିପକ୍ୱତାର ସ୍ତରରେ ପହଞ୍ଚି ବୃଦ୍ଧି ପାଉଛୁ ଓ ଈଶ୍ୱରଙ୍କଠାରେ ଯେଉଁ ଗଭୀରତାରେ ଆମେ ପହଞ୍ଚି ପାରିଛୁ ତାହାର ପରିମାପକ ହେଉଛି, ତାହାଙ୍କର ବାକ୍ୟକୁ ଆମେ ଆମ ଜୀବନରେ କେତେ ପରିମାଣରେ ସ୍ଥାନ ଦେଇଛୁ । ଆମେ ବିଜୟୀ ଜୀବନ ଯାପନ କରୁ କି ନ କରୁ, ଆମେ ଯେଉଁ ପରିମାଣରେ ଆଶୀର୍ବାଦ ଲାଭ କରି ଥାଉ, ତାହା ମୁଖ୍ୟତଃ ନିର୍ଭର କରେ ଈଶ୍ୱରଙ୍କ ବାକ୍ୟକୁ ଆମେ କେଉଁ ପରିମାଣରେ ଗ୍ରହଣ କରିପାରିଛୁ ଏବଂ ତାକୁ ଆମର ଦୈନନ୍ଦିନ ଜୀବନରେ ନିରବଚ୍ଛିନ୍ନ ଭାବରେ କେତେଦୂର କାର୍ଯ୍ୟକାରୀ ବା ପାଳନ କରୁଛୁ ।

ତଥାପି, ଯେଉଁ ଜଗତ 'ପରିଦୃଶ୍ୟମାନ ଘଟଣା ବା ସତ୍ୟ'କୁ ଗ୍ରହଣ କରେ, ଚିତ୍ତାକର୍ଷକ ବିଷୟକୁ ଖୋଜିଥାଏ, ସେଠାରେ ବହୁସଂଖ୍ୟକ ଲୋକ ଏକ 'ପ୍ରାଚୀନ ପୁସ୍ତକ'ର ବିଷୟବସ୍ତୁ ପ୍ରତି ମନୋଯୋଗୀ ହେବାକୁ ପ୍ରସ୍ତୁତ ନୁହନ୍ତି । କାହିଁକି ବା ଜଣେ ସମୟ ଦେଇ ଏକ ଧର୍ମପୁସ୍ତକର ଲେଖାକୁ ପଢ଼ିବ ଓ ଅର୍ଥ ବାହାର କରିବ, ଯେତେବେଳେ ଅନେକେ ଦାବି କରନ୍ତି ଯେ ଏହି ପୁସ୍ତକର ଲେଖାସବୁ ସାମାଜିକ, ସାଂସ୍କୃତିକ ଓ ନୈତିକ ଭାବେ ଅପ୍ରାସଙ୍ଗିକ ? ଏବଂ ଦୁଃଖର ବିଷୟ ଏହି ଯେ, ବିଶ୍ୱାସୀମାନେ ସୁଦ୍ଧା 'ନୀରବତାର ସମୟ'କୁ ଯଦିବା ପାଳନ କରନ୍ତି, ତାକୁ ଛାଡ଼ିଦେଲେ, ବ୍ୟକ୍ତିଗତ ଜୀବନରେ ଧର୍ମଶାସ୍ତ୍ରର ଯେଉଁ ପ୍ରଭାବ ଓ କ୍ଷମତା ରହିବା ଉଚିତ ସେବିଷୟରେ ସେମାନଙ୍କର ପ୍ରାୟଶଃ ଜ୍ଞାନ ନ ଥାଏ । ଏହା ସତ୍ୟ ଯେ, ଜଣେ ସାମୟିକ ପାଠକ ନିମନ୍ତେ ଧର୍ମଶାସ୍ତ୍ର ପ୍ରଥମେ ନିର୍ଜୀବ ଏବଂ କ୍ଳାନ୍ତିକର ମନେ ହେବ । କିନ୍ତୁ ଆମେ ଯେତେବେଳେ ଏହାର ଅନ୍ତର୍ନିହିତ ଶକ୍ତି ବିଷୟରେ ବୁଝୁ ଏବଂ ଈଶ୍ୱର ଆମମାନଙ୍କ ଜୀବନରେ ତାଙ୍କ ବାକ୍ୟକୁ ଯେଉଁ ସ୍ଥାନରେ ରଖିଛନ୍ତି ତାହା ଜାଣୁ, ଆମ ନିମନ୍ତେ ବାକ୍ୟ ଜୀବନ୍ତ ହୋଇଯାଏ ! ବାକ୍ୟ ବଳ, ସାନ୍ତ୍ୱନା, ଭରସା, ବିଶ୍ୱାସ, ଶିକ୍ଷା ଓ ଜ୍ଞାନର ଉତ୍ସ ହୋଇଯାଏ । ବର୍ତ୍ତମାନ ଓ ଭବିଷ୍ୟତ ସମୟରେ ବାକ୍ୟ ଯାହା କହେ ତାହା ଉପରେ ଆମେ ନିର୍ଭର କରି ଚାଲିଥାଉ । ଜୀବନରେ ଝଡ଼ ଆସିଲେ, ଆମେ ଜାଣୁ ଯେ ବାକ୍ୟ ଆମମାନଙ୍କୁ ବହନ କରିନେବ ଓ ଧରି ରଖିବ । ରୋଗ ଅସୁସ୍ଥତା ମଧ୍ୟରେ, ଆମେ ଜାଣୁ ଯେ ବାକ୍ୟ ଆମକୁ ସୁସ୍ଥ ଓ ଉଦ୍ଧାର କରିବ । ଆହ୍ୱାନ ଓ ଚାପ ଆସିଲେ, ଆମେ ବାକ୍ୟର ପ୍ରତିଜ୍ଞାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରଖି ଠିଆ ହୋଇପାରୁ । ଆମେ ଅସମ୍ଭବରେ ବିଶ୍ୱାସ କରିବା ନାହିଁ କାରଣ ବାକ୍ୟ ଅନୁଯାୟୀ ସବୁକିଛି ଯେ ସମ୍ଭବ ତାହା ଆମେ ଦେଖିପାରୁ । ଆମେ ଯଦିବା ଦେଖି, ଛୁଇଁ, ଶୁଣି, ଆଘ୍ରାଣ ବା ଆସ୍ୱାଦନ କରି ପାରି ନ ଥାଉ, ତଥାପି ଆମେ ଜାଣୁ, କାରଣ ଈଶ୍ୱରଙ୍କ ବାକ୍ୟ ଆମମାନଙ୍କ ସେମାନଙ୍କ ମଧ୍ୟରେ ଏକ ନିଶ୍ଚିତ ଭରସା ଏବଂ ଏକ ଦୃଢ଼, ଅଟଳ ଧାରଣା ଉତ୍ପନ୍ନ କରିଥାଏ ।

ଆମମାନଙ୍କ ହୃଦୟର ବାଞ୍ଛା ଏହି ଯେ, ଏହି ପୁସ୍ତକ ଯେଉଁମାନେ ପଢ଼ିବେ ସେମାନେ ଯେପରି ପ୍ରଭୁଙ୍କ ସହିତ ସେମାନଙ୍କ ଯାତ୍ରାରେ ଏହି ନିଶ୍ଚିତ ଭରସା ପ୍ରାପ୍ତ ହୁଅନ୍ତି । ଆପଣ ଯଦି ଈଶ୍ୱରଙ୍କ ବାକ୍ୟକୁ କିଛି ପରିମାଣରେ ବୁଝିପାରିଛନ୍ତି, ଆମର ଆଶା ଆପଣ ଏହି ପୁସ୍ତକ ଦ୍ୱାରା ଅଧିକ ବଳ ପାଇବେ ଓ ଉତ୍ସାହିତ ହେବେ ।

## ଅନନ୍ତ ବାକ୍ୟ, ଦେହବନ୍ତ ବାକ୍ୟ, ଲିଖିତ ବାକ୍ୟ

**ଲୂକ ୨୪:୨୭**
**ପୁଣି, ମୋଶା ଓ ସମସ୍ତ ଭାବବାଦୀଙ୍କଠାରୁ ଆରମ୍ଭ କରି ସମସ୍ତ ଧର୍ମଶାସ୍ତ୍ରରେ ଆପଣା ସମ୍ବନ୍ଧୀୟ କଥା ସେ ସେମାନଙ୍କୁ ବୁଝାଇଦେଲେ ।**

ଈଶ୍ୱରଙ୍କ ପୁତ୍ର ଯୀଶୁ, ଅନନ୍ତ ବାକ୍ୟ (ଯୋହନ ୧:୧-୪) ଅଟନ୍ତି । ସେ ଦେହବନ୍ତ ବାକ୍ୟରୂପେ ଜନ୍ମ ନେଇ (ଯୋହନ ୧:୧୪) ଧର୍ମଶାସ୍ତ୍ରର ଲିଖିତ ବାକ୍ୟ ଅନୁସାରେ ଜୀବନ ଯାପନ କଲେ ଓ ଧର୍ମଶାସ୍ତ୍ରର ବାକ୍ୟ ପ୍ରଚାର କଲେ ଓ ଶିକ୍ଷାଦେଲେ । ବାଲ୍ୟକାଳରୁ ସେ ଧର୍ମଶାସ୍ତ୍ର ଅଧ୍ୟୟନ କରିଥିଲେ ଓ ଶିକ୍ଷା କରିଥିଲେ (ଲୂକ ୨:୪୬) । ଲିଖିତ ବାକ୍ୟକୁ ବ୍ୟବହାର କରି ସେ ପରୀକ୍ଷାରେ ବିଜୟୀ ହୋଇଥିଲେ (ମାଥିଉ ୪:୧-୧୦) । ଏହି ଦେହବନ୍ତ ବାକ୍ୟ ଆତ୍ମାରେ ଅଭିଷିକ୍ତ ହୋଇ ଏପରି ଭାବରେ ଜୀବନଯାପନ କଲେ ଯେ ସେ ଧର୍ମଶାସ୍ତ୍ରକୁ ସଫଳ କଲେ (ଲୂକ ୪:୨୧; ମାର୍କ ୧୪:୪୯; ଲୂକ ୨୪:୪୪) । ଅନନ୍ତ ବାକ୍ୟରୂପୀ ଈଶ୍ୱର ମନୁଷ୍ୟଭାବରେ ଜନ୍ମ ଗ୍ରହଣ କରି ଲିଖିତ ବାକ୍ୟକୁ ଏତେ ସମ୍ମାନର ସହିତ ଉପଯୋଗ କରିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ କି ? ତା' ହେଲେ ଆମେ କେତେ ଅଧିକରୂପେ ଏହାକୁ ଉପଯୋଗ ନ କରିବା ?

## ପ୍ରଚାରର ମୂର୍ଖତା ଦ୍ୱାରା

**୧କରିନ୍ଥୀୟ ୧:୨୧**
**କାରଣ ଈଶ୍ୱରଙ୍କ ଜ୍ଞାନ ପ୍ରକାଶିତ ହୋଇଥିଲେ ହେଁ ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣିବାରୁ ପ୍ରଚାରିତ ପ୍ରସଙ୍ଗର ମୂର୍ଖତା ଦ୍ୱାରା ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବା ପାଇଁ ଈଶ୍ୱର ସନ୍ତୁଷ୍ଟ ହେଲେ ।**

ଈଶ୍ୱର ତାଙ୍କର ଜ୍ଞାନରେ ନିର୍ଣ୍ଣୟ ନେଲେ ଯେ ମନୁଷ୍ୟ ଜୀବନର ଅନନ୍ତ କାଳ, ସୁସମାଚାର ବାର୍ତ୍ତାର ସରଳ ପ୍ରଚାର ଦ୍ୱାରା ନିର୍ଦ୍ଧାରିତ ହେବ । ଏହାକୁ ବିବେଚନା କରନ୍ତୁ ! ''ଖ୍ରୀଷ୍ଟଙ୍କ ସୁସମାଚାର, ଯାହାକି ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ,'' ଏହାକୁ ସବୁ ମନୁଷ୍ୟଙ୍କ ନିକଟରେ ପହଞ୍ଚାଇବା ପାଇଁ ଈଶ୍ୱର ସ୍ୱର୍ଗୀୟ ବାହିନୀକୁ ମନୋନୀତ କରି ନ ଥିଲେ । ତା' ପରିବର୍ତ୍ତେ ସେ ପ୍ରଚାର ଭଳି ଏକ 'ମୂର୍ଖ' ମାଧ୍ୟମ ଦ୍ୱାରା ତାହା କରିଥିଲେ ଏବଂ ସେଥିରେ ମରଣଶୀଳ, ସ୍ଖଳନୀୟ ପାତ୍ରମାନଙ୍କୁ ବ୍ୟବହାର କରି ସେ ହଜା ଆତ୍ମାମାନଙ୍କୁ ରକ୍ଷା କରିବା ପାଇଁ ସେମାନଙ୍କୁ ମନୋନୀତ କଲେ । ତେଣୁ କରି ପ୍ରଚାର କରିବା ବା ଅନ୍ୟମାନଙ୍କୁ ସୁସମାଚାର ଜଣାଇବା ଅତି ଗୁରୁତ୍ୱପୂର୍ଣ୍ଣ । ଯେପରି ପ୍ରେରିତ ପାଉଲ ବୁଝାଇଛନ୍ତି, ଅନେକେ ଉଭୟ ସମ୍ବାଦକୁ ଓ ପ୍ରଚାରକୁ ମୂର୍ଖତା ବୋଲି ମନେ କରିପାରନ୍ତି । କିନ୍ତୁ ଯେଉଁମାନେ ଆହୂତ, ସେମାନଙ୍କ ନିକଟରେ ଉଭୟ ସମ୍ବାଦ ଓ ଏହାର ପ୍ରଚାର ଖ୍ରୀଷ୍ଟଙ୍କୁ ପ୍ରକାଶ କରେ, ଯେ କି ଈଶ୍ୱରଙ୍କ ଶକ୍ତି ଓ ଈଶ୍ୱରଙ୍କ ଜ୍ଞାନସ୍ୱରୂପ ଅଟନ୍ତି (୧କରିନ୍ଥୀୟ ୧:୨୪) । ସେହି ପ୍ରକାରେ, ଈଶ୍ୱର ଆଦେଶ ଦେଇଛନ୍ତି ଯେ ଲିଖିତ ଶାସ୍ତ୍ରବାକ୍ୟ ମାଧ୍ୟମରେ ଈଶ୍ୱରଙ୍କର ଶକ୍ତି ଓ ଜ୍ଞାନ ଆମମାନଙ୍କ ଜୀବନ ମଧ୍ୟକୁ ଆସିବା ଆବଶ୍ୟକ । ଏହା ଏକ ନିଗୁଢ଼ତତ୍ତ୍ୱ ଯେ, ବାଇବଲର ପୃଷ୍ଠାଗୁଡ଼ିକରେ ଲିଖିତ ପଦଗୁଡ଼ିକ ଦ୍ୱାରା ଆମମାନଙ୍କ ଜୀବନ ମଧ୍ୟକୁ ଶକ୍ତି ଓ ଜ୍ଞାନ ସଞ୍ଚାରିତ ହୋଇଥାଏ । କିପରି ସାଧାରଣ ଶବ୍ଦଗୁଡ଼ିକ, ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକ, ବାଇବଲର ଶବ୍ଦାବଳୀ ହୋଇଥିବାରୁ ହଠାତ୍ ସ୍ୱର୍ଗୀୟ ମୂଲ୍ୟ ପ୍ରାପ୍ତ ହୋଇଥାନ୍ତି ? ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକ ସାଧାରଣ, କିନ୍ତୁ ସେମାନେ ପ୍ରକାଶ କରୁଥିବା ସତ୍ୟସମୂହ ସ୍ୱର୍ଗୀୟ ଅଟନ୍ତି । ମନୁଷ୍ୟ ଶବ୍ଦଗୁଡ଼ିକୁ ଏକତ୍ରୀକରଣ କରିଛି, ହେଲେ ଈଶ୍ୱର ଉପସ୍ଥାପିତ ସତ୍ୟକୁ ଅନୁପ୍ରେରିତ କରିଛନ୍ତି । ଯେତେବେଳେ ଆମେ ଧର୍ମଶାସ୍ତ୍ରରେ ବ୍ୟକ୍ତ ସତ୍ୟସମୂହକୁ ବୁଝୁ ଓ ଗ୍ରହଣ କରୁ, ଈଶ୍ୱରଙ୍କ ଜ୍ଞାନ ଓ ଶକ୍ତିରେ ଆମେ ପ୍ରବେଶ କରୁ ଓ ସେସବୁକୁ ଅନୁଭବ କରୁ ।

## ସମସ୍ତ ଶାସ୍ତ୍ର 'ଈଶ୍ୱର-ନିଶ୍ୱସିତ'

**୨ତୀମଥି ୩: ୧୫, ୧୬**

**୧୫ ପୁଣି, ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ତୁମ୍ଭକୁ ପରିତ୍ରାଣଜନକ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳଠାରୁ ଜ୍ଞାତ ଅଛ ।**

**୧୬ ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।**

ଏଠାରେ ପ୍ରେରିତଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ 'ଧର୍ମଶାସ୍ତ୍ର' ଲିଖିତ ଧର୍ମଶାସ୍ତ୍ରକୁ ବୁଝାଏ । ସେ କହନ୍ତି ଯେ, *''ସମସ୍ତ ଶାସ୍ତ୍ର ଈଶ୍ୱରନିଶ୍ୱସିତ''*, ଅର୍ଥାତ୍ ଧର୍ମଶାସ୍ତ୍ର ଈଶ୍ୱରଙ୍କ ଦ୍ୱାରା ରଚିତ । ଯଦିବା ମନୁଷ୍ୟମାନେ ଶବ୍ଦଗୁଡ଼ିକୁ ଲେଖିଥିଲେ, ଈଶ୍ୱର ସମ୍ବାଦର ଉତ୍ସ ଅଟନ୍ତି ଓ ତାହା ସେ ଅନୁପ୍ରେରିତ କରିଛନ୍ତି । ପ୍ରେରିତ ପିତର ମଧ୍ୟ ଏହି ବିଷୟକୁ ସାମାନ୍ୟ ଭିନ୍ନ ଭାବରେ ବର୍ଣ୍ଣନା କରିଛନ୍ତି । *''ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ ସ୍ୱତନ୍ତ୍ର ଭାବରେ ବ୍ୟାଖ୍ୟା କରିବାର ବିଷୟ ନୁହେଁ, କାରଣ କୌଣସି ଭାବବାଣୀ କେବେହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ, ମାତ୍ର ଈଶ୍ୱରପ୍ରେରିତ ମନୁଷ୍ୟମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ''* (୨ପିତର ୧: ୨୦-୨୧) । ସମଗ୍ର ଧର୍ମଶାସ୍ତ୍ର ଭାବବାଣୀ ସଦୃଶ କାରଣ ତାହା ଈଶ୍ୱରଙ୍କ ଆତ୍ମାଙ୍କ ଅନୁପ୍ରେରଣାରେ ଜନ୍ମ ନେଇଛି । ଲିଖିତ ବାକ୍ୟ ଈଶ୍ୱର ନିଶ୍ୱସିତ । ଏହି ବିଷୟକୁ ଯଦି ଆପଣ ହୃଦୟର ସହିତ ବିଶ୍ୱାସ କରିବେ, ଧର୍ମଶାସ୍ତ୍ର ସମ୍ପର୍କରେ ଆପଣଙ୍କ ଦୃଷ୍ଟିଭଙ୍ଗୀରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିବ । ଆପଣ ଯଦି ପ୍ରକୃତରେ ବିଶ୍ୱାସ କରୁଛନ୍ତି ଯେ ଧର୍ମଶାସ୍ତ୍ର ଈଶ୍ୱର-ନିଶ୍ୱସିତ ତେବେ ଆପଣ ଆପଣଙ୍କ ଜୀବନରେ ଏହାକୁ ଅଗ୍ରାଧିକାର ଦେବେ । ବାଇବଲ ଖୋଲିବା ସମୟରେ ଆପଣ ନିଶ୍ଚିତ ରହିବେ ଯେ ଏହି ବିଶ୍ୱର ଈଶ୍ୱର ଆପଣଙ୍କୁ ତାଙ୍କର ଚିନ୍ତାସବୁକୁ ବ୍ୟକ୍ତ କରୁଛନ୍ତି । ତାଙ୍କର ଅସୀମ ଜ୍ଞାନରେ, ଆମର ପାର୍ଥିବ ଜୀବନ ନିମନ୍ତେ ଯେତିକି ଅତ୍ୟାବଶ୍ୟକ ଓ ପର୍ଯ୍ୟାପ୍ତ ବୋଲି ସେ ଜାଣନ୍ତି ସେତିକି ବିଷୟ ହିଁ ସେ ଏହି ଧର୍ମଶାସ୍ତ୍ରରେ ସ୍ଥାନ ଦେଇଛନ୍ତି । ଧର୍ମଶାସ୍ତ୍ରରେ ଆମ ନିମନ୍ତେ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଉପଦେଶ ରହିଛି ।

## ଧର୍ମଶାସ୍ତ୍ର - ଈଶ୍ୱରଙ୍କ ଆଡ଼କୁ ଖୋଲୁଥିବା ଆମର ଝରକା

**ଗୀତସଂହିତା ୧୧୯:୧୮**

**ତୁମ୍ଭେ ମୋହର ଚକ୍ଷୁ ପ୍ରସନ୍ନ କର, ତହିଁରେ ମୁଁ ତୁମ୍ଭ ବ୍ୟବସ୍ଥାରୁ ଆଶ୍ଚର୍ଯ୍ୟ ବିଷୟମାନ ଦେଖିପାରିବି ।**

ଧର୍ମଶାସ୍ତ୍ର ଆମମାନଙ୍କୁ ଜୀବିତ ଈଶ୍ୱରଙ୍କ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ଏଥିରେ ଈଶ୍ୱରଙ୍କ ସ୍ୱଭାବ, ଚରିତ୍ର, ଗୁଣାବଳୀ ଓ ତାଙ୍କ ହୃଦୟ ପ୍ରକାଶିତ ହୋଇଛି । ଧର୍ମଶାସ୍ତ୍ରର ପୃଷ୍ଠାଗୁଡ଼ିକରେ ଈଶ୍ୱର କିଏ, ସେ କ'ଣ କରନ୍ତି, ତାଙ୍କର ମନୋଭାବ ଓ ତାଙ୍କର ଇଚ୍ଛା ସମ୍ପର୍କୀୟ ଅନ୍ତର୍ଦୃଷ୍ଟି ଆମେ ପାଇଥାଉ । ପରିଣାମତଃ, ଧର୍ମଶାସ୍ତ୍ର ଦ୍ୱାରା ହିଁ ଆମେ ଈଶ୍ୱରଙ୍କୁ ଜାଣିଥାଉ ଓ ତାହାଙ୍କ ସଙ୍ଗେ ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରୁ । ସମ୍ପର୍କ ଜ୍ଞାନ ଉପରେ ପର୍ଯ୍ୟବେଶିତ । ବ୍ୟକ୍ତିଗତ ଜ୍ଞାନ ନ ରହିଲେ, ସମ୍ପର୍କ ଗଢ଼ିବା ସମ୍ଭବ ହୋଇ ନ ଥାଏ । ଅଧିକନ୍ତୁ, ଜ୍ଞାନ ବା ଘନିଷ୍ଠତାର ଗଭୀରତା, ସମ୍ପର୍କରେ ରହିଥିବା ଗଭୀରତାକୁ ନିରୂପଣ କରିଥାଏ । ତେଣୁ, ଜୀବିତ ଈଶ୍ୱରଙ୍କ ସଙ୍ଗେ ଏକ ଗଭୀର ଓ ନିବିଡ଼ ସମ୍ପର୍କ ରକ୍ଷା କରିବାକୁ ହେଲେ, ଧର୍ମଶାସ୍ତ୍ରରେ ସେ ଯେପରି ଭାବରେ ପ୍ରକାଶିତ ହୋଇଅଛନ୍ତି, ତାଙ୍କୁ ସେହିପରି ନିବିଡ଼ ଭାବରେ ଜାଣିବା ଆବଶ୍ୟକ । ବାଇବଲର ପୃଷ୍ଠାଗୁଡ଼ିକ ଖୋଲିବା ଅତ୍ୟନ୍ତ ଆଗ୍ରହଜାତକାରୀ ହୋଇଥାଏ, କାରଣ ସେସବୁ ଈଶ୍ୱରଙ୍କ ଆଡ଼କୁ ଖୋଲୁଥିବା ଆମର ଝରକା ସଦୃଶ । ଯେତେବେଳେ ଆମେ ପଢୁଥିବା ଶାସ୍ତ୍ରାଂଶର ପଶ୍ଚାତ୍‌ରେ ଥିବା ବିଷୟକୁ ଦେଖିବା ପାଇଁ ଆମର

ଚକ୍ଷୁ ଖୋଲିଯାଏ, ଆମେମାନେ ଆମ ଈଶ୍ୱରଙ୍କର ପ୍ରଭା ଓ ମହିମା ସମ୍ପର୍କରେ ଜ୍ଞାନପ୍ରାପ୍ତ ହୋଇଥାଉ । ଈଶ୍ୱରଙ୍କ ସମ୍ବନ୍ଧିତ ଯେ କୌଣସି ବିଷୟରେ ଆମର ଅନୁଭୂତିଲବ୍ଧ ଜ୍ଞାନ, ବା ଅନ୍ୟମାନଙ୍କ ମତାମତ ଇତ୍ୟାଦି ସବୁବେଳେ ନିର୍ଭୁଲ ହୋଇ ନ ଥାଏ । ଏହା ସତ୍ୟ ଯେ ଈଶ୍ୱର ଅନ୍ୟାନ୍ୟ ସ୍ଥାନରେ ସୁଦ୍ଧା ଆପଣାକୁ ପ୍ରକାଶ କରିଛନ୍ତି, ଯେପରି, ତାଙ୍କ ସୃଷ୍ଟିରେ । ତାହା ସତ୍ତ୍ୱେ, ଅନ୍ୟାନ୍ୟ ଉତ୍ସରୁ ଆମେ ଯେଉଁସବୁ ତଥ୍ୟ ସଂଗ୍ରହ କରୁ ସେସବୁକୁ ପ୍ରଥମେ ଧର୍ମଶାସ୍ତ୍ରର ଆଲୋକରେ ଅନୁସନ୍ଧାନ କରିବା ଆବଶ୍ୟକ ।

## ଧର୍ମଶାସ୍ତ୍ର- ଆମର ମାନକ ଓ ଆଦର୍ଶ

**ଗୀତସଂହିତା ୧୧୯ :୧୩୩**
**ତୁମ୍ଭ ବାକ୍ୟାନୁସାରେ ମୋ' ପାଦଗତି ସଜାଡ଼ ଓ ମୋ ଉପରେ କୌଣସି ଅଧର୍ମକୁ ରାଜତ୍ୱ କରିବାକୁ ଦିଅନାହିଁ ।**

ଜଗତରେ କେଉଁଟି ଠିକ୍ ଓ କେଉଁଟି ଭୁଲ ଏହା ନିର୍ଣ୍ଣୟ କରିବା ପାଇଁ ଲୋକମାନେ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ରଖି ନ ଥାନ୍ତି । ତେବେ ଆମେ ଈଶ୍ୱରଙ୍କ ବାକ୍ୟକୁ ଆମର ମାନକ ଭାବରେ ଗ୍ରହଣ କରିଥାଉ । ଜୀବନ ସମ୍ପର୍କିତ ସମସ୍ତ ବିଷୟରେ ଧର୍ମଶାସ୍ତ୍ର ଯାହା କହେ ତାହା ସତ୍ୟ ବୋଲି ଆମେ ବିଶ୍ୱାସ କରିଥାଉ । ଈଶ୍ୱରଙ୍କ ବାକ୍ୟ ଯାହା ଯଥାର୍ଥ ଓ ମହତ୍ କହେ, ଆମେ ତାହା ଯଥାର୍ଥ ଓ ମହତ୍ ବିବେଚନା କରୁ । ବାକ୍ୟ ଯାହା ଭୁଲ କହେ, ଆମେ ମଧ୍ୟ ତାହା ଭୁଲ ବୋଲି ବିଚାର କରୁ । ଧର୍ମଶାସ୍ତ୍ର ଯେଉଁସବୁ ନୈତିକ ମାନଦଣ୍ଡ ସ୍ଥାପନ କରିଛି ତାକୁ ଆମେ 'ତର୍କସମ୍ମତ' ବା ଯୁକ୍ତିସଙ୍ଗତ, 'ଉଦାରନୀତିକ' (ଉଦାରମନା ହେବାର ଉଦ୍ୟମ) ବା 'ପ୍ରାସଙ୍ଗିକ' (ସାଂସ୍କୃତିକ ବା ସାମାଜିକଭାବେ ସୁସଂଗତ) କରିବାର ପ୍ରଚେଷ୍ଟା କରି  ନ ଥାଉ । ଧର୍ମଶାସ୍ତ୍ର ଯାହା କହେ ସେଥିରେ କିଛି କୋହଳ କରିବାକୁ ଆମେ କେବେ ଚାହିଁ ନ ଥାଉ ।

ଈଶ୍ୱରଙ୍କ ବାକ୍ୟ ଆମର ମାର୍ଗଦର୍ଶକ । ଧର୍ମଶାସ୍ତ୍ରର ନିର୍ଦ୍ଦେଶ ଅନୁସାରେ ଆମେ ଆମର ଜୀବନକୁ ଗଢ଼ିଥାଉ । ଧର୍ମଶାସ୍ତ୍ରରେ ସ୍ୱାମୀ, ସ୍ତ୍ରୀ, ପିତାମାତା, ସନ୍ତାନ, ନିଯୁକ୍ତିଦାତା, କର୍ମଚାରୀ, ସେବକ ଓ ବିଶ୍ୱାସୀମାନଙ୍କ ନିମନ୍ତେ ସାଧାରଣ ଭାବରେ ଚିରାଚରିତ ରୀତିର ଉଲ୍ଲେଖ ରହିଛି । ଆମେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଆମମାନଙ୍କ ଆଚରଣ, ଜୀବନ ଶୈଳୀ, ଆମର ମୂଲ୍ୟବୋଧସବୁକୁ, ଆମର ବିଶ୍ୱାସକୁ, ଆମର ଲକ୍ଷ୍ୟସବୁକୁ ଓ ଉଚ୍ଚାଭିଳାଷକୁ ଧର୍ମଶାସ୍ତ୍ରର ନୀତିରେ ଯଥାସାଧ୍ୟ ପରିଚାଳିତ କରିଥାଉ । ତାହାଙ୍କ ବାକ୍ୟ ଦ୍ୱାରା ଆମର ସାରା ଜୀବନକୁ ଆମେ ନିର୍ଦ୍ଦେଶ ଦେଇଥାଉ ।

## ଧର୍ମଶାସ୍ତ୍ର - ଆମର ଅଧିକାର

**ଗୀତସଂହିତା ୧୧୯ : ୧୦୧**
**ମୁଁ ଯେପରି ତୁମ୍ଭର ବାକ୍ୟ ପାଳନ କରିବି, ଏଥିପାଇଁ ପ୍ରତ୍ୟେକ କୁପଥରୁ ମୁଁ ଆପଣା ପାଦ ଅଟକାଇଅଛି ।**

ଆମମାନଙ୍କ ଜୀବନର ଅନ୍ତିମ ଅଧିକାର ଭାବରେ ଆମେ ଧର୍ମଶାସ୍ତ୍ର ନିକଟରେ ନିଜକୁ ସମର୍ପିତ କରିଥାଉ । ଯଦିବା ମନୁଷ୍ୟକୃତ କୌଣସି ନୀତିନିୟମ ଆମକୁ ସଂଶୋଧନ କରି ନ ଥାଏ, ଆମେ ବାକ୍ୟର ସଂଶୋଧନ ନିକଟରେ ନିଜକୁ ସମର୍ପିତ କରିଥାଉ । କେହି ଜଣେ ଆମର ଭୁଲଭ୍ରାନ୍ତି ଦେଖାଇଦେବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରି ନ ଥାଉ, ଯଦିବା ଏହା ବେଳେବେଳେ ଆବଶ୍ୟକ ହୋଇଥାଏ । ଆମେ ଯଦି ଜାଣି ପାରିଲୁ ଯେ ଆମେ ଯାହା କରୁଛୁ ତାହା ବାକ୍ୟାନୁଯାୟୀ ଭୁଲ ଅଟେ, ତେବେ ଆମେ ତାକୁ ସୁଧାରିବାକୁ ଚାହିଁଥାଉ ଯେପରି କି ଆମେ ବାକ୍ୟର ଆଜ୍ଞାବହ ହେବା । ଆମେମାନେ

ଜୀବନକୁ ଶୃଙ୍ଖଳିତ କରିବାକୁ ଚାହୁଁ ଯେପରି କି ଆମେ ବାକ୍ୟାନୁଯାୟୀ ଚାଲିପାରିବା । ଈଶ୍ୱରଙ୍କ ବାକ୍ୟ ନିକଟରେ ସମର୍ପିତ ହେବାର ଅର୍ଥ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ଧର୍ମଶାସ୍ତ୍ରର ଉପଦେଶ ବିରୁଦ୍ଧରେ ଯିବାର ଅର୍ଥ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହୀ ହେବା । ପ୍ରଭୁ ଯୀଶୁ କହନ୍ତି *''ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି; ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷ ଦିନରେ ତାହାର ବିଚାର କରିବ''* (ଯୋହନ ୧୨:୪୮) । ଈଶ୍ୱରଙ୍କ ବାକ୍ୟ ଆଇନ ସଦୃଶ କାର୍ଯ୍ୟ କରିବ ଯାହାଦ୍ୱାରା ସମସ୍ତ ମନୁଷ୍ୟ ବିଚାରିତ ହେବେ ।

ବର୍ତ୍ତମାନ ସମୟ ଆସିଛି, ଈଶ୍ୱରଙ୍କ ଲୋକମାନେ ଈଶ୍ୱରଙ୍କ ଲିଖିତ ବାକ୍ୟ ପ୍ରତି ଏକ ଭକ୍ତିଭାବପୂର୍ଣ୍ଣ ଭୟ ରଖିବାକୁ ହେବ । ଆମେମାନେ କେବେହେଲେ ଈଶ୍ୱରଙ୍କର ଅନୁଗାମୀ ହୋଇପାରିବା ନାହିଁ ଯଦି ଆମମାନଙ୍କ ଜୀବନରେ ଆମେ ଈଶ୍ୱରଙ୍କ ବାକ୍ୟର ଅଧିକାର ନିକଟରେ ସମର୍ପିତ ହୋଇ ନାହୁଁ । ଅନେକ  ବିଷୟ ଆମମାନଙ୍କ ଶରୀର ନିମନ୍ତେ ଆନନ୍ଦଦାୟକ ବା ଆମମାନଙ୍କ ବିଚାରରେ ଗ୍ରହଣୀୟ ବୋଲି ଧର୍ମଶାସ୍ତ୍ରର ବିପରୀତ କାର୍ଯ୍ୟସବୁ କରିଚାଲିବା ଦ୍ୱାରା ଆମେମାନେ 'ଦୃଢ଼ବିଶ୍ୱାସୀ' ହୋଇପାରିବା ନାହିଁ । ବିଶ୍ୱାସୀ ଭାବରେ ଆମମାନଙ୍କର ସମସ୍ତ ଅନୁଭବ ଓ ଯୁକ୍ତିତର୍କକୁ ଧର୍ମଶାସ୍ତ୍ରର ବଶବ□ୀକରଣ କରିବା ବିଷୟ ଆମେ ଶିକ୍ଷା କରିବାକୁ ହେବ । ଆମେମାନେ ସମସ୍ତ ମନ୍ଦତାରୁ ଦୂରେଇ ରହୁ ଓ ବାକ୍ୟାନୁଯାୟୀ ଜୀବନ ଯାପନ କରୁ କାରଣ ଏହାହିଁ ଆମର ଅନ୍ତିମ ଅଧିକାର ଅଟେ ।

## ବାକ୍ୟ ପ୍ରଚୁର ଭାବେ ବାସ କରୁ

**କଲସୀୟ ୩:୧୬**
**ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କଠାରେ ବାସ କରୁ; ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର ।**

ଈଶ୍ୱରଙ୍କ ବାକ୍ୟ ଆମ ବିଶ୍ୱାସର ମୂଳଦୁଆ ଅଟେ । ଆତ୍ମିକ ଅଭିବୃଦ୍ଧି ଓ ପରିପକ୍ୱତା ନିମନ୍ତେ ଏହା ଅତ୍ୟାବଶ୍ୟକ ଉପାଦାନ । ଆମେମାନେ ଖ୍ରୀଷ୍ଟଙ୍କଠାରେ ରହିବା ଓ ତାଙ୍କର ବାକ୍ୟ ଆମମାନଙ୍କଠାରେ ରହିବା ଆବଶ୍ୟକ (ଯୋହନ ୧୫:୭) । ଆପଣଙ୍କୁ ଆମର ପରାମର୍ଶ ଏହି ଯେ, ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ଆପଣଙ୍କଠାରେ ବାସ କରୁ । ଧର୍ମଶାସ୍ତ୍ରକୁ ଅନୁସନ୍ଧାନ, ଅଧ୍ୟୟନ ଓ ଧ୍ୟାନ କରିବାରେ ଯଥେଷ୍ଟ ସମୟ ଦିଅନ୍ତୁ । ପବିତ୍ର ଆତ୍ମାଙ୍କୁ ଭିକ୍ଷା କରନ୍ତୁ ଯେପରି ସେ ଅନ୍ତର୍ଦୃଷ୍ଟି ଓ ପ୍ରକାଶନ ଦେବେ । ଆପଣଙ୍କ ହୃଦୟରେ ଏହି ପ୍ରକାଶନଜନିତ ଜ୍ଞାନ ପ୍ରଚୁର ମାତ୍ରାରେ ସଞ୍ଚିତ ହୋଇ ରହୁ । ଆପଣ ବାରମ୍ବାର ଯାହା ଶିକ୍ଷା କରିଛନ୍ତି ତା'ର ସମୀକ୍ଷା କରନ୍ତୁ । ଈଶ୍ୱରଙ୍କ ଆତ୍ମା ଆପଣଙ୍କୁ ଯେଉଁସବୁ ଆତ୍ମିକ ସତ୍ୟ ବୋଧଗମ୍ୟ କରାଇଛନ୍ତି ସେସବୁକୁ ବାରମ୍ବାର ସ୍ମରଣ କରନ୍ତୁ । ବାକ୍ୟକୁ ବ୍ୟବହାର କରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର  ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଗାନ କରନ୍ତୁ । ଅନ୍ୟାନ୍ୟ ବିଶ୍ୱାସୀମାନଙ୍କୁ ବାକ୍ୟଦ୍ୱାରା ଶିକ୍ଷା ଓ ଉତ୍ସାହ  ଦିଅନ୍ତୁ । ଆପଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରକାଶନ ଜ୍ଞାନର ପୂର୍ଣ୍ଣ ଉପଯୋଗ କରନ୍ତୁ, ପାଳନ କରନ୍ତୁ । ଏହିସବୁ ଦ୍ୱାରା ଆପଣ ଏକ ଦୃଢ଼ ମୂଳଦୁଆ ପକାଇବେ, ଯାହା ଉପରେ ଆପଣଙ୍କ ଖ୍ରୀଷ୍ଟୀୟ ଅନୁଭୂତି ଗଢ଼ି ଉଠିବ ।

ପ୍ରଭୁ କହନ୍ତି, ଯେଉଁ ବ୍ୟକ୍ତି ବାକ୍ୟ ଶୁଣେ ଓ ପାଳନ କରେ, ସେ ପାଷାଣ ଉପରେ ଗୃହ ନିର୍ମାଣକାରୀ ଜଣେ ବୁଦ୍ଧିମାନ ଲୋକ ସଦୃଶ (ମାଥିଉ ୭: ୨୪, ୨୫) । ଆପଣଙ୍କ ଜୀବନକୁ ଆପଣ କେଉଁ ପ୍ରକାର ମୂଳଦୁଆ ଉପରେ ଗଢୁଛନ୍ତି ?

# ୨. ଈଶ୍ୱରଙ୍କ ବାକ୍ୟ: ଏହାର ଶୁଦ୍ଧତା ଓ ଶକ୍ତି

ମନିପାଲ୍‌ର ଏକ କଲେଜରେ ମୁଁ ଚାରିବର୍ଷ ଅଧ୍ୟୟନ କରିଥିଲି ଏବଂ ଏହି ବର୍ଷଗୁଡ଼ିକ ଆମ ପାଇଁ ଆନନ୍ଦ ଉଦ୍ଦୀପନାର ବର୍ଷ ଥିଲା । ପଢ଼ାର ଶେଷଭାଗରେ ଅନେକ ଆଶ୍ଚର୍ଯ୍ୟ ବିଷୟମାନ ଘଟିଥିଲା । ସବୁଠୁ ଉଲ୍ଲେଖନୀୟ ବିଷୟ ଥିଲା ଈଶ୍ୱର କଲେଜ ଛାତ୍ରଥିବା ଆମମାନଙ୍କ ମଧ୍ୟରୁ କେତେକ ଯୁବକମାନଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ସକ୍ଷମ କଲେ ଯଦ୍ଦ୍ୱାରା ଆଗାମୀ ସମୟରେ ଛାତ୍ର ସମ୍ପ୍ରଦାୟରେ ଏକ ଦୃଢ଼ ଖ୍ରୀଷ୍ଟୀୟ ସହଭାଗିତା ସ୍ଥାପିତ ହେବା ନିମନ୍ତେ ପ୍ରାଥମିକ କାର୍ଯ୍ୟ କରାଯାଇ ପାରିଥିଲା । ଶିକ୍ଷା ବର୍ଷ ଶେଷ ହେବା ପରେ ମୋର ସାଙ୍ଗମାନେ ନିଜ ନିଜ ଗୃହକୁ ଚାଲିଗଲେ ।  ମୁଁ ଜାଣିଲି ଯେ ଏହି ସମୟରେ ଛାତ୍ରାବାସସବୁ ଶାନ୍ତ ରହିବ, ତେଣୁ ମୁଁ ସେଠାରେ କିଛି ଦିନ ରହିଯିବାକୁ ନିଷ୍ପତ୍ତି ନେଲି, ଯେପରି କି ମୁଁ ପ୍ରଭୁଙ୍କ ସଙ୍ଗେ ଏକାନ୍ତ ସମୟ ବିତାଇ ପାରିବି । ମୁଁ ବିଶେଷ କରି ମୋର ଭବିଷ୍ୟତ ନିମନ୍ତେ ଓ ମୋ ଆଗରେ କ'ଣ ରହିଛି, ଯାହା ମୁଁ ଜାଣି ନ ଥିଲି, ସେସବୁ ନିମନ୍ତେ ପ୍ରାର୍ଥନା କରିବାକୁ ଚାହୁଁଥିଲି । କିଛିଦିନ ପ୍ରାର୍ଥନା କଲାପରେ ମୋ ଆତ୍ମାରେ ଯିଶାଇୟ ୪୫:୧-୩ ଗଭୀର ପ୍ରଭାବ ପକାଇଲା । ମୋ ନିମନ୍ତେ ଏହା 'ଭିତ୍ତିପ୍ରସ୍ତର ଶାସ୍ତ୍ରାଂଶ' ଥିଲା, ଯାହା ମୋ ହୃଦୟରେ ବିଶେଷ ସ୍ଥାନ ଅଧିକାର କରିଛି । ଏହାର ଅର୍ଥ ଓ ମୋ ଜୀବନରେ ଏହାର ପ୍ରୟୋଗକୁ ମୁଁ ବୁଝି ପାରିଥିଲି ।

ଏହି ପ୍ରତିଜ୍ଞାର ଅଂଶ ସ୍ୱରୂପେ, ପ୍ରଭୁ କହିଲେ ଯେ ସେ ଆମମାନଙ୍କ ଆଗେ ଆଗେ ଗମନ କରିବେ ଓ ଆମମାନଙ୍କ ନିମନ୍ତେ କବାଟସବୁ ଖୋଲିବେ, ଏବଂ ଏହି ଦ୍ୱାରସବୁ ବନ୍ଦ ନୋହିବ । ତା' ପରଠାରୁ ମୁଁ ଅନେକ ଥର ଅସାଧ୍ୟତା ଓ 'ବନ୍ଦ ଦ୍ୱାରସବୁ'ର ସାମ୍ନା କରିଛି । ବିଶ୍ୱବିଦ୍ୟାଳୟରେ ନାମଲେଖା ଓ ଆର୍ଥିକ ସହାୟତା ପାଇବା ପାଇଁ ବା ଅନ୍ୟ ଦେଶମାନଙ୍କୁ ଯିବା ପାଇଁ ଭିସା ଯୋଗାଡ଼ କରିବାକୁ ବା ଏକ ବ୍ୟକ୍ତିଗତ ଆର୍ଥିକ ସଂକଟରୁ ମୁକୁଳିବା ପାଇଁ ଏବଂ ଅନ୍ୟାନ୍ୟ ଅନେକ ଦୁଃସାଧ୍ୟ ପରିସ୍ଥିତି ସମୟରେ ବାରମ୍ବାର ମୁଁ ଏହି ଶାସ୍ତ୍ରାଂଶ ନିକଟକୁ ଫେରି ଆସିଛି ଓ ଈଶ୍ୱରଙ୍କ ସାନ୍ନିଧ୍ୟରେ ଠିଆ ହୋଇଛି, ଯେହେତୁ ସେ ଏହା ପ୍ରତିଜ୍ଞା କରିଛନ୍ତି ସେ ଏହା ସାଧନ କରିବେ ବୋଲି ମୁଁ ସ୍ୱୀକାର କରୁଥିଲି । ଧର୍ମଶାସ୍ତ୍ରର ଏହି ଶାସ୍ତ୍ରାଂଶକୁ ଓ ଖ୍ରୀଷ୍ଟରେ ମୋତେ ଦିଆ ଯାଇଥିବା ଅଧିକାରକୁ ନେଇ ମୁଁ ବିଭିନ୍ନ ପରିସ୍ଥିତି ଓ ଅବସ୍ଥାର ପରିବର୍ତ୍ତନ ପାଇଁ ଦାବି କରିଛି ଓ ସେସବୁ ବଦଳିଯିବା ଦେଖିଛି । ଏହି ଶାସ୍ତ୍ରାଂଶର ଶୁଦ୍ଧତା ଓ ଶକ୍ତି ଉପରେ ମୁଁ ଏତେଦୂର ନିର୍ଭରଶୀଳ ଥିଲି ଯେ ଏକ ବିଚାରବନ୍ତ ମନ ନିକଟରେ ଏହା ଅଯୌକ୍ତିକ ବା ମୂର୍ଖତା ମନେ ହୋଇପାରେ । ଏବଂ ମୁଁ ଆନନ୍ଦରେ ସାକ୍ଷ୍ୟଦାନ କରେ ଯେ ଈଶ୍ୱରଙ୍କ ବାକ୍ୟ କେବେ ବିଫଳ ହୋଇ ନାହିଁ । ସେହିପରି, ସମଗ୍ର ଜଗତରେ ଅସଂଖ୍ୟ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ସାକ୍ଷ୍ୟସବୁ ମାଧ୍ୟମରେ ପ୍ରକାଶ କରିବେ ଯେ ସେମାନେ କିପରି ଅନେକ ଆହ୍ୱାନର ଓ କଠିନତାର ସମ୍ମୁଖୀନ ହୋଇଥିଲେ, କିପରି ସେମାନେ ଈଶ୍ୱରଙ୍କର ଅଭ୍ରାନ୍ତ ବାକ୍ୟ ଉପରେ ବିଶ୍ୱାସ ସ୍ଥାପନ କଲେ ଏବଂ କିପରି ଈଶ୍ୱର ତାଙ୍କର ବାକ୍ୟର ଶକ୍ତିରେ ସେମାନଙ୍କୁ ଜୟ ପ୍ରଦାନ କରିଥିଲେ ।

ଏପରି ଗୋଟିଏ ସ୍ଥାନ ଅଛି ଯେଉଁଠିକି ଆମେ ଯାଇପାରିବା । ସେଠାରେ ଆମେ ଈଶ୍ୱରଙ୍କ ବହୁମୂଲ୍ୟ ବାକ୍ୟକୁ ପ୍ରେମ ଓ ଭକ୍ତି କରୁ; ସେଠାରେ ଆମର ହୃଦୟ ଈଶ୍ୱରଙ୍କ ବାକ୍ୟର ଅଖଣ୍ଡତା ଓ ଶକ୍ତିରେ ପ୍ରଶ୍ନାତୀତ ଭରସା ରଖେ; ସେଠାରେ ଆମେ ତାଙ୍କର ବାକ୍ୟକୁ ସବୁ ବିଷୟର ଊର୍ଦ୍ଧ୍ୱରେ ସ୍ଥାନ ଦେଇଥାଉ; ସେଠାରେ ବାକ୍ୟ ଆମର ଚରିତ୍ରକୁ ପରିବର୍ତ୍ତନ କରେ, ଆମର ଚିନ୍ତାଧାରାକୁ ବଦଳାଇ ଦିଏ ଓ ଆମର କାର୍ଯ୍ୟକଳାପକୁ ପଥ ଦେଖାଏ; ସେଠାରେ ଆମର ହୃଦୟ ବାକ୍ୟ ପ୍ରଦାନ କରୁଥିବା

ଆତ୍ମିକ ଜ୍ଞାନ ପାଇବା ପାଇଁ ବ୍ୟାକୁଳ ଓ କ୍ଷୁଧିତ ହୁଏ; ସେଠାରେ ଧର୍ମଶାସ୍ତ୍ରରେ ପ୍ରକାଶିତ ଈଶ୍ୱରଙ୍କ ମହିମାକୁ ଦେଖିବା ପାଇଁ ଆମେ ଲାଳାୟିତ ହେଉ; ସେଠାରେ ଈଶ୍ୱରଙ୍କ ବାକ୍ୟରେ ଆମେ ଅତିଶୟ ଆନନ୍ଦିତ ହୋଇଥାଉ । ଆମର ପ୍ରାର୍ଥନା ଏହି ଯେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଯେପରି ସେହି ସ୍ଥାନରେ ସର୍ବଦା ବାସ କରିବାର ଆନନ୍ଦ ଅନୁଭବ କରିବା ।

## ଈଶ୍ୱରଙ୍କ ସାର୍ବଭୌମ ହସ୍ତ

**ରୋମୀୟ ୧୧ :୩୩**
**ଆହା ! ଈଶ୍ୱରଙ୍କ ବୃଦ୍ଧି ଓ ଜ୍ଞାନରୂପ ନିଧି କେଡ଼େ ଗଭୀର ! ତାହାଙ୍କର ବିଚାରସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥସବୁ କିପରି ଅନନୁସନ୍ଧେୟ ।**

ଈଶ୍ୱରଙ୍କ ପଥସବୁ *'ଅନନୁସନ୍ଧେୟ'* ବା ମାନବ ଜ୍ଞାନର ଅତୀତ । ଈଶ୍ୱରଙ୍କ ସାର୍ବଭୌମ ହସ୍ତ ମନୁଷ୍ୟ ଇତିହାସରେ କାର୍ଯ୍ୟ କରି ଆସିଛି ଓ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଚାଲିଛି ଏବଂ ଅନେକ ସମୟରେ ତାଙ୍କର ପଥସବୁ ଗୁରୁତ୍ୱହୀନ ଓ ଅସ୍ପଷ୍ଟ ମନେହୁଏ । ବେଳେବେଳେ, ଈଶ୍ୱରଙ୍କ କାର୍ଯ୍ୟ ଅତି ନୀରସ ଓ ମାମୁଲି ଜଣାଯାଏ, ତଥାପି ସେସବୁ ଈଶ୍ୱରଙ୍କ କାର୍ଯ୍ୟ ଏବଂ ଚମତ୍କାରପ୍ରଦ ଆଶ୍ଚର୍ଯ୍ୟକର୍ମଠାରୁ ସେସବୁ କିଛି କମ୍ ନୁହନ୍ତି । ମୋଶା ଶୈଳକୁ ତାଙ୍କ ବାଡ଼ିରେ ଆଘାତ କରିବାରୁ ଯେଉଁ ଈଶ୍ୱର ଗୋଟିଏ ମୁହୂର୍ତ୍ତରେ ଶୈଳରୁ ଜଳ ନିର୍ଗତ ହେବାକୁ ଦେଇଥିଲେ, ସେ ମଧ୍ୟ ବତ୍ସଲେଇ ଓ ତାଙ୍କ ସହକର୍ମୀମାନଙ୍କ ମାଧ୍ୟମରେ ପ୍ରାନ୍ତରରେ ଅନେକ ଦିନ ଧରି ତମ୍ବୁ ମନ୍ଦିରର ନିର୍ମାଣ କାର୍ଯ୍ୟ କରିଥିଲେ (ଯାତ୍ରାପୁସ୍ତକ ୩୧ : ୧–୧୧) । ବତ୍ସଲେଇ ଓ ତାଙ୍କର ଶିଳ୍ପୀଦଳର କଠିନ ପରିଶ୍ରମକୁ ମନୁଷ୍ୟ ମନ ଈଶ୍ୱରଙ୍କ କାର୍ଯ୍ୟବିଧି ଭାବରେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥାଏ । ତଥାପି, ଈଶ୍ୱରଙ୍କ ଆତ୍ମା ହିଁ ଏହି ଶିଳ୍ପୀମାନଙ୍କୁ ଜ୍ଞାନ, ବୃଦ୍ଧି ଓ କର୍ମନୈପୁଣ୍ୟରେ ପରିପୂର୍ଣ୍ଣ କଲେ ଯେପରି କି ସେମାନେ ତମ୍ବୁ ମନ୍ଦିର ନିମନ୍ତେ ସ୍ୱର୍ଣ୍ଣ, ରୌପ୍ୟ ଓ ପିତ୍ତଳରେ କାରୁକାର୍ଯ୍ୟପୂର୍ଣ୍ଣ ଶିଳ୍ପକର୍ମ କରିବେ ।

ଏହି ସାଧାରଣ ଉଦାହରଣକୁ ନେଇ ଆମେ ନିଶ୍ଚିତତାର ସହିତ କହି ପାରିବା ଯେ ଈଶ୍ୱର ସାଧାରଣ ଲୋକମାନଙ୍କ ଜୀବନ ମାଧ୍ୟମରେ ତାଙ୍କର ସ୍ୱର୍ଗୀୟ ଉଦ୍ଦେଶ୍ୟ ସାଧନ କରୁଛନ୍ତି । ଏହାର ଅନ୍ୟ ଏକ ଉଦାହରଣ ବାଇବଲର *୬୬*ଟି ପୁସ୍ତକର ସଂକଳନରେ ମଧ୍ୟ ଦେଖାଯାଏ । ଧର୍ମଶାସ୍ତ୍ରରେ ବିଭିନ୍ନ ପୁସ୍ତକକୁ ନେଇ ଅନ୍ତର୍ଭୁକ୍ତ କରିବା ପ୍ରକ୍ରିୟାରେ ମଧ୍ୟ ଈଶ୍ୱରଙ୍କ ସାର୍ବଭୌମ ହସ୍ତ ରହିଥିଲା । ମନୁଷ୍ୟ ମନ ଏପରି ଏକ ଦାବିର ବିଧିସିଦ୍ଧତାକୁ ନେଇ ପ୍ରଶ୍ନ କରିପାରେ । କିନ୍ତୁ ଆମ ମଧ୍ୟରୁ ଯେଉଁମାନେ ବୁଝନ୍ତି ଯେ, ଯେପରି ମନୁଷ୍ୟ ନିଜର ଦୈନନ୍ଦିନ କାର୍ଯ୍ୟ କରିବାକୁ ଯାଇଥାଏ ଈଶ୍ୱର ତାଙ୍କର କାର୍ଯ୍ୟ ସେପରି ନୀରବରେ କରିଥାନ୍ତି, ସେମାନେ କେବେହେଲେ ଏପ୍ରକାର ପ୍ରଶ୍ନ କରିବେ ନାହିଁ ।

## ଆପଣା ନାମ ଅପେକ୍ଷା ମହତ୍

**ଗୀତସଂହିତା ୧୩୮ :୨**
**ମୁଁ ତୁମ୍ଭ ପବିତ୍ର ମନ୍ଦିର ଅଭିମୁଖରେ ତୁମ୍ଭର ଭଜନା କରିବି, ପୁଣି ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ତୁମ୍ଭର ସତ୍ୟତା ସକାଶେ ତୁମ୍ଭ ନାମର ଧନ୍ୟବାଦ କରିବି । କାରଣ ତୁମ୍ଭେ ଆପଣାର ସକଳ ନାମ ଅପେକ୍ଷା ଆପଣାର ବାକ୍ୟ ମହତ୍ କରିଅଛ ।**

ଈଶ୍ୱର ତାଙ୍କର ବାକ୍ୟକୁ ତାଙ୍କ ନାମ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛନ୍ତି । ସେ ତାଙ୍କ ବାକ୍ୟକୁ ତାଙ୍କ ନାମ ଅପେକ୍ଷା ମହତ୍ କରିଅଛନ୍ତି । ଈଶ୍ୱରଙ୍କ ନିମନ୍ତେ, ସେ କହିଥିବା ବାକ୍ୟ, ତାଙ୍କର ଆପଣା ସୁଖ୍ୟାତି ଅପେକ୍ଷା ଅଧିକ

ଗୁରୁତ୍ୱପୂର୍ଣ୍ଣ । କାରଣ ତାଙ୍କର ନାମ ବା ତାଙ୍କର ସୁଖ୍ୟାତି, ବସ୍ତୁତଃ ତାଙ୍କର ବାକ୍ୟ ଅଟେ ! ଏ ବିଷୟକୁ ଆମେ ବୁଝିବା ଆବଶ୍ୟକ । ତାଙ୍କର ସୁଖ୍ୟାତି ତାଙ୍କର ବାକ୍ୟ ଉପରେ ନିର୍ଭର କରେ । ଏହାର ଦୁଇଟି ନିହିତାର୍ଥ ରହିଛି । ପ୍ରଥମଟି, ଈଶ୍ୱରଙ୍କ ଅଂଶ, କାରଣ ସେ ତାଙ୍କର ବାକ୍ୟକୁ ତାଙ୍କ ନାମ ଅପେକ୍ଷା ମହତ୍ କରିଥିବାରୁ, ସେ ନିଶ୍ଚେ ସବୁମତେ ତାଙ୍କର ବାକ୍ୟକୁ ଧରି ରଖିବେ । ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ସର୍ବଶକ୍ତିମତ୍ତା, ସର୍ବବ୍ୟାପକତା ଓ ସର୍ବଜ୍ଞତା ଦ୍ୱାରା ସମର୍ଥିତ । ସେ କହନ୍ତି, *''ଆମ୍ଭେ ଆପଣା ବାକ୍ୟ ସଫଳ କରିବା ପାଇଁ ଜାଗ୍ରତ ଅଛୁ''* (ଯିରିମିୟ ୧:୧୨) । ଦ୍ୱିତୀୟଟି, ଆମର ଅଂଶ, ଆମେମାନେ ପ୍ରଭୁଙ୍କ ନାମକୁ ଜାଣିବା ପାଇଁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ତାଙ୍କ ବାକ୍ୟର ଗୁରୁତ୍ୱକୁ ମଧ୍ୟ ଜାଣିବାକୁ ହେବ । ଆମେମାନେ ତାହାଙ୍କ ନାମ ଧରି ପ୍ରାର୍ଥନା କରି, ପରିତ୍ରାଣ ପ୍ରାପ୍ତ ହୋଇଛୁ (ରୋମୀୟ ୧୦:୧୩) । ବର୍ତ୍ତମାନ ଆମେମାନେ ତାହାଙ୍କ ବାକ୍ୟକୁ ଜାଣିବା ଜାରି ରଖିବା କାରଣ ଈଶ୍ୱର ଆପଣା ନାମ ଅପେକ୍ଷା ତାଙ୍କର ବାକ୍ୟକୁ ଅଧିକ ସମ୍ମାନ ଦିଅନ୍ତି ।

## ଈଶ୍ୱରଙ୍କ ବାକ୍ୟ ତାଙ୍କର ଚରିତ୍ର ସଦୃଶ ଶକ୍ତିଶାଳୀ

**ଏବ୍ରୀ ୬: ୧୧-୧୮**

**୧୧ ମାତ୍ର ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ଯେ, ତୁମ୍ଭେମାନେ ପ୍ରତ୍ୟେକ ଶେଷ ପର୍ଯ୍ୟନ୍ତ ସୁଦ୍ଧା ଦୃଢ଼ ଭରସା ସହ ସେହିପ୍ରକାର ଯତ୍ନବାନ୍ ହୁଅ;**

**୧୨ ଯେପରି ତୁମ୍ଭେମାନେ ଶିଥିଳ ନ ହୋଇ, ଯେଉଁମାନେ ବିଶ୍ୱାସ ଓ ଧୈର୍ଯ୍ୟ ଦ୍ୱାରା ପ୍ରତିଜ୍ଞାସମୂହର ଅଧିକାରୀ, ବରଂ ସେମାନଙ୍କର ଅନୁକାରୀ ହୁଅ ।**

**୧୩ କାରଣ ଈଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ, ସେତେବେଳେ ସେ ଆଉ କୌଣସି ମହତ୍ତର ନାମ ନ ପାଇବାରୁ ଆପଣା ନାମରେ ଶପଥ କରି କହିଥିଲେ,**

**୧୪ 'ଆମ୍ଭେ ଅବଶ୍ୟ ତୁମ୍ଭକୁ ଆଶୀର୍ବାଦ କରିବା ଓ ତୁମ୍ଭର ବଂଶର ଅତିଶୟ ବୃଦ୍ଧି କରିବା ।'**

**୧୫ ଆଉ ଏହି ପ୍ରକାର ଦୀର୍ଘସହିଷ୍ଣୁ ହୋଇ ଅବ୍ରହାମ ପ୍ରତିଜ୍ଞାର ଫଳ ପ୍ରାପ୍ତ ହୋଇଥିଲେ ।**

**୧୬ ମନୁଷ୍ୟମାନେ ତ ମହତ୍ତର ନାମରେ ଶପଥ କରିଥାଆନ୍ତି, ଆଉ କଥା ସ୍ଥିର କରିବା ନିମନ୍ତେ ସେମାନଙ୍କର ସମସ୍ତ ବିବାଦର ନିଷ୍ପତ୍ତି ଶପଥ ଦ୍ୱାରା ହୁଏ ।**

**୧୭ ଏଣୁ ଈଶ୍ୱର ପ୍ରତିଜ୍ଞାର ଅଧିକାରୀମାନଙ୍କ ନିକଟରେ ଆପଣା ସଂକଳ୍ପର ଅଟଳତା ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଇଚ୍ଛା କରି ପ୍ରତିଜ୍ଞା ସହ ଶପଥ ମଧ୍ୟ କରିଥିଲେ ।**

**୧୮ ଯେପରି ଯେଉଁ ଦୁଇ ଅପରିବର୍ତ୍ତନୀୟ ବିଷୟରେ ଈଶ୍ୱରଙ୍କ ମିଥ୍ୟା କହିବା ଅସମ୍ଭବ, ତଦ୍ଦ୍ୱାରା ସମ୍ମୁଖସ୍ଥ ଭରସାକୁ ଧରିବା ନିମନ୍ତେ ଆଶ୍ରୟସ୍ଥଳକୁ ପଳାୟନ କରିଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ଦୃଢ଼ ଉତ୍ସାହ ପ୍ରାପ୍ତ ହେଉ ।**

ଈଶ୍ୱର ଯେତେବେଳେ ଅବ୍ରହାମଙ୍କ ନିକଟରେ ଏକ ପ୍ରତିଜ୍ଞା କଲେ, ସେତେବେଳେ ସେ ଆପଣା ନାମରେ ଶପଥ କରିଥିଲେ । ସେ କହିଲେ, *''ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରିବା''* ଏବଂ *''ଆମ୍ଭେ ତୁମ୍ଭର ବଂଶର ଅତିଶୟ ବୃଦ୍ଧି କରିବା''* । ଈଶ୍ୱର ଅବ୍ରହାମଙ୍କୁ *''ଦୁଇଟି ଅପରିବର୍ତ୍ତନୀୟ ବିଷୟ''* – ଅର୍ଥାତ୍ ତାଙ୍କର ପ୍ରତିଜ୍ଞା (ବାକ୍ୟ) ଓ ତାଙ୍କର ଶପଥ ଦେଇଥିଲେ । ଯେତେବେଳେ ଈଶ୍ୱର କହନ୍ତି, *''ଆମ୍ଭେ କରିବା''*, ସେ ଆମକୁ ଦୁଇଟି ଅପରିବର୍ତ୍ତନୀୟ ବିଷୟ, ଅର୍ଥାତ୍, ତାଙ୍କର ପ୍ରତିଜ୍ଞା (ତାଙ୍କର ବାକ୍ୟ) ଓ ଏହି ପ୍ରତିଜ୍ଞାକୁ ସମର୍ଥନ କରି ତାଙ୍କର ଶପଥ ବା ଅଙ୍ଗୀକାର ଦେଇଥାନ୍ତି । ଈଶ୍ୱରଙ୍କର ପ୍ରତ୍ୟେକ ବାକ୍ୟ (ପ୍ରତିଜ୍ଞା) ଏକ ଶପଥବଦ୍ଧ ଭକ୍ତି ଓ ସମ୍ମାନର ବାକ୍ୟ ଅଟେ, କାରଣ ଏହା ଉଭୟ ପ୍ରତିଜ୍ଞା ଓ ଶପଥ ଅଟେ । *''ସେ ଆପଣା ନାମରେ ଶପଥ କଲେ ।''* ଈଶ୍ୱରଙ୍କର ଦୃଢ଼ୀକରଣ ଶପଥ ଆପଣା ଉପରେ ହିଁ ପର୍ଯ୍ୟବେଶିତ । ସେ ସ୍ୱୟଂ ''ଅପରିବର୍ତ୍ତନୀୟ'', କାରଣ ଈଶ୍ୱରଙ୍କ ସ୍ୱଭାବ ବା ଚରିତ୍ରର କୌଣସି ପରିବର୍ତ୍ତନ ହୋଇ ନ ଥାଏ । ସେ କହନ୍ତି, *''ଆମ୍ଭେ ସଦାପ୍ରଭୁ, ଆମ୍ଭର ପରିବର୍ତ୍ତନ ନାହିଁ''* (ମଲାଖୀ ୩:୬) । ତେଣୁ, ଈଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ତାଙ୍କର ଅପରିବର୍ତ୍ତନୀୟ ଚରିତ୍ର ଦ୍ୱାରା ସମର୍ଥିତ । ଏବଂ, ଈଶ୍ୱରଙ୍କ ଚରିତ୍ରର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଦିଗ ଏହି ଯେ ସେ ମିଥ୍ୟା କହିବା ଅସମ୍ଭବ ।

ଈଶ୍ୱର *‘ସତ୍ୟବାଦୀ’* (ତିତସ ୧:୨) । ତେଣୁ ସେ ଯାହା କହନ୍ତି ସତ୍ୟ କହନ୍ତି । ଯେପରି ଯୀଶୁ କହନ୍ତି, *‘‘ତୁମ୍ଭର ବାକ୍ୟ ତ ସତ୍ୟ’’* (ଯୋହନ ୧୭:୧୭) । ଆମେ ଏପରି ଏକ ସ୍ଥାନକୁ ଆସିବା ଆବଶ୍ୟକ ଯେଉଁଠାରେ ଆମେ ଈଶ୍ୱରଙ୍କର ଅପରିବର୍ତ୍ତନୀୟ ସ୍ୱଭାବ ଉପରେ ନିର୍ଭର କରିପାରିବା । ଆମେ ଜାଣୁ ସେ କେବେ ମିଥ୍ୟା କହିପାରନ୍ତି ନାହିଁ, ତେଣୁ ସେ କହିଥିବା ପ୍ରତ୍ୟେକ ବାକ୍ୟ ନିରାଟ ସତ୍ୟ ଅଟେ । *‘‘ପରମେଶ୍ୱର ମନୁଷ୍ୟ ନୁହନ୍ତି ଯେ, ସେ ମିଥ୍ୟା କହିବେ; କିଅବା ସେ ମନୁଷ୍ୟର ସନ୍ତାନ ନୁହନ୍ତି ଯେ, ସେ ଅନୁତାପ କରିବେ; ସେ କହିଅଛନ୍ତି, ଆଉ ସେ କି ତାହା କରିବେ ନାହିଁ ? ସେ କହିଅଛନ୍ତି, ଆଉ ତାହା କି ସେ ସିଦ୍ଧ କରିବେ ନାହିଁ’’* (ଗଣନାପୁସ୍ତକ ୨୩:୧୯) । ଏ ବିଷୟରେ ଆମେ ନିଶ୍ଚିତ ହେଲେ *‘‘ଆମ୍ଭେମାନେ ଦୃଢ଼ ଉତ୍ସାହ ପ୍ରାପ୍ତ ହେଉ’’* ଅର୍ଥାତ୍, *‘‘ଶକ୍ତିଶାଳୀ ଅନ୍ତର୍ନିହିତ ବଳ ଓ ଦୃଢ଼ ଆଶ୍ୱାସନା ପାଇଥାଉ’’* (ଏବ୍ରୀ ୬ :୧୮) ।

## ଶୁଦ୍ଧ ବାକ୍ୟ

**ଗୀତସଂହିତା ୧୨:୬**
**ପ୍ରଭୁଙ୍କର ପ୍ରତିଜ୍ଞାବାକ୍ୟସବୁ ଶୁଦ୍ଧ; ସେହିସବୁ ଜ୍ୱଳନ୍ତ ମାଟି ଉହ୍ମାଇରେ ସାତଥର ପରିଷ୍କୃତ ରୂପା ସଦୃଶ ।**

ଆମମାନଙ୍କ ଈଶ୍ୱର ସତ୍ୟମୟ । ତାଙ୍କର ବାକ୍ୟସବୁ ସତ୍ୟ ଓ ଶୁଦ୍ଧ । ଈଶ୍ୱରଙ୍କ ବାକ୍ୟ ଅଭ୍ରାନ୍ତ । *‘‘ତୁମ୍ଭର ସମୁଦାୟ ବାକ୍ୟ ସତ୍ୟ’’* (ଗୀତସଂହିତା ୧୧୯ : ୧୬୦ କ) । ତାଙ୍କର *‘‘ସକଳ ଉତ୍ତମ ପ୍ରତିଜ୍ଞାର ଏକ କଥା ହିଁ ବିଫଳ ହୋଇନାହିଁ’’* (୧ରାଜାବଳୀ ୮ :୫୬ଖ) । ପୂର୍ଣ୍ଣ ଭରସାର ସହିତ ସେସବୁ ଉପରେ ଆମେ ନିର୍ଭର କରିପାରିବା । ତାଙ୍କର ପ୍ରତିଜ୍ଞାସକଳକୁ ଆମେ ସଂପୂର୍ଣ୍ଣରୂପେ ବିଶ୍ୱାସ କରିପାରିବା, ତାଙ୍କର ଉପଦେଶସବୁ ପୂର୍ଣ୍ଣ ହୃଦୟରେ ଗ୍ରହଣ କରିପାରିବା । ଈଶ୍ୱରଙ୍କ ବାକ୍ୟ ଅନନ୍ତ କାଳ ନିମନ୍ତେ ସ୍ୱର୍ଗରେ ସଂସ୍ଥାପିତ ଅଛି (ଗୀତସଂହିତା ୧୧୯:୮୯) । ସେସବୁ ଅପରିବର୍ତ୍ତନୀୟ, ବଦଳା ଯାଇ ନ ପାରେ, କାରଣ ସେ ‘‘ଆପଣା ନିୟମ ଲଙ୍ଘନ’’ କରିବେ ନାହିଁ ବା ‘‘ଆପଣା ଓଷ୍ଠାଧରରୁ ନିର୍ଗତ କଥା ଅନ୍ୟଥା’’ କରିବେ ନାହିଁ (ଗୀତସଂହିତା ୮୯:୩୪) । ତାଙ୍କର ବାକ୍ୟ ଚିରସ୍ଥାୟୀ (୧ପିତର ୧:୨୩) । ତାଙ୍କର ବାକ୍ୟ ସୁଦୃଢ଼ ସୁରକ୍ଷାସ୍ଥଳ; କାରଣ ଏହାର ସଦୃଶ ଶୁଦ୍ଧ, ନିଶ୍ଚିତ ଓ ଚିରସ୍ଥାୟୀ ବିଷୟ ଅନ୍ୟ କିଛି ନାହିଁ ।

## ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଶକ୍ତି ବହନ କରେ

**ଏବ୍ରୀ ୧୧:୩**
**ବିଶ୍ୱାସ ଦ୍ୱାରା ଆମ୍ଭେମାନେ ବୁଝୁ ଯେ, ସମସ୍ତ ବିଶ୍ୱ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ରଚିତ, ଅତଏବ କୌଣସି ପ୍ରତ୍ୟକ୍ଷ ବିଷୟରୁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇନାହିଁ ।**

**ଏବ୍ରୀ ୧: ୩କ**
**ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି ।**

**ଏବ୍ରୀ ୪:୧୨**
**କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।**

ବାଇବଲ ଶିକ୍ଷା ଦିଏ ଯେ ଈଶ୍ୱର କେବଳ କହିଲେ ଏବଂ ଏହି ବିଶ୍ୱ ହେଲା । ‘ବିଗ୍‌ବ୍ୟାଙ୍ଗ୍’ ଓ ଅନ୍ୟାନ୍ୟ ମତବାଦଗୁଡ଼ିକ ଦାବି କରନ୍ତି ଯେ କାଳାନୁକ୍ରମେ ଅନେକ ବିଷୟ ସଂଘଟିତ ହୋଇ ବିଶ୍ୱଜଗତ ସୃଷ୍ଟି ହୋଇଛି । ଏଣୁ ଏହି ମତବାଦସବୁରେ

ବିଶ୍ୱାସ କରିବା ଅପେକ୍ଷା ବାଇବଲରେ ବର୍ଣ୍ଣିତ ସୃଷ୍ଟିର ବିବରଣୀରେ ବିଶ୍ୱାସ କରିବା ଅଧିକ ଯୁକ୍ତିଯୁକ୍ତ ଅଟେ । ଆମେ ବୁଝିଥାଉ *''ସମଗ୍ର ବିଶ୍ୱ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ରଚିତ''* । ଏହି ବିଶ୍ୱ ଈଶ୍ୱରଙ୍କ ବାକ୍ୟାନୁସାରେ ନିର୍ମିତ ହୋଇଛି, ଗଢ଼ା ହୋଇଛି ଓ ଏହାକୁ ନିର୍ଦ୍ଦିଷ୍ଟ ରୂପ ଦିଆଯାଇଛି । *''କୌଣସି ପ୍ରତ୍ୟକ୍ଷ ବିଷୟରୁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇନାହିଁ''*- ଅର୍ଥାତ୍ ଅଦୃଶ୍ୟ ବିଷୟରୁ ହିଁ ଦୃଶ୍ୟ ବିଷୟ ଉତ୍ପନ୍ନ ହୋଇଛି (ଏବ୍ରୀ ୧୧:୩) । ଯାହା ପ୍ରାକୃତିକ ତାହା ଆତ୍ମିକ ବିଷୟରୁ ଉତ୍ପନ୍ନ ହୋଇଛି । ଏହି ଶକ୍ତିଶାଳୀ ସତ୍ୟକୁ ଆମେ ବୁଝିବା ଆବଶ୍ୟକ । ଈଶ୍ୱରଙ୍କ ବାକ୍ୟ ଅଦୃଶ୍ୟ ଓ ଆତ୍ମିକ ବିଷୟ ଏବଂ ଏହା ପ୍ରାକୃତିକ ଦୃଶ୍ୟ ଜଗତକୁ ସତ୍ତାକୁ ଆଣିଛି । ଈଶ୍ୱରଙ୍କ କଥିତ ବାକ୍ୟ ସବୁକିଛି ସୃଷ୍ଟି କରିଛି । ତେବେ ଏବ୍ରୀ ୧:୩ ଅନୁସାରେ ସେହି ବାକ୍ୟ ସମସ୍ତ ବିଷୟ ଧାରଣ କରିଛି । ଈଶ୍ୱରଙ୍କ ବାକ୍ୟ ସମୁଦାୟ ବିଶ୍ୱକୁ ଚାଲୁ ରଖିଛି, ନିୟନ୍ତ୍ରଣ କରୁଛି ଓ ଉଚିତ କ୍ରମରେ ରଖିଛି ।

ଆମେମାନେ ଏହି ସତ୍ୟକୁ ବୁଝିଥାଉ, ଯେତେବେଳେ ଆମେ ଜାଣୁ ଯେ ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଶକ୍ତିରେ ପରିପୂର୍ଣ୍ଣ । ପଦାର୍ଥ ବିଜ୍ଞାନରେ, ଆଲୋକର ଧର୍ମ ସମ୍ପର୍କରେ ବ୍ୟାଖ୍ୟା କରୁଥିବା ଏକ ମତବାଦ କହେ ଯେ ଆଲୋକ ଫୋଟନ୍ କଣିକା ସବୁ ଦ୍ୱାରା ଗଠିତ । ଫୋଟନ୍ କଣିକାସବୁକୁ ଶକ୍ତି-ପୁଟୁଳି କୁହାଯାଇଥାଏ । ଯେତେବେଳେ ଏହି କଣିକାଗୁଡ଼ିକ ଉପଯୁକ୍ତ ଲକ୍ଷ୍ୟସ୍ଥଳରେ ଧକ୍କା ଖାଏ, ସେଥିରୁ ଶକ୍ତି ନିର୍ଗତ ହୁଏ । ସେହିପରି ଈଶ୍ୱରଙ୍କ ବାକ୍ୟକୁ ମଧ୍ୟ ଶକ୍ତି-ପୁଟୁଳି ବୋଲି ଆମେ ମନେ କରିପାରୁ, ଯାହା ସର୍ବଶକ୍ତିମାନ ଈଶ୍ୱରଙ୍କର ଅସୀମ ଶକ୍ତି ବହନ କରେ । ଈଶ୍ୱରଙ୍କ ବାକ୍ୟ ଏହି 'ସ୍ୱର୍ଗୀୟ ଶକ୍ତି'କୁ ମୁକ୍ତ କରି ଈଶ୍ୱରଙ୍କର ସୃଜନାତ୍ମକ କାର୍ଯ୍ୟ କରିଥାଏ ।

ଯଦି ଈଶ୍ୱର ଆପଣା ବାକ୍ୟର ଶକ୍ତିରେ ସମଗ୍ର ବିଶ୍ୱକୁ ସ୍ଥିତି ମଧ୍ୟକୁ ଆଣିଲେ, ତେବେ ଆମ ଜୀବନରେ ବର୍ତ୍ତମାନ ଯାହା ନାହିଁ ତାହାକୁ ସ୍ଥିତି ମଧ୍ୟକୁ କ'ଣ ସେ ଆଣି ପାରିବେ ନାହିଁ ? ଯଦି ଅସୁସ୍ଥତା ରହିଛି, ଈଶ୍ୱର ତାଙ୍କ ବାକ୍ୟର ଶକ୍ତିରେ ସୁସ୍ଥତା ଓ ସ୍ୱାସ୍ଥ୍ୟ ଆଣି ପାରିବେ । ଯଦି ଅଭାବ ରହିଛି, ଈଶ୍ୱର ତାଙ୍କର ବାକ୍ୟର ଶକ୍ତିରେ ଅଭାବ ପୂରଣ କରି ପାରିବେ । ଈଶ୍ୱରଙ୍କର ସୃଜନାତ୍ମକ ଶକ୍ତି ତାଙ୍କ ବାକ୍ୟରେ ରହିଛି । ତେଣୁ, ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ପ୍ରତିଜ୍ଞାତ ବିଷୟସବୁକୁ ସୃଷ୍ଟି କରିପାରେ ବା ସ୍ଥିତି ମଧ୍ୟକୁ ଆଣିପାରେ, ଯଦିବା ବର୍ତ୍ତମାନ ସେସବୁ ଆମ ଜୀବନରେ ଦେଖା ଯାଉନାହିଁ ।

ଈଶ୍ୱର ତାଙ୍କର ବାକ୍ୟ ବ୍ୟବହାର କରି ବିଶ୍ୱର ସଂରଚନା ଓ ନିର୍ମାଣ କଲେ ଏବଂ ଏହାକୁ ନିର୍ଦ୍ଦିଷ୍ଟ ରୂପ ଦେଲେ । ସେ କ'ଣ ତାଙ୍କର ବାକ୍ୟ ଦ୍ୱାରା ଆମର ବର୍ତ୍ତମାନ ଓ ଭବିଷ୍ୟତର ସଂରଚନା ଓ ନିର୍ମାଣ କରି ନିର୍ଦ୍ଦିଷ୍ଟ ରୂପ ଦେଇ ପାରିବେ ନାହିଁ ? ଆମର ବର୍ତ୍ତମାନ ସ୍ଥିତିକୁ ବଦଳାଇ ଆମ ଭବିଷ୍ୟତକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବା ପାଇଁ ଈଶ୍ୱରଙ୍କ ବାକ୍ୟରେ ଶକ୍ତି ରହିଛି ।

ଈଶ୍ୱରଙ୍କ ବାକ୍ୟ ସମୁଦାୟ ବିଶ୍ୱକୁ ଧରି ରଖେ, ବଞ୍ଚେଇ ରଖେ ଓ ନିୟନ୍ତ୍ରିତ କରେ । ଈଶ୍ୱରଙ୍କ ବାକ୍ୟ କ'ଣ ଆମମାନଙ୍କ କ୍ଷୁଦ୍ର ଜୀବନସବୁକୁ ଧରି ରଖି, ବଞ୍ଚେଇ ରଖି ଓ ନିୟନ୍ତ୍ରିତ କରି ପାରିବ ନାହିଁ ? ଆମମାନଙ୍କ ପାର୍ଥିବ ଜୀବନର ବିଭିନ୍ନ ବିଷୟକୁ ଧରି ରଖିବା, ନିୟନ୍ତ୍ରିତ କରିବା ଓ ସୁବ୍ୟବସ୍ଥିତ କରିବାରେ ଈଶ୍ୱରଙ୍କ ବାକ୍ୟର ଯଥେଷ୍ଟ ଓ ଅଧିକ ଶକ୍ତି ରହିଛି ।

## ପ୍ରତିଜ୍ଞାସକଳ ଉପରେ ନିର୍ଭର କରିବା

ରୋମୀୟ ୪:୧୮

**କୌଣସି ଆଶା ନ ଥିଲେ ସୁଦ୍ଧା ଅବ୍ରହାମ ଆଶା କରି (ପ୍ରତିଜ୍ଞାରେ) ବିଶ୍ୱାସ କଲେ ।**

ବାକ୍ୟର ଶୁଦ୍ଧତା ଓ ଶକ୍ତିକୁ ବୁଝିବା ଦ୍ୱାରା ଏହା ଉପରେ ନିର୍ଭର କରିବା ପାଇଁ ଆମେ ଦୃଢ଼ରୂପେ ଭରସାଯୁକ୍ତ ହୋଇଥାଉ । ଈଶ୍ୱରଙ୍କ ବାକ୍ୟ ସତ୍ୟ, ତେଣୁ ବାକ୍ୟରେ ଆମମାନଙ୍କ ନିମନ୍ତେ ଯେଉଁସବୁ ପ୍ରତିଜ୍ଞା ରହିଛି ତାହା ଆମେ ପ୍ରାପ୍ତ ହେବା ବୋଲି

ଆଶା କରିପାରୁ । ଈଶ୍ୱରଙ୍କ ବାକ୍ୟ ଶକ୍ତିରେ ପରିପୂର୍ଣ୍ଣ, ତେଣୁ ଆମେ ନିଶ୍ଚିତ ହୋଇପାରୁ ଯେ ତାଙ୍କର ବାକ୍ୟ ଆମ ଜୀବନରେ ଅନେକ ବିଷୟ ଉତ୍ପନ୍ନ କରିବ । ଅବ୍ରହାମଙ୍କ ପରି, ଆଶାର କାରଣ ନ ଥିବା ମନେ ହେଉଥିଲେ ସୁଦ୍ଧା, ଆମେ ବିଶ୍ୱାସରେ ଆଶାନ୍ୱିତ ହୋଇଥାଉ ଯେ ଆମେ ଯାହା ହେବୁ ବୋଲି ଈଶ୍ୱର କହିଛନ୍ତି ଆମେ ତାହା ହେବୁ । ଏହା କରିବାକୁ ଆମେ ସକ୍ଷମ ହୋଇଥାଉ, କାରଣ ଆମେ ଈଶ୍ୱରଙ୍କ ବାକ୍ୟର ଶୁଦ୍ଧତା ଓ ଶକ୍ତିକୁ ବୁଝିଅଛୁ । ଆମେ ଜାଣୁ ଯେ ତାଙ୍କ ବାକ୍ୟ କେବେ ବିଫଳ ହେବନାହିଁ ।

ଆମ ମଧ୍ୟରୁ ଅନେକେ ଆର୍ଥିକ ସଂକଟ ମଧ୍ୟ ଦେଇ ଯାଉଥାଇପାରୁ । ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଣ କ୍ଷେତ୍ରରେ ଆମର ପାର୍ଥିବ ଜୀବନର ସ୍ଥିତି କ'ଣ ବଦଳିବ, ଆମେ ଏ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଥାଉ । ଈଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ସେ ଆମର ସମସ୍ତ ପାର୍ଥିବ ଆବଶ୍ୟକତା ବା ଅଭାବ ପୂରଣ କରିବେ । ଆମେ ଜାଣୁ ଯେ *''ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ''* ବୋଲି ସେ ପ୍ରତିଜ୍ଞା କରିଛନ୍ତି (ଫିଲିପ୍ପୀୟ ୪:୧୯) । ଆମେ ଜାଣୁ ଯେ, ଆମେ ଯେତେବେଳେ *''ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ''* କରୁ, ଆମର ପାର୍ଥିବ ଜୀବନର ସମସ୍ତ ଆବଶ୍ୟକତା ସେ ପୂରଣ କରିବେ (ମାଥିଉ ୬:୩୩) । ଆମେ ଜାଣୁ ଯେ, ଆମର ଯାହା ଅଛି ସେଥିରେ ପ୍ରଭୁଙ୍କୁ ସମ୍ମାନ ଦେଲେ, ସେ ଆମମାନଙ୍କୁ ବୃଦ୍ଧି ପାଇବାକୁ ଦେବେ (ହିତୋପଦେଶ ୩:୯, ୧୦; ମଲାଖୀ ୩:୯-୧୧) । ଏହିସବୁ ପ୍ରତିଜ୍ଞା ଶୁଦ୍ଧ ଓ ସ୍ୱର୍ଗୀୟ ଶକ୍ତିରେ ପୂର୍ଣ୍ଣ ଅଟେ ବୋଲି ଜାଣିଥିବାରୁ, ଆମେ ସେସବୁକୁ ବିଶ୍ୱାସରେ ଦୃଢ଼ରୂପେ ଧରି ରଖିଥାଉ । ଆମେ ଜାଣୁ ଯେ ଏସମସ୍ତ ବାକ୍ୟ (ପ୍ରତିଜ୍ଞା)ରେ ଯଥେଷ୍ଟ ଶକ୍ତି ନିହିତ ଅଛି, ଯଦ୍ୱାରା ତାହା ଆର୍ଥିକ ଆଶୀର୍ବାଦଯୁକ୍ତ ସୃଜନକାରୀ ଆଶ୍ଚର୍ଯ୍ୟକର୍ମସବୁ ଘଟାଇଥାଏ ଓ ଆମ ଜୀବନରେ ସେହି ଶକ୍ତି ମୁକ୍ତ ହୋଇଥାଏ ଏବଂ ଆମର ପରିସ୍ଥିତିସବୁକୁ ପରିବର୍ତ୍ତନ କରିଥାଏ । ଆମେମାନେ ତାଙ୍କର ପ୍ରତିଜ୍ଞାସବୁ ଉପରେ ନିର୍ଭର କରି ଚାଲୁ ।

ଅନେକେ ସେମାନଙ୍କର ଭବିଷ୍ୟତକୁ ନେଇ ଈଶ୍ୱରଙ୍କ ଆଡ଼କୁ ଅନାଇଥାନ୍ତି । ସେମାନଙ୍କ ପାଇଁ ସବୁକିଛି ଅସ୍ପଷ୍ଟ, ଅନିଶ୍ଚିତ, ଏପରିକି ଆଶାଶୂନ୍ୟ ଓ ନିରୁତ୍ସାହଜନକ ମନେ ହୋଇଥାଏ । ସେତେବେଳେ ଈଶ୍ୱରଙ୍କ ବାକ୍ୟ ସେମାନଙ୍କ ଜୀବନରେ ଭରସା ଓ ନିଶ୍ଚିତତା ଆଣି ଦେଇଥାଏ । ବାକ୍ୟ କହେ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି (ରୋମୀୟ ୮ : ୨୮) । ଆମ ସକାଶେ ଈଶ୍ୱରଙ୍କର ଯେଉଁସବୁ ସଂକଳ୍ପ ରହିଛି, ତାହା ସେ ଜାଣନ୍ତି । ସେହିସବୁ ସଂକଳ୍ପ ଆମର ମଙ୍ଗଳ ପାଇଁ ଏବଂ ଆମେ ଆଶା କରୁଥିବା ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବାକୁ ଉଦ୍ଦିଷ୍ଟ (ଯିରିମିୟ ୨୯:୧୧) । ଆମର ପଥ ଅରୁଣୋଦୟର ପ୍ରଥମ ରଶ୍ମି ପରି, ଯାହାର ତେଜ କ୍ରମଶଃ ବୃଦ୍ଧି ପାଇଥାଏ (ହିତୋପଦେଶ ୪:୧୮) । ତେଣୁ, ଆମେ ଆଶା କରୁ ଯେ ବିଷୟସବୁ ସ୍ପଷ୍ଟ ରୂପେ ଦେଖାଯାଉ । ଆମେ ଜାଣୁ ଯେ ମନୁଷ୍ୟର ପଦକ୍ଷେପ ପ୍ରଭୁଙ୍କ ଦ୍ୱାରା ସ୍ଥିରୀକୃତ ହୁଏ (ଗୀତସଂହିତା ୩୭:୨୩, ୨୪) । ଏସମସ୍ତ ଓ ଅନ୍ୟାନ୍ୟ ଶାସ୍ତ୍ରାଂଶ ଆମମାନଙ୍କୁ ଦୃଢ଼ ସାହସ ଓ ଭରସାରେ ପରିପୂର୍ଣ୍ଣ କରେ । ଆମେମାନେ ତାହାଙ୍କ ପ୍ରତିଜ୍ଞାସବୁ ଉପରେ ନିର୍ଭର କରି ଚାଲୁ ।

ସେହିପରି, ଆମମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ର ନିମନ୍ତେ ଆମେମାନେ ପ୍ରଭୁଙ୍କର ପ୍ରତିଜ୍ଞାସବୁକୁ ଓ ଆଜ୍ଞାସକଳକୁ ଖୋଜି ବାହାର କରିପାରିବା । ଆମେ ସ୍ୱୀକାର କରୁ ଯେ, ଆମମାନଙ୍କ ଜୀବନର ସମସ୍ତ କ୍ଷେତ୍ର ନିମନ୍ତେ ଉଦ୍ଦିଷ୍ଟ ତାଙ୍କର ବାକ୍ୟ ବିଶୁଦ୍ଧ ଓ ଶକ୍ତିରେ ପରିପୂର୍ଣ୍ଣ ଅଟେ ।

ଈଶ୍ୱରଙ୍କ ବାକ୍ୟରେ ଯେଉଁ ଅସୀମିତ ଶକ୍ତି ରହିଛି ଯାହା ଆମ ଜୀବନରେ ମୁକ୍ତ ହୋଇପାରେ, ଏହା ଜାଣିବା ପରେ, ବାକ୍ୟର ସେହି ଶକ୍ତିକୁ ଆମମାନଙ୍କ ଜୀବନରେ ଅନୁଭବ କରିବା ପାଇଁ ଆମେ କ'ଣ କରିବା ? ବିଶ୍ୱାସୀର ଜୀବନରେ ଈଶ୍ୱରଙ୍କ ବାକ୍ୟର ଅନ୍ତର୍ନିହିତ ଶକ୍ତି କିପରି ମୁକ୍ତ ହୋଇଥାଏ ? ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଏହି ପ୍ରଶ୍ନଗୁଡ଼ିକୁ ଆଲୋଚନା କରିବା ।

# ୩. ଈଶ୍ୱରଙ୍କ ବାକ୍ୟ: ଅଲୌକିକ ବୀଜ

ପ୍ରଭୁ ଯୀଶୁ ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷା ଦେଉଥିଲେ । ଦୃଷ୍ଟାନ୍ତଗୁଡ଼ିକ ଜାଗତିକ କାହାଣୀ ବା ଉଦାହରଣସବୁ ଯାହା ଆମକୁ ଈଶ୍ୱରଙ୍କ ରାଜ୍ୟର ସତ୍ୟଗୁଡ଼ିକ ଉତ୍ତମ ଭାବରେ ବୁଝିବାରେ ସାହାଯ୍ୟ କରିଥାନ୍ତି । ଦୃଷ୍ଟାନ୍ତଗୁଡ଼ିକ ଶିକ୍ଷା ଦିଅନ୍ତି, ଈଶ୍ୱରଙ୍କ ରାଜ୍ୟ କିପରି କାର୍ଯ୍ୟ କରେ ।

ବୀଜବୁଣାଳୀର ଦୃଷ୍ଟାନ୍ତ ସହିତ ଆମେ ସୁପରିଚିତ । ତିନି ସୁସମାଚାର ପୁସ୍ତକରେ ଏହା ଲିପିବଦ୍ଧ କରାଯାଇଛି (ମାଥିଉ ୧୩:୧-୯, ୧୮-୨୩; ମାର୍କ ୪:୧-୧୦, ୧୩-୨୦; ଲୂକ ୮:୪-୮, ୯-୧୫) । ଆସନ୍ତୁ ଆମେ ମାର୍କ ଲିଖିତ ସୁସମାଚାରରେ ବର୍ଣ୍ଣିତ ଏହି ଦୃଷ୍ଟାନ୍ତଟିକୁ ପଢ଼ିବା ଏବଂ ତିନି ସୁସମାଚାରରେ ବର୍ଣ୍ଣିତ ଏହି ଦୃଷ୍ଟାନ୍ତରୁ ଶିକ୍ଷା ଗ୍ରହଣ କରିବା ।

## ବୀଜ ବୁଣାଳିର ଦୃଷ୍ଟାନ୍ତ

**ମାର୍କ ୪: ୧-୧୦, ୧୩-୨୦**

**୧** ସେ ସମୁଦ୍ରକୂଳରେ ପୁନର୍ବାର ଶିକ୍ଷା ଦେବାକୁ ଲାଗିଲେ, ଆଉ ଏତେ ଅଧିକସଂଖ୍ୟକ ଲୋକ ତାହାଙ୍କ ନିକଟରେ ଏକତ୍ର ହେଲେ ଯେ, ସେ ସମୁଦ୍ରରେ ଥିବା ଗୋଟିଏ ନୌକାରେ ଯାଇ ବସିଲେ ଓ ଲୋକସମୂହ ସମୁଦ୍ର ନିକଟବର୍ତ୍ତୀ ସ୍ଥଳରେ ରହିଲେ ।
**୨** ସେତେବେଳେ ସେ ଦୃଷ୍ଟାନ୍ତରେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ, ପୁଣି ଆପଣା ଶିକ୍ଷା ମଧ୍ୟରେ ସେମାନଙ୍କୁ କହିଲେ, ଶୁଣ !
**୩** ଦେଖ, ଜଣେ ବୁଣାଳି ବୁଣିବାକୁ ବାହାରିଲା ।
**୪** ସେ ବୁଣୁ ବୁଣୁ କେତେକ ବିହନ ବାଟ ପାଖରେ ପଡ଼ିଲା, ପୁଣି ଚଢ଼େଇମାନେ ଆସି ସେଗୁଡ଼ିକ ଖାଇଗଲେ ।
**୫** ଆଉ କେତେକ ଅଳ୍ପ ମାଟି ଥିବା ପଥୁରିଆ ଭୂଇଁରେ ପଡ଼ିଲା ଏବଂ ବେଶୀ ମାଟି ନ ଥିବାରୁ ଶୀଘ୍ର ଗଜା ହେଲା,
**୬** କିନ୍ତୁ ସୂର୍ଯ୍ୟ ଉଠନ୍ତେ ଜଳି ପୋଡ଼ିଗଲା ଓ ଚେର ନ ଥିବାରୁ ଶୁଖିଗଲା ।
**୭** ଆଉ କେତେକ କଣ୍ଟାଗଛଗୁଡ଼ାକ ମଧ୍ୟରେ ପଡ଼ିଲା, ପୁଣି କଣ୍ଟାଗଛଗୁଡ଼ାକ ଉଠି ବଢ଼ ହୋଇ ସେଗୁଡ଼ିକୁ ଚାପି ପକାଇଲା ଏବଂ କୌଣସି ଫଳ ଫଳିଲା ନାହିଁ ।
**୮** ପୁଣି, ଅନ୍ୟ କେତେକ ଭଲ ଭୂଇଁରେ ପଡ଼ିଲା, ଆଉ ଗଜା ହୋଇ ବଢ଼ି ଉଠି ତିରିଶ ଗୁଣ, ଷାଠିଏ ଗୁଣ ଓ ଶଏ ଗୁଣ ପର୍ଯ୍ୟନ୍ତ ଫଳ ଫଳିଲା ।
**୯** ପୁଣି ସେ କହିଲେ, ଯାହାର ଶୁଣିବାକୁ କାନ ଅଛି, ସେ ଶୁଣୁ ।
**୧୦** ସେ ଏକାକୀ ଥିବା ସମୟରେ ତାହାଙ୍କ ସଙ୍ଗୀମାନେ ଦ୍ୱାଦଶଙ୍କ ସହିତ ତାହାଙ୍କୁ ସେହି ଦୃଷ୍ଟାନ୍ତଗୁଡ଼ିକ ବିଷୟରେ ପଚାରିବାକୁ ଲାଗିଲେ ।
**୧୩** ସେ ପୁଣି ସେମାନଙ୍କୁ କହିଲେ, ତୁମ୍ଭେମାନେ କି ଏହି ଦୃଷ୍ଟାନ୍ତ ବୁଝୁ ନାହଁ ? ତେବେ କିପରି ସମସ୍ତ ଦୃଷ୍ଟାନ୍ତ ବୁଝିବ ?
**୧୪** ବୁଣାଳି ବାକ୍ୟ ବୁଣେ ।
**୧୫** ଯେଉଁମାନେ ଶୁଣନ୍ତି, ପୁଣି ଶୁଣିବାକ୍ଷଣି ଶୟତାନ ଆସି ସେମାନଙ୍କଠାରେ ବୁଣାଯାଇଥିବା ବାକ୍ୟ ହରଣ କରିନିଏ, ସେମାନେ ବାକ୍ୟ ବୁଣାଯାଇଥିବା ବାଟପାଖ ଭୂମି ସଦୃଶ ।
**୧୬** ସେହିପରି, ଯେଉଁମାନେ ବାକ୍ୟ ଶୁଣିବାକ୍ଷଣି ଆନନ୍ଦରେ ତାହା ଗ୍ରହଣ କରନ୍ତି,
**୧୭** କିନ୍ତୁ ସେମାନଙ୍କଠାରେ ଚେର ନ ମାଡ଼ିବାରୁ କ୍ଷଣକାଳ ମାତ୍ର ସ୍ଥିର ରୁହନ୍ତି, ପରେ ବାକ୍ୟ ସକାଶେ କ୍ଳେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଆନ୍ତି, ସେମାନେ ବୁଣାଯାଉଥିବା ପଥୁରିଆ ଭୂମି ସଦୃଶ ।
**୧୮** ଆଉ ଯେଉଁମାନେ ବାକ୍ୟ ଶୁଣନ୍ତି, ପୁଣି ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପିପକାଏ ଓ ତାହା ଫଳହୀନ ହୁଏ,

**୧୯ ସେହି ଅନ୍ୟ ପ୍ରକାର ଲୋକେ ବୁଣାଯାଇଥିବା କଣ୍ଟକମୟ ଭୂମି ସଦୃଶ ।**
**୨୦ ଆଉ, ଯେଉଁମାନେ ବାକ୍ୟ ଶୁଣି ତାହା ଗ୍ରହଣ କରନ୍ତି ଏବଂ ତିରିଶ ଗୁଣ, ଷାଠିଏ ଗୁଣ ଓ ଶଏ ଗୁଣ ଫଳ ଫଳନ୍ତି, ସେମାନେ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ ।**

ବୀଜ ବୁଣାଳିର ଦୃଷ୍ଟାନ୍ତ ଅତି ସରଳ ଓ ସହଜରେ ବୁଝିହୁଏ । ଯେଉଁମାନେ ଏ ବିଷୟ ପଢ଼ିଛନ୍ତି ବା ଏବିଷୟରେ ସେମାନଙ୍କର ଅନୁଭବ ରହିଛି, ବୀଜ ବପନ ଓ ଶସ୍ୟର ଯତ୍ନ ନେବା ଜାଣନ୍ତି, ତା'ହେଲେ ସେମାନେ ଆହୁରି ସହଜରେ ଏହି ଦୃଷ୍ଟାନ୍ତକୁ ବୁଝି ପାରିବେ । ପ୍ରଭୁ ଏହି ସରଳ ଦୃଷ୍ଟାନ୍ତ ଦ୍ୱାରା ଆମ ଜୀବନରେ ଈଶ୍ୱରଙ୍କ ବାକ୍ୟ କିପରି କାର୍ଯ୍ୟ କରିଥାଏ ସେସମ୍ପର୍କରେ ଗଭୀର ଓ ଶକ୍ତିଶାଳୀ ସତ୍ୟସବୁକୁ ବୁଝାଇଛନ୍ତି । ଆମେ ଜାଣୁ ଯେ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି, ଈଶ୍ୱରଙ୍କ ଶକ୍ତିରେ ପରିପୂର୍ଣ୍ଣ (ଏବ୍ରୀ ୪:୧୨) । ଏହି ଦୃଷ୍ଟାନ୍ତ ପ୍ରକାଶ କରେ କିପରି ଈଶ୍ୱରଙ୍କ ବାକ୍ୟରେ ରହିଥିବା ଜୀବନ ଓ ଶକ୍ତି ଆମମାନଙ୍କ ଜୀବନରେ ମୁକ୍ତ ହୋଇପାରିବ । ଏହା ମଧ୍ୟ ପ୍ରକାଶ କରେ କେଉଁସବୁ ବିଷୟ ଫଳ ଉତ୍ପାଦନ କରିବାରୁ ଈଶ୍ୱରଙ୍କ ବାକ୍ୟକୁ ପ୍ରତିରୋଧ କରିଥାଏ ।

ଅନ୍ୟ ସମସ୍ତ ଦୃଷ୍ଟାନ୍ତ ବୁଝିବାକୁ ହେଲେ ଏହି ଦୃଷ୍ଟାନ୍ତକୁ ବୁଝିବା ନିତାନ୍ତ ଆବଶ୍ୟକ । ଯୀଶୁ କହନ୍ତି, *"ତୁମ୍ଭେମାନେ କି ଏହି ଦୃଷ୍ଟାନ୍ତ ବୁଝୁ ନାହିଁ? ତେବେ କିପରି ସମସ୍ତ ଦୃଷ୍ଟାନ୍ତ ବୁଝିବ ?"* (ମାର୍କ ୪:୧୩) । ଏହା ଦୁଇଟି ମହତ୍ତ୍ୱପୂର୍ଣ୍ଣ ବିଷୟ ପ୍ରକାଶ କରେ । ପ୍ରଥମତଃ, ଏହି ଦୃଷ୍ଟାନ୍ତରେ ନିହିତ ଥିବା ଆତ୍ମିକ ସତ୍ୟ ଓ ଅନ୍ତଦୃର୍ଷ୍ଟିଗୁଡ଼ିକ ଯଦି ଆହରଣ କରିବା ଶିକ୍ଷା କରୁ, ସେହି ପ୍ରକାରେ ଅନ୍ୟାନ୍ୟ ଦୃଷ୍ଟାନ୍ତରୁ ଶିକ୍ଷାଲାଭ କରିବା । ଦ୍ୱିତୀୟରେ, ଏହି ଦୃଷ୍ଟାନ୍ତରେ ନିହିତ ସତ୍ୟସବୁ କଞ୍ଚିସଦୃଶ ଯାହା ଯୀଶୁ କହିଥିବା ଅନ୍ୟସମସ୍ତ ଦୃଷ୍ଟାନ୍ତ ବୁଝିବା ଏବଂ ସେଥିରେ ଥିବା ଓ ପ୍ରକାଶିତ ହୋଇଥିବା ସତ୍ୟ ଅନୁଯାୟୀ ଜୀବନଯାପନ କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରିଥାଏ ।

ଏହି ଦୃଷ୍ଟାନ୍ତରେ ଉପସ୍ଥାପିତ ମୁଖ୍ୟ ଚିନ୍ତାଗୁଡ଼ିକୁ ନେଇ ଆମେ ଏକ ସାରାଂଶ ପ୍ରସ୍ତୁତ କରିବା । ଏଥିନିମନ୍ତେ ସମାନ୍ତରାଳ ଶାସ୍ତ୍ରାଂଶଗୁଡ଼ିକ, ଅର୍ଥାତ୍ ମାଥିଉ ୧୩:୧୮-୨୩ ଏବଂ ଲୂକ ୮:୧୧-୧୫କୁ ମଧ୍ୟ ନେବା ।

୧) ଈଶ୍ୱରଙ୍କ ବାକ୍ୟ ବୀଜ ସଦୃଶ୍ୟ (ମାର୍କ ୪:୧୪) ।
୨) ଆମର ହୃଦୟ ଭୂମି ଅଟେ ଯେଉଁଠାରେ ଈଶ୍ୱରଙ୍କ ବାକ୍ୟରୂପ ବୀଜ ବପନ କରାଯାଏ (ମାର୍କ ୪:୧୫) ।
୩) ଫଳ ଫଳିବା ନିମନ୍ତେ ବୀଜ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରେ ।
୪) ବାକ୍ୟକୁ ଆମେ ବୁଝିବା ଆବଶ୍ୟକ । ଏହା ମଧ୍ୟରେ ଥିବା ଆତ୍ମିକ ସତ୍ୟ ଆମର ବୋଧଗମ୍ୟ ହେବା ଉଚିତ । ଏହାଦ୍ୱାରା ଶୟତାନ ବାକ୍ୟକୁ ହରଣ କରି ନେଇ ପାରିବ ନାହିଁ (ମାଥିଉ ୧୩:୧୯) ।
୫) ଆମେମାନେ ଯେ କୌଣସି କ୍ଳେଶ ବା ତାଡ଼ନାର ସାମ୍ନା (ଜଗତରୁ ବା ଶୟତାନ ଠାରୁ) କଲେ ମଧ୍ୟ ଆମେ ବାକ୍ୟକୁ ଧରି ରହିବାକୁ ହେବ ଯେପରି କି ତାହା ଆମ ହୃଦୟରେ ଚେର ମାଡ଼େ ଓ ଫଳ ଉତ୍ପନ୍ନ କରେ (ମାର୍କ ୪: ୧୬, ୧୭) ।
୬) ବାକ୍ୟକୁ ଚାପିପକାଉଥିବା ବିଭିନ୍ନ ବିଷୟ, ଯଥା: ସାଂସାରିକ ଚିନ୍ତା, ଧନର ମାୟା, ଅନ୍ୟ ସମସ୍ତ ବିଷୟର ଲାଳସା ଓ ସୁଖଭୋଗରୁ ଆମେ ଆମର ହୃଦୟକୁ ରକ୍ଷା କରିବାକୁ ହେବ (ମାର୍କ ୪:୧୯) ।
୭) ଯେତେବେଳେ ଆମେ ଆମ ହୃଦୟରେ ବାକ୍ୟକୁ ବୁଝୁ (ମାଥିଉ ୧୩:୨୩), ଗ୍ରହଣ କରୁ (ମାର୍କ ୪: ୨୦) ଓ ଧରି ରଖୁ (ଲୂକ ୮:୧୫), ସେତେବେଳେ ଆମେ ଆମ ଜୀବନରେ ଫଳ ଉତ୍ପନ୍ନ କରି ପାରିବା ।

ଉପରୋକ୍ତ ସମସ୍ତ ମୁଖ୍ୟ ଅନ୍ତର୍ଦୃଷ୍ଟି ଉପରେ ଆମେ ସବିଶେଷ ଆଲୋଚନା କରିବା । ଈଶ୍ୱରଙ୍କ ବାକ୍ୟର ଧ୍ୟାନ ଦ୍ୱାରା ଆମେ ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟରୂପ ବୀଜ କିପରି ବପନ କରିବା ତା'ର ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ବିଶେଷରୂପେ ଆଲୋଚନା କରିବା ।

# ୪. ବୀଜ ଈଶ୍ୱରଙ୍କ ବାକ୍ୟ

**ଲୂକ ୮:୧୧**
**ଦୃଷ୍ଟାନ୍ତର ଭାବ ଏହି: ବିହନ ଈଶ୍ୱରଙ୍କ ବାକ୍ୟ ।**

**୧ପିତର ୧:୨୩**
**ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ ।**

ଏହି ଦୃଷ୍ଟାନ୍ତରୁ ଆମେ ଯେଉଁ ପ୍ରଥମ ବିଷୟ ଶିକ୍ଷା କରିଥାଉ ତା'ହେଲା ଈଶ୍ୱରଙ୍କ ବାକ୍ୟ ବୀଜ ସଦୃଶ । ଯଦି କୌଣସି ବୀଜ ଆପଣଙ୍କ ହସ୍ତରେ ଅଛି, ତାହା ଗୁରୁତ୍ୱହୀନ ଓ ଜୀବନଶୂନ୍ୟ ମନେ ହେବ । ଆମେ କେବେ ବିଚାର କରି ନ ଥାଉ ଯେ ସେହି କ୍ଷୁଦ୍ର ବୀଜ ଭୂମିରେ ବୁଣାଗଲେ ଅଙ୍କୁରିତ ହେବ, ଚେର ମାଡ଼ିବ ଓ ଶେଷରେ ତାହା ବୃଦ୍ଧି ପାଇ ଏକ ଉଦ୍ଭିଦ ବା ଏକ ବଡ଼ ଗଛରେ ପରିଣତ ହେବ । ଏହି କ୍ଷୁଦ୍ର ବୀଜ ମଧ୍ୟରେ ଏକ ନୂତନ ଉଦ୍ଭିଦ ବା ଗଛ ଉତ୍ପାଦନ କରିବାର ପ୍ରଚ୍ଛନ୍ନ କ୍ଷମତା ରହିଥାଏ । ଅର୍ଥାତ୍, ବୀଜ ମଧ୍ୟରେ ଏକ 'ସୃଜନାତ୍ମକ' ସାମର୍ଥ୍ୟ ରହିଥାଏ, କାରଣ ଯାହା ଆଗରୁ ନ ଥିଲା ଏପରି ଏକ ବିଷୟକୁ ଏହା ଜନ୍ମ ଦିଏ । ଅଧିକନ୍ତୁ, ବୀଜ ଯେଯାଏଁ ଏକ ବସ୍ତା ବା ଭଣ୍ଡାର ଘରେ ରହିଥାଏ, ଏହା ନିଜର ଏହି ସାମର୍ଥ୍ୟକୁ ଖଲାସ କରିପାରି ନ ଥାଏ । ଯେତେବେଳେ ଏହାକୁ ବୁଣାଯାଏ ଓ ଉପଯୁକ୍ତ ଯତ୍ନ ନିଆଯାଏ ଏଥିରେ ଥିବା ଶକ୍ତି ମୁକ୍ତ ହୋଇ ପାରିଥାଏ ।

ଈଶ୍ୱର ଆମକୁ କହିଥିବା ପ୍ରତ୍ୟେକ ବାକ୍ୟ ବୀଜ ସଦୃଶ । ଈଶ୍ୱର ଆମମାନଙ୍କୁ ଦେଇଥିବା ଏହି ବୀଜଗୁଡ଼ିକରେ ସୃଜନୀଶକ୍ତି ରହିଥାଏ । ବାଇବଲ ବୀଜ ରହିଥିବା ବସ୍ତା ବା ଭଣ୍ଡାର ଗୃହ ସଦୃଶ, ଯହିଁରେ ବୀଜ ଭର୍ତ୍ତି ହୋଇ ରହିଥାଏ । ଈଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ବା ପ୍ରତିଜ୍ଞାକୁ ଅଲୌକିକ ବୀଜ କୁହାଯାଇ ପାରିବ । ଯେତେବେଳେ ଏହି ଈଶ୍ୱରଙ୍କ ବାକ୍ୟରୂପକ ବୀଜସବୁ ଆମ ହୃଦୟରେ ବୁଣାଯାଏ ଓ ସେସବୁର ଯତ୍ନ ନିଆଯାଏ, ବୀଜସବୁ ଆମ ହୃଦୟରେ ଅନ୍ତର୍ନିହିତ ସ୍ୱର୍ଗୀୟ ଅଲୌକିକ ଶକ୍ତି ଖଲାସ କରନ୍ତି ।

୧ପିତର ୧:୨୩ରେ ଈଶ୍ୱରଙ୍କ ବାକ୍ୟକୁ *'ଅକ୍ଷୟ ବୀଜ'* କୁହାଯାଏ (ଗ୍ରୀକ୍ Spora) । ଈଶ୍ୱରଙ୍କ ବାକ୍ୟ ଅଲୌକିକ ବୀଜ ଅଟେ । ଏଥିରେ ଥିବା ଅନ୍ତର୍ନିହିତ ନୀତି ହେଉଛି: ଈଶ୍ୱରଙ୍କ ବାକ୍ୟ ମଧ୍ୟରେ ଉତ୍ପାଦନକାରୀ ସାମର୍ଥ୍ୟ ରହିଛି । ଏହା ମଧ୍ୟରେ ଜୀବନଦାୟକ, ସୃଜନାତ୍ମକ, ଆଶ୍ଚର୍ଯ୍ୟକର୍ମକାରୀ ଶକ୍ତି ରହିଛି । ଈଶ୍ୱର କହିଥିବା ବାକ୍ୟ ଅଲୌକିକ ବୀଜ ଅଟେ ଯହିଁରେ ସୃଜନୀଶକ୍ତି ରହିଛି ।

୧ପିତର ୧:୨ରେ ଯେପରି କୁହାଯାଏ, ଆମେମାନେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛୁ । ଯାକୁବ ୧:୧୮ ମଧ୍ୟ କୁହେ ଯେ ଆମେମାନେ "ସତ୍ୟ ବାକ୍ୟ" ଦ୍ୱାରା ଜନ୍ମନେଇଛୁ । ଯେତେବେଳେ ଈଶ୍ୱରଙ୍କ ବାକ୍ୟରୂପ ବୀଜ ଆମ ହୃଦୟରେ ବପନ କରାଯାଏ ଓ ଆମେ ତାହା ବିଶ୍ୱାସ କରୁ, ତଦ୍ଦ୍ୱାରା ଏହା ଆମ ମଧ୍ୟରେ ଜୀବନ-ଦାୟକ ଶକ୍ତି ମୁକ୍ତ କରେ । ତତ୍କାଳ, ଏକ ମୁହୂର୍ତ୍ତରେ ଆମେ ପୁନର୍ଜନ୍ମ ଲାଭ କରିଥାଉ । ଆମେମାନେ ନୂତନ ସୃଷ୍ଟି ହୋଇଥାଉ । *''ଏଣୁ, ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟସବୁ ଲୋପ ପାଇଅଛି । ଦେଖ, ନୂତନ ବିଷୟସବୁ ହୋଇଅଛି''* (୨କରିନ୍ଥୀୟ ୫:୧୭) । ଆମମାନଙ୍କ ଆତ୍ମାରେ ଈଶ୍ୱରଙ୍କ ସୃଷ୍ଟିକାରୀ କାର୍ଯ୍ୟ ହୋଇଥିଲା

(ଏଫିସୀୟ ୨:୧୦) । ଏହି ଯେଉଁ ସୃଜନାତ୍ମକ କାର୍ଯ୍ୟ ଆମଠାରେ ସାଧିତ ହୋଇଛି (ଏବଂ ଯେଉଁମାନେ ଉଦ୍ଧାର ପାଉଛନ୍ତି ସେମାନଙ୍କ ହୃଦୟରେ ମଧ୍ୟ ସାଧିତ ହେଉଛି), ତାହା ସବୁଠୁ ବଡ଼ ଆଶ୍ଚର୍ଯ୍ୟ କାର୍ଯ୍ୟ ଯାହା ଆମେ ଅନୁଭବ କରିଥାଉ । ଏହାକୁ ନୂତନ ଜନ୍ମରୂପ ଆଶ୍ଚର୍ଯ୍ୟକର୍ମ କୁହାଯାଏ, ଅର୍ଥାତ୍ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ହେବା । ଏବଂ ଏହି ସୃଜନାତ୍ମକ ଆଶ୍ଚର୍ଯ୍ୟ କର୍ମ, ଅକ୍ଷୟ ବୀଜ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ହିଁ ଘଟାଇଛି ।

ବିବେଚନା କରନ୍ତୁ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି କରାଯିବା କେତେ ବଡ଼ ଶକ୍ତିଶାଳୀ କାର୍ଯ୍ୟ । ଶୟତାନର ଯେତେ ଶକ୍ତି ଆମକୁ ଧରି ରଖିଥିଲା, ସେସବୁ ଆମ ଜୀବନରୁ ଦୂରୀକୃତ ହୋଇଛି । ଆମମାନଙ୍କୁ ଶୟତାନର କ୍ଷମତାରୁ ଉଦ୍ଧାର କରି ଈଶ୍ୱରଙ୍କ ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରିତ କରାଯାଇଛି (କଲସୀୟ ୧:୧୩) । ଆମମାନଙ୍କୁ ଈଶ୍ୱରଙ୍କ ପରିବାର ମଧ୍ୟରେ ଗ୍ରହଣ କରାଯାଇଛି । ଆମେମାନେ ଈଶ୍ୱରଙ୍କଠାରୁ ଜାତ ହୋଇଛୁ ଓ ସ୍ୱର୍ଗୀୟ ସ୍ୱଭାବର ଅଂଶୀ ହୋଇଅଛୁ । ଆମେମାନେ ଖ୍ରୀଷ୍ଟଙ୍କ ନିକଟକୁ ଅଣାଯାଇଛୁ ଓ ଖ୍ରୀଷ୍ଟଙ୍କଠାରେ ରହିଥିବାରୁ ସମସ୍ତ ଆଶ୍ଚର୍ଯ୍ୟ ଆଶୀର୍ବାଦ ଆମର ନିଜସ୍ୱ ହୋଇପାରିଛି । ଏହି ସମସ୍ତ ଓ ଆହୁରି ଅଧିକ ବିଷୟ ମୁହୂର୍ତ୍ତକ ମଧ୍ୟରେ ଆମର ନିଜସ୍ୱ ହୋଇପାରିଛି ଯେତେବେଳେ ଈଶ୍ୱରଙ୍କ ବାକ୍ୟ ଏହାର ଆଶ୍ଚର୍ଯ୍ୟ ଶକ୍ତି ଆମମାନଙ୍କ ଜୀବନ ମଧ୍ୟରେ ମୁକ୍ତ କଲା ।

ଈଶ୍ୱରଙ୍କ ବାକ୍ୟରୂପ ବୀଜ ଆମ ମଧ୍ୟରେ କାର୍ଯ୍ୟ କରିବା ଦିଗରେ ଏହାର ଶକ୍ତି ବା ସାମର୍ଥ୍ୟକୁ କ'ଣ କିଛି ମାତ୍ରାରେ ହରାଇ ବସିଛି ? ବାକ୍ୟରୂପ ଅଲୌକିକ ବୀଜ କ'ଣ ଆମ ଜୀବନରେ ପୂର୍ବପରି ଆଉ ଆଶ୍ଚର୍ଯ୍ୟକର୍ମ ସାଧନ କରିପାରୁ ନାହିଁ ? ନା, ଆଦୌ ନୁହେଁ ! କାରଣ ବାକ୍ୟ ଅକ୍ଷୟ ବୀଜ । ବାକ୍ୟ ଜୀବିତ, ଅଟଳ ଭାବରେ ରହିଛି ଓ ଚିରକାଳ ସ୍ଥାୟୀ । ଈଶ୍ୱର ଆମମାନଙ୍କୁ ଯେଉଁସବୁ ବାକ୍ୟ କହିଅଛନ୍ତି, ସେସବୁର, ଆମ ଜୀବନରେ ଫଳ ଉତ୍ପନ୍ନ କରିବାର ଶକ୍ତି ରହିଛି ।

## ଈଶ୍ୱରଙ୍କ ବାକ୍ୟ ଉତ୍ପାଦନକ୍ଷମ

**ଯିଶାଇୟ ୫୫ : ୧୦, ୧୧**

**୧୦ ଯେହେତୁ ଯେପରି ବୃଷ୍ଟି ଓ ହିମ ଆକାଶରୁ ତଳକୁ ଆସେ ଓ ସେଠାକୁ ଫେରି ଯାଏ ନାହିଁ, ମାତ୍ର ଭୂମିକି ସନ୍ତରା କରେ, ପୁଣି ଫଳବତୀ ଓ ତୃଣାଦି ଉତ୍ପନ୍ନ କରି ବପନକାରୀକି ବୀଜ ଓ ଭୋଜନକାରୀକି ଭକ୍ଷ୍ୟ ଦିଏ;**

**୧୧ଆମ୍ଭ ମୁଖରୁ ନିର୍ଗତ ବାକ୍ୟ ସେପରି ହେବ; ତାହା ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ ଯାହା ଇଚ୍ଛା କରୁ, ତାହା ସିଦ୍ଧ କରିବ ଓ ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ ପ୍ରେରଣ କରୁ, ତହିଁରେ କୃତାର୍ଥ ହେବ ।**

ଈଶ୍ୱର କହନ୍ତି ଯେ ତାଙ୍କ ମୁଖର ବାକ୍ୟ ନିଷ୍ଫଳ ହୋଇ ତାଙ୍କ ନିକଟକୁ ଫେରି ଆସିବ ନାହିଁ । ମାତ୍ର ସେ ଯାହା ଇଚ୍ଛା କରନ୍ତି, ତାହା ସିଦ୍ଧ କରିବ । ଯିଶାଇୟ ପୁସ୍ତକର ଉପରୋକ୍ତ ଶାସ୍ତ୍ରାଂଶରୁ ଆମେ ନିମ୍ନ ଚାରୋଟି ସରଳ ସିଦ୍ଧାନ୍ତରେ ଉପନୀତ ହୋଇପାରିବା ।

୧) ଈଶ୍ୱରଙ୍କ ବାକ୍ୟ ଉତ୍ପାଦନ କରିବା ପାଇଁ ଉଦ୍ଦିଷ୍ଟ (ବା ସାଧନ କରିବା ପାଇଁ ଉଦ୍ଦିଷ୍ଟ) ।
୨) ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଇଚ୍ଛା ସାଧନ କରିବ । ଯେଉଁ ଉଦ୍ଦେଶ୍ୟରେ ତାହା ପ୍ରେରିତ ହୋଇଛି ତାହା ସଫଳ କରିବ ।
୩) ଈଶ୍ୱର ଯେତେବେଳେ ତାଙ୍କର ଉଦ୍ଦେଶ୍ୟ ଓ ଇଚ୍ଛା ସାଧନ କରିବାକୁ ଚାହାନ୍ତି ସେ ତାଙ୍କର ବାକ୍ୟ କହିଥାନ୍ତି ।
୪) (ଏହି ସମ୍ବାଦର ଅଂଶବିଶେଷ ନ ହେଲେ ସୁଦ୍ଧା ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା– ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଇଚ୍ଛାକୁ ପ୍ରକାଶ କରେ) ।

ଈଶ୍ୱର ଯେଉଁସବୁ ବାକ୍ୟ କହନ୍ତି (ଓ ସେ ଯେଉଁସବୁ ବାକ୍ୟ କହି ସାରିଛନ୍ତି) ସେସବୁ ନିରର୍ଥକ ନୁହେଁ । ସେସବୁ ବାକ୍ୟରେ ଈଶ୍ୱରଙ୍କ ସର୍ବଶକ୍ତିମତ୍ତା ବିଦ୍ୟମାନତ୍ତା ଉତ୍ପାଦନ କରିବାକୁ ସେସବୁ ପରିକଳ୍ପିତ । ଏକ ବୀଜ ପରି, ଈଶ୍ୱର କହିଥିବା ପ୍ରତ୍ୟେକ ବାକ୍ୟରେ କାର୍ଯ୍ୟ ସାଧନ କରିବାର ଅଲୌକିକ ସାମର୍ଥ୍ୟ ରହିଅଛି ।

ଈଶ୍ୱର ଯାହା ଇଚ୍ଛା କରନ୍ତି ଓ ପୃଥିବୀରେ ତାଙ୍କର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ସାଧନ କରିବା ନିମନ୍ତେ ସେ ତାଙ୍କ ବାକ୍ୟର ପରିକଳ୍ପନା କରନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟ ରହିଛି ଯେପରି କି ସେ ତାଙ୍କ ଲୋକମାନଙ୍କୁ ଆଶୀର୍ବାଦ କରିବେ (ଗୀତସଂହିତା ୩:୮) । ତାଙ୍କର ବାକ୍ୟ ତାହା ସାଧନ କରିବ । ଈଶ୍ୱରଙ୍କ  ଉଦ୍ଦେଶ୍ୟ ରହିଛି ଯେ ସେ ତାଙ୍କ ଲୋକମାନଙ୍କୁ ସୁସ୍ଥ କରିବେ (ଯାତ୍ରାପୁସ୍ତକ ୧୫:୨୬; ୨୩:୨୫) । ତେଣୁ ତାଙ୍କର ବାକ୍ୟ ରୋଗୀମାନଙ୍କୁ ସୁସ୍ଥ କରିବ (ଗୀତସଂହିତା ୧୦୭:୨୦) । ଈଶ୍ୱରଙ୍କର ଉଦ୍ଦେଶ୍ୟ ରହିଛି ଯେ ତାଙ୍କର ଲୋକମାନେ ସେମାନଙ୍କ ଜୀବନ ନିମନ୍ତେ ଜ୍ଞାନ, ବୁଦ୍ଧି ଓ ନିର୍ଦ୍ଦେଶନା ଗ୍ରହଣ କରନ୍ତୁ (ଯିଶାଇୟ ୪୮:୭; ଗୀତସଂହିତା ୩୨:୮) । ତେଣୁ, ତାଙ୍କର ବାକ୍ୟ ଏହି ଉଦ୍ଦେଶ୍ୟକୁ ପୂରଣ କରିଥାଏ । ତାଙ୍କର ଯାହା କିଛି ଉଦ୍ଦେଶ୍ୟ, ଯୋଜନା, ଇଚ୍ଛା ଓ ସଂକଳ୍ପ ରହିଛି ତାଙ୍କର ବାକ୍ୟ ସେସମସ୍ତ ବିଷୟ ସାଧନ କରିବ ।

ପ୍ରଭୁ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି । ଯେତେବେଳେ ସେ ତାଙ୍କର ଉଦ୍ଦେଶ୍ୟ ଓ ଇଚ୍ଛାକୁ କାର୍ଯ୍ୟରେ ପରିଣତ କରିବାକୁ ଚାହିଁଥାନ୍ତି, ସେ କେବଳ ବାକ୍ୟ ପ୍ରଦାନ କରନ୍ତି । ସେ ତାଙ୍କର ମୁଖରେ ବାକ୍ୟ ଉଚ୍ଚାରଣ କରନ୍ତି । ଏହି ଉଚ୍ଚାରିତ ବାକ୍ୟ ସ୍ୱର୍ଗୀୟ ବୀଜ ସଦୃଶ । ଏହା ଈଶ୍ୱରଙ୍କ ଇଚ୍ଛାକୁ ସିଦ୍ଧ କରିବ । ତାଙ୍କର ଲୋକମାନେ ଯେ ଆମେମାନେ, ଜଗତରେ ଆମେ ରହିଛୁ । ତାଙ୍କର ଅକ୍ଷୟ ବାକ୍ୟ (ଓ ତାହାଙ୍କ ଆତ୍ମାଙ୍କର କାର୍ଯ୍ୟ) ଦ୍ୱାରା, ଈଶ୍ୱର ଆମମାନଙ୍କ ଜୀବନ ନିମନ୍ତେ ଯାହା ଇଚ୍ଛା କରିଛନ୍ତି ଓ ଯେଉଁ ଉଦ୍ଦେଶ୍ୟ ରଖିଛନ୍ତି ତାହା ସେ ସାଧନ କରନ୍ତି ।

## ବିଶ୍ୱାସକାରୀଙ୍କ ଅନ୍ତରରେ ବାକ୍ୟ ଫଳପ୍ରଦ ଭାବରେ କାର୍ଯ୍ୟ କରେ

**୧ଥେସଲନୀକୀୟ ୨:୧୩**
**ଆଉ, ଏହି କାରଣରୁ ଆମ୍ଭେମାନେ ମଧ ନିରନ୍ତର ଈଶ୍ୱରଙ୍କର ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟସ୍ୱରୂପେ ଗ୍ରହଣ ନ କରି ବରଂ ଈଶ୍ୱରଙ୍କ ବାକ୍ୟସ୍ୱରୂପେ ଗ୍ରହଣ କରିଥିଲ, ଆଉ ବାସ୍ତବରେ ତାହା ଈଶ୍ୱରଙ୍କ ବାକ୍ୟ ଅଟେ, ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ କାର୍ଯ୍ୟ ସାଧନ କରୁଅଛି ।**

ମନୁଷ୍ୟମାନଙ୍କ ଜୀବନ ମଧ୍ୟକୁ ଶକ୍ତିର ବାହକ ଭାବରେ ଈଶ୍ୱର ତାଙ୍କର ବାକ୍ୟକୁ ପ୍ରସ୍ତୁତ କରିଛନ୍ତି । ପ୍ରେରିତ ପାଉଲ ଥେସଲନୀକୀୟ ମଣ୍ଡଳୀ ନିକଟକୁ ଲିଖିତ ପତ୍ରରେ ବୁଝାଇଛନ୍ତି ଯେ ଈଶ୍ୱରଙ୍କ ବାକ୍ୟ ସ୍ୱର୍ଗୀୟ ଶକ୍ତି ମୁକ୍ତ କରେ ଓ ବିଶ୍ୱାସୀମାନଙ୍କ ଅନ୍ତରରେ ଫଳପ୍ରଦ ଭାବରେ କାର୍ଯ୍ୟ କରେ । ଏଠାରେ ବ୍ୟବହୃତ ଗ୍ରୀକ୍ ପ୍ରତିଶବ୍ଦ *'energeo'* ର ଅର୍ଥ ଐଶ ଶକ୍ତି ବା ଅଲୌକିକ ଶକ୍ତି ଯାହା ଅନ୍ତରରୁ ନିର୍ଗତ ହୁଏ ଓ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରେ । ଈଶ୍ୱରଙ୍କ ବାକ୍ୟ ଆମମାନଙ୍କ ଅନ୍ତରରେ ଈଶ୍ୱରଙ୍କ ଅଲୌକିକ ଶକ୍ତି ମୁକ୍ତ କରେ, ଯେତେବେଳେ ଆମେ ଏହାକୁ ଗ୍ରହଣ କରୁ ଓ ବିଶ୍ୱାସ କରୁ ।

ଈଶ୍ୱରଙ୍କ ପରିକଳ୍ପନା ଅନୁଯାୟୀ ତାଙ୍କର ବାକ୍ୟ ମନୁଷ୍ୟମାନଙ୍କ ଜୀବନ ମଧ୍ୟକୁ ତାଙ୍କର ଶକ୍ତି ବହନ କରି ଆଣିଥାଏ । ଥେସଲନୀକୀୟମାନଙ୍କ ନିକଟକୁ ପ୍ରେରିତ ପାଉଲ ଲେଖନ୍ତି ଯେ, ଯେଉଁମାନେ ବିଶ୍ୱାସ କରନ୍ତି, ଈଶ୍ୱରଙ୍କ ବାକ୍ୟ ସେମାନଙ୍କ

ଜୀବନରେ ସ୍ୱର୍ଗୀୟ ଶକ୍ତି ମୁକ୍ତ କରେ ଓ ପ୍ରଭାବଶାଳୀ ଭାବରେ କାର୍ଯ୍ୟ ସାଧନ କରେ । ଧର୍ମଶାସ୍ତ୍ରର ପ୍ରତ୍ୟେକ ବାକ୍ୟ ଏକ ବୀଜ ସଦୃଶ, ଯାହାର ପ୍ରତ୍ୟେକ ବିଶ୍ୱାସୀ ଜୀବନରେ ଈଶ୍ୱରଙ୍କ ବିଷୟସବୁକୁ ଜନ୍ମ ଦେବାର ସାମର୍ଥ୍ୟ ରହିଛି । ପ୍ରତ୍ୟେକ ବୀଜ ଉକ୍ତ ବୀଜ ସମ୍ୱଳିତ ଉଦ୍ଭିଦ ଉତ୍ପନ୍ନ କରେ (ଆଦିପୁସ୍ତକ ୧:୧୧, ୧୨) । ସେହିପରି ଈଶ୍ୱରଙ୍କଠାରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ତା’ ପାଇଁ ଉଦ୍ଦିଷ୍ଟ ବିଷୟ ଉତ୍ପାଦନ କରେ । ଯେଉଁ ବାକ୍ୟ ସୁସ୍ଥତା ପ୍ରଦାନ କରିବାକୁ ଉଦ୍ଦିଷ୍ଟ ତାହା ସୁସ୍ଥତା ଆଣି ଦେବ । ଯେଉଁ ବାକ୍ୟ ଆଶୀର୍ବାଦ ଓ ସମୃଦ୍ଧି ପାଇଁ ଉଦ୍ଦିଷ୍ଟ ତାହା ଆଶୀର୍ବାଦ ଓ ସମୃଦ୍ଧି ଆଣିଦବ । ଜୀବନର ଯେଉଁ କ୍ଷେତ୍ର ପାଇଁ ଯେଉଁ ବାକ୍ୟ ଉଦ୍ଦିଷ୍ଟ, ସେହି କ୍ଷେତ୍ରରେ ତାହା କାର୍ଯ୍ୟ କରିବ ।

ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ବାକ୍ୟରୂପ ବୀଜ ସମ୍ୱନ୍ଧରେ ଏସବୁ କହିବା ସମୟରେ ଆପଣମାନଙ୍କୁ ସ୍ମରଣ କରାଇ ଦିଆଯାଏ ଯେ ଈଶ୍ୱରଙ୍କ ବାକ୍ୟକୁ ଶୁଣିବା ଓ ସମ୍ପୂର୍ଣ୍ଣରୂପେ ଏହାକୁ ପାଳନ କରିବା ନୀତି ମଧ୍ୟ ରହିଛି । ବାକ୍ୟକୁ ଏଣୁତେଣୁ ନିଜର ମନ ମୁତାବକ ବାଛି ପାଳନ କଲେ ହେବ ନାହିଁ । ଈଶ୍ୱରଙ୍କ ସମୁଦାୟ ସଂକଳ୍ପକୁ ଯେଉଁମାନେ ଶୁଣନ୍ତି ଓ ପାଳନ କରନ୍ତି, ଜୀବନ, ସ୍ୱାସ୍ଥ୍ୟ, ଆଶୀର୍ବାଦ ଓ ସମ୍ପୂର୍ଣ୍ଣ ମଙ୍ଗଳ, ସେମାନଙ୍କ ନିମନ୍ତେ ହିଁ ପ୍ରତିଜ୍ଞା କରାଯାଇଛି (ହିତୋପଦେଶ ୩:୧, ୨, ୭, ୮; ୪:୨୦-୨୨) ।

# ୫. ବୀଜ ହୃଦୟରେ ବପନ କରାଯିବା ଉଚିତ

## ହୃଦୟରୂପ ମୃତ୍ତିକା

**ମାର୍କ ୪:୧୪-୧୫**
**୧୪ ବୁଣାଳି ବାକ୍ୟ ବୁଣେ ।**
**୧୫ ଯେଉଁମାନେ ଶୁଣନ୍ତି, ପୁଣି ଶୁଣିବାକ୍ଷଣି ଶୟତାନ ଆସି ସେମାନଙ୍କଠାରେ ବୁଣାଯାଇଥିବା ବାକ୍ୟ ହରଣ କରିନିଏ, ସେମାନେ ବାକ୍ୟ ବୁଣାଯାଇଥିବା ବାଟପାଖ ଭୂମି ସଦୃଶ ।**

ତିନି ସୁସମାଚାର ପୁସ୍ତକରେ ବର୍ଣ୍ଣିତ ବୀଜବୁଣାଳୀର ଦୃଷ୍ଟାନ୍ତରେ ସ୍ପଷ୍ଟରୂପେ କୁହାଯାଏ ଯେ ବାକ୍ୟରୂପ ବୀଜ ହୃଦୟରେ ବୁଣାଯାଇଥିଲା (ମାଥିଉ ୧୩:୧୯; ମାର୍କ ୪:୧୫; ଲୂକ ୮:୧୨) । ହୃଦୟରୂପ ଭୂମିରେ ହିଁ ଈଶ୍ୱରଙ୍କ ବାକ୍ୟରୂପ ବୀଜ ବପନ କରାଯାଏ ।

ମନୁଷ୍ୟର ହୃଦୟ ନୈତିକ ପ୍ରକୃତି ଓ ଆତ୍ମିକ ଜୀବନର ଆସନ । ଏହା ମଧ୍ୟ ଦୁଃଖ, କାମନା, ସ୍ନେହମମତା, ଇନ୍ଦ୍ରିୟଲବ୍ଧ ଜ୍ଞାନ, ଚିନ୍ତାଭାବନା, ବୁଦ୍ଧିମତ୍ତା, ବିଚାର ଶକ୍ତି, କଳ୍ପନା, ଲକ୍ଷ୍ୟ, ଉଦ୍ଦେଶ୍ୟ, ଇଚ୍ଛା ଓ ବିଶ୍ୱାସର ଆସନ । ପୁରାତନ ନିୟମରେ ହୃଦୟ କହିଲେ ଜଣେ ବ୍ୟକ୍ତିର ନୈତିକ ସ୍ୱଭାବ, ତା'ର ଆବେଗ, ବିଚାର ଓ ଇଚ୍ଛାକୁ ବୁଝାଏ । ନୂତନ ନିୟମରେ ଆତ୍ମା *(pneuma)* ଓ ପ୍ରାଣ *(psuche)* ମଧ୍ୟରେ ଥିବା ପ୍ରଭେଦ ଦର୍ଶାଯାଇଛି, ତଥାପି ହୃଦୟ କହିଲେ ଏଥିରେ ଆତ୍ମା ଓ ପ୍ରାଣ ଅନ୍ତର୍ଭୁକ୍ତ ଅଟେ (ଏବ୍ରୀ ୪:୧୨) । ହୃଦୟ ଅନ୍ତରସ୍ଥ ବ୍ୟକ୍ତି ବା ଗୁପ୍ତସ୍ୱଭାବକୁ ବା ପ୍ରକୃତ ବ୍ୟକ୍ତିକୁ ବୁଝାଏ (୧ପିତର ୩:୪) । ତେଣୁ ଆମ ହୃଦୟରେ ବାକ୍ୟର ବପନ କରାଯିବାର ଅର୍ଥ ଏହା ଆମର ଅନ୍ତରସ୍ଥ ବ୍ୟକ୍ତି ଦ୍ୱାରା, ଅର୍ଥାତ୍ ଆମର ଆତ୍ମା ଓ ପ୍ରାଣ ଦ୍ୱାରା (ଯାହାକି ପ୍ରକୃତ ବ୍ୟକ୍ତିକୁ ବୁଝାଏ) ଗ୍ରହଣ କରାଯିବା ଉଚିତ । ଆମର ବିଶ୍ୱାସ, କାମନା, ସ୍ନେହମମତା, ଇନ୍ଦ୍ରିୟଲବ୍ଧ ଜ୍ଞାନ, ଚିନ୍ତାଭାବନା, ବୁଦ୍ଧିମତ୍ତା, ବିଚାର ଶକ୍ତି, କଳ୍ପନା, ଲକ୍ଷ୍ୟ, ଉଦ୍ଦେଶ୍ୟ, ଇଚ୍ଛାର ରାଜ୍ୟ ଦ୍ୱାରା ବାକ୍ୟ ଗୃହୀତ ହେବା ଆବଶ୍ୟକ ।

## ରୋପିତ ବାକ୍ୟ

**ଯାକୁବ ୧:୨୧**
**ଅତଏବ, ତୁମ୍ଭେମାନେ ସମସ୍ତ ଅଶୁଚିତା ଓ ସବୁ ପ୍ରକାର ଦୁଷ୍ଟତା ପରିତ୍ୟାଗ କରି, ଯେଉଁ ରୋପିତ ବାକ୍ୟ ତୁମ୍ଭମାନଙ୍କ ଆତ୍ମାକୁ ପରିତ୍ରାଣ କରିବା ନିମନ୍ତେ ସମର୍ଥ, ତାହା ନମ୍ରଭାବରେ ଗ୍ରହଣ କର ।**

ଏହି ଶାସ୍ତ୍ରାଂଶରେ ରୋପିତ ବାକ୍ୟ ବିଷୟରେ କୁହାଯାଏ ଯାହା ବୀଜ ଚେର ମାଡ଼ିବା, ଭୂମି ଭିତରେ ବୃଦ୍ଧିପାଇବା, ବଦ୍ଧମୂଳ ହେବାକୁ ବୁଝାଏ । ଭୂମିରେ ପତିତ ବୀଜ ସଦୃଶ ବାକ୍ୟ ହୃଦୟରେ କାର୍ଯ୍ୟ କରେ । ଏହା ହୃଦୟରୂପ ମୃତ୍ତିକା ଭିତରକୁ ଯାଏ, ଚେର ମାଡ଼େ, ଓ ପରେ ଅଙ୍କୁରିତ ହୁଏ । ଏହା ପ୍ରାଣକୁ ପ୍ରଭାବିତ କରେ । ଏଠାରେ ଏହି ସତ୍ୟକୁ ଗୁରୁତ୍ୱ ଦିଆଯାଏ ଯେ ବାକ୍ୟକୁ ଅନ୍ତରରେ ଗ୍ରହଣ କରିବାକୁ ହେବ ଏବଂ ଏହାକୁ ଅନ୍ତରରେ ରୋପିତ ଓ ବଦ୍ଧମୂଳ ହେବାକୁ ଦିଆଯିବା ଉଚିତ ।

## ଆପଣଙ୍କ ହୃଦୟରେ

**ହିତୋପଦେଶ ୪:୨୦-୨୩**
**୨୦ ହେ ମୋହର ପୁତ୍ର, ମୋ' କଥାରେ ମନୋଯୋଗ କର, ମୋ' ବାକ୍ୟରେ କର୍ଣ୍ଣ ଡେର ।**
**୨୧ ତାହାସବୁ ତୁମ୍ଭ ଚକ୍ଷୁରୁ ନ ଯାଉ; ତାହାସବୁ ତୁମ୍ଭ ହୃଦୟ ମଧ୍ୟରେ ଯତ୍ନ କରି ରଖ ।**
**୨୨ ଯେହେତୁ ତାହା ଯେଉଁମାନେ ପାଆନ୍ତି, ସେମାନଙ୍କ ପ୍ରତି ତାହା ଜୀବନ ଓ ସର୍ବାଙ୍ଗର ସ୍ୱାସ୍ଥ୍ୟ ଅଟଇ ।**
**୨୩ ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ ।**

ଈଶ୍ୱରଙ୍କ ବାକ୍ୟକୁ ଆମମାନଙ୍କ ହୃଦୟରେ ଗ୍ରହଣ କରିବାର ସତ୍ୟ କେବଳ ଏକ ନୂତନ ନିୟମର ପ୍ରକାଶନ ନୁହେଁ । ପୁରାତନ ନିୟମରେ ମଧ୍ୟ ଈଶ୍ୱର ତାଙ୍କ ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ସେମାନଙ୍କ ହୃଦୟରେ ତାହାଙ୍କର ବାକ୍ୟକୁ ସଞ୍ଚୟ କରି ରଖିବେ । *"ପୁଣି ଏହି ଯେଉଁ ସକଳ କଥା ମୁଁ ଆଜି ତୁମ୍ଭକୁ ଆଜ୍ଞା କରୁଅଛି, ତାହା ତୁମ୍ଭେ ଆପଣା ହୃଦୟରେ ରଖିବ"* (ଦ୍ୱି.ବିବରଣ ୬:୬; ୧୧:୧୮) । ଗୀତରଚକ କହନ୍ତି, *"ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି"* (ଗୀତସଂହିତା ୧୧୯:୧୧) ।

ହିତୋପଦେଶ ୪:୨୦-୨୩ରେ ଆମମାନଙ୍କ ହୃଦୟରେ ଈଶ୍ୱରଙ୍କ ବାକ୍ୟକୁ ଯଥାର୍ଥ ସ୍ଥାନ ଦେବା ବିଷୟରେ ଶକ୍ତିଶାଳୀ ଆହ୍ୱାନ ଦିଆଯାଇଛି ।

*ମୋ କଥାରେ ମନୋଯୋଗ କର* - ବିଭିନ୍ନ ବିଷୟ ଆମର ମନୋଯୋଗ ଆକର୍ଷଣ କରିଥାଏ, ତେବେ ଆମେ ଈଶ୍ୱରଙ୍କ ବାକ୍ୟରେ ବିଶେଷ ମନୋଯୋଗୀ ହେବା ପାଇଁ ଇଚ୍ଛାକୃତଭାବେ ବାଛିଥାଉ । ପ୍ରତ୍ୟେକ ପରିସ୍ଥିତିରେ ଆମେ ଜାଣିବାକୁ ଚାହିଁଥାଉ ଈଶ୍ୱରଙ୍କ ବାକ୍ୟ ଏ ସମ୍ପର୍କରେ କ'ଣ କହେ । ଈଶ୍ୱରଙ୍କ ବାକ୍ୟକୁ ଆମେ ଅଗ୍ରାଧିକାର ଦେଇଥାଉ । ତଦ୍ଦ୍ୱାରା ଈଶ୍ୱରଙ୍କ ବାକ୍ୟ ପ୍ରତି ଆମେ ମନୋଯୋଗ କରିଥାଉ ।

*ମୋ' ବାକ୍ୟରେ କର୍ଣ୍ଣ ଡ଼େର* - ଅସଂଖ୍ୟ ସ୍ୱର ସେମାନଙ୍କର ମତ ପ୍ରକାଶ କରୁଥିବା ସମୟରେ ଆମେ ଈଶ୍ୱରଙ୍କ ନିକଟକୁ ଯାଉ ଓ ସେ ଯାହା ଯାହା କହନ୍ତି ତାହା ଶୁଣୁ । ଅନ୍ୟମନସ୍କ କରୁଥିବା ସ୍ୱରଗୁଡ଼ିକଠାରୁ ଦୂରେଇ ଯାଇ ଆମେ ଈଶ୍ୱରଙ୍କ ବାକ୍ୟ ଶୁଣିବାକୁ କର୍ଣ୍ଣ ପାତୁ ।

*ତାହାସବୁ ତୁମ୍ଭ ଚକ୍ଷୁରୁ ନ ଯାଉ* - ଈଶ୍ୱରଙ୍କ ବାକ୍ୟ ଆଡ଼େ ଆମର ସତତ ଦୃଷ୍ଟି ରହିବା ଆବଶ୍ୟକ । ଆମର ମନଶ୍ଚକ୍ଷୁଃରେ ଈଶ୍ୱରଙ୍କ ବାକ୍ୟର ଚିତ୍ରସବୁ ଆମେ ଅଙ୍କନ କରିବାକୁ ହେବ । ଆମେ ବାକ୍ୟକୁ "ଦେଖୁ" । ଆମର କଳ୍ପନାକୁ ପରିପୂର୍ଣ୍ଣ କରିବା ପାଇଁ ଈଶ୍ୱରଙ୍କ ବାକ୍ୟକୁ ଅନୁମତି ଦେଉ ।

*ତାହାସବୁ ତୁମ୍ଭ ହୃଦୟ ମଧ୍ୟରେ ଯତ୍ନ କରି ରଖ* - ଆମର ଲକ୍ଷ୍ୟ ରହିବା ଉଚିତ ଯେପରି ଆମେ ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟ ପ୍ରଚୁର ଭାବରେ ସଞ୍ଚୟ କରିବା, ଆମ ଅନ୍ତରକୁ ଏହାଦ୍ୱାରା ପୂର୍ଣ୍ଣ କରିବା, ଆମର ଚିନ୍ତାଧାରା, ଉଦ୍ଦେଶ୍ୟ, ଭାବାବେଶ, ଓ ବିଚାରକୁ ଏହାଦ୍ୱାରା ପରିବ୍ୟାପ୍ତ କରିବା ।

ଏହା ଫଳରେ ଆମର ଜୀବନ ଓ ସ୍ୱାସ୍ଥ୍ୟ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପରିଚାଳିତ ହେବ ।

ଆମ ହୃଦୟ ବାକ୍ୟରେ ପରିପୂର୍ଣ୍ଣ ହେବା ଅତି ଗୁରୁତ୍ୱପୂର୍ଣ୍ଣ, କାରଣ ହୃଦୟ ଆମ ଜୀବନରେ ଯାହାସବୁ ଘଟେ ତା'ର ଉତ୍ସ ଅଟେ । ଯଦି ବାକ୍ୟ ଆମ ହୃଦୟକୁ ପୂର୍ଣ୍ଣ କରେ ତେବେ ବାକ୍ୟ ଆମ ଜୀବନ ମଧ୍ୟରେ ଏହାର ଜୀବନ ଓ ଶକ୍ତି ମୁକ୍ତ କରିବ । ଏହାଦ୍ୱାରା, ଆମର ଜୀବନ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ପ୍ରଭାବିତ, ଗଠିତ ଓ ରୂପାୟିତ ହେବ ।

## ବାକ୍ୟ ଆପଣଙ୍କର ନିକଟବର୍ତ୍ତୀ

**ଦ୍ୱି.ବିବରଣ ୩୦:୧୧-୧୪**

**୧୧ ଆଜି ମୁଁ ତୁମ୍ଭକୁ ଯେଉଁ ଆଜ୍ଞା ଦେଉଅଛି, ତାହା ଅତିରିକ୍ତ କଠିନ ନୁହେଁ, କିଅବା ଦୂରବର୍ତ୍ତୀ ନୁହେଁ ।**

**୧୨ ତାହା ସ୍ୱର୍ଗରେ ନାହିଁ ଯେ, ତୁମ୍ଭେ କହିବ, ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗକୁ ଯାଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ ?**

**୧୩ କିଅବା ତାହା ସମୁଦ୍ର ସେପାରିରେ ନାହିଁ ଯେ, ତୁମ୍ଭେ କହିବ, ଆମ୍ଭେମାନେ ଯେପରି ତାହା ପାଳନ କରିବୁ, ଏଥିପାଇଁ କିଏ ଆମ୍ଭମାନଙ୍କ ନିମନ୍ତେ ସମୁଦ୍ର ପାର ହୋଇ ତାହା ଆମ୍ଭମାନଙ୍କ ନିକଟକୁ ଆଣିବ ଓ ଆମ୍ଭମାନଙ୍କୁ ଶୁଣାଇବ ?**

**୧୪ ମାତ୍ର ତୁମ୍ଭ ପାଳନାର୍ଥେ ସେ ବାକ୍ୟ ତୁମ୍ଭର ଅତି ନିକଟରେ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି ।**

ବାକ୍ୟ ସର୍ବଦା ଆମର "ଅତି ନିକଟରେ" ଅଛି ଯଦି ଆମେ ଆମ ହୃଦୟରେ ତାହା ସଞ୍ଚୟ କରି ରଖିବାକୁ ଚାହିଁବା । ହୃଦୟ ଏକ ବଡ଼ ଭଣ୍ଡାର ସଦୃଶ, ଯହିଁରେ ଆମେ ଈଶ୍ୱରଙ୍କ ବାକ୍ୟ ସଞ୍ଚୟ କରିପାରିବା । ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ । ଯଦି ବାକ୍ୟ ଆମ ହୃଦୟ ଓ ମୁଖକୁ ପୂର୍ଣ୍ଣ କରେ, ଆମେ କେବେହେଲେ ନିରାଶା ଓ ହତାଶାଯୁକ୍ତ କଥା କହିବା ନାହିଁ । ଆମମାନଙ୍କ କଥାରେ ଆଶାହୀନତା ସ୍ଥାନ ପାଇବ ନାହିଁ, କାରଣ ଈଶ୍ୱର ଓ ତାଙ୍କର ବାକ୍ୟ ଦୂରବର୍ତ୍ତୀ ନୁହଁନ୍ତି । ବାକ୍ୟ ପାଇବା ପାଇଁ ସ୍ୱର୍ଗକୁ ବା ସମୁଦ୍ରର ସେପାରିକୁ ଯିବା ଅନାବଶ୍ୟକ । ବାକ୍ୟ ଆମ ହୃଦୟ ଓ ମୁଖକୁ ପୂର୍ଣ୍ଣ କଲେ ଆମେ ତଦନୁସାରେ ଜୀବନଯାପନ କରିବା ଓ ଏହାକୁ ପାଳନ କରିବା । ଉପରୋକ୍ତ ଶାସ୍ତ୍ରାଂଶକୁ ମଧ୍ୟ ପ୍ରେରିତ ପାଉଲ ରୋମୀୟ ୧୦:୬-୮ରେ ଉଦ୍ଧୃତ କରନ୍ତି ଓ ନୂତନ ନିୟମର ବିଶ୍ୱାସୀମାନଙ୍କ କ୍ଷେତ୍ରରେ ଏହାର ପ୍ରୟୋଗ କରନ୍ତି । ତେଣୁ ଈଶ୍ୱରଙ୍କ ବାକ୍ୟ ଆମ ହୃଦୟ ଓ ମୁଖରେ ରହିବା ସମ୍ବନ୍ଧିତ ଅନ୍ତର୍ନିହିତ ସତ୍ୟକୁ ନୂତନ ନିୟମର ବିଶ୍ୱାସୀମାନେ ଅଭ୍ୟାସ କରିବାକୁ ହେବ ।

## ବାକ୍ୟର ଧ୍ୟାନ ଦ୍ୱାରା

ତେବେ ପ୍ରଶ୍ନ ଉଠୁଛି ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟକୁ କିପରି ପ୍ରଚୁର ପରିମାଣରେ ସଞ୍ଚୟ କରିପାରିବା ? ବୀଜ ବୁଣାଳୀର ଦୃଷ୍ଟାନ୍ତରେ ବୀଜ ବୁଣିବା, ଈଶ୍ୱରଙ୍କ ବାକ୍ୟ ଶୁଣିବା ସଙ୍ଗେ ସମାନ । ଆମେ ଜାଣୁ ଯେ ଯେଉଁ ବୀଜ ବୁଣାଯାଏ ତାହା ଭୂମି ମଧ୍ୟକୁ ଯାଇ ଅଙ୍କୁରିତ ହେବା ଆବଶ୍ୟକ । ସେହିପରି ଆମେ ଦେଖୁ ଯେ ବାକ୍ୟ ମଧ୍ୟ ଆମ ହୃଦୟରେ ରୋପିତ ହେବା ଆବଶ୍ୟକ । ଏହା କିପରି ସମ୍ଭବ ?

ଯଦିବା ଏହି ଦୃଷ୍ଟାନ୍ତରେ କୁହାଯାଇ ନାହିଁ, ଆମେ ଯଦି ଧର୍ମଶାସ୍ତ୍ରର ଶିକ୍ଷା ସଙ୍ଗେ ସୁସଙ୍ଗତ ରହିବା, ଆମେ ଆବିଷ୍କାର କରିବା ଯେ ଈଶ୍ୱରଙ୍କ ବାକ୍ୟର ଧ୍ୟାନ ଦ୍ୱାରା ବାକ୍ୟ ସଞ୍ଚୟ ସମ୍ଭବପର ।

ଈଶ୍ୱରଙ୍କ ବାକ୍ୟର ଧ୍ୟାନ ଏକ ପ୍ରକ୍ରିୟା ଯଦ୍ଦ୍ୱାରା ଈଶ୍ୱରଙ୍କ ବାକ୍ୟକୁ ପ୍ରଚୁରଭାବେ ଆମେ ଆମ ହୃଦୟରେ ସଞ୍ଚୟ କରି ରଖି ପାରିଥାଉ । ଆମେ ବାକ୍ୟ ଶୁଣୁ ଓ ଗ୍ରହଣ କରୁ, ଯଦ୍ଦ୍ୱାରା ବାକ୍ୟ ଆମଠାରେ ରୋପିତ ହୁଏ, ବୃଦ୍ଧି ପାଏ ଓ ଆମ ଜୀବନରେ ଫଳ ଫଳେ ।

ଯଦି ଆମେ ନିଜକୁ ଶୃଙ୍ଖଳିତ କରି ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଓ ଆମ ହୃଦୟରେ ତାହା ସଞ୍ଚୟ କରି ରଖିବା, ତେବେ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ ଏହା ନିକଟରେ ଆମେ ସହଜରେ ପହଞ୍ଚିପାରିବା । ଆମମାନଙ୍କ ହୃଦୟରେ ସଞ୍ଚିତ ବାକ୍ୟକୁ ଆମ ମୁଖର ବାକ୍ୟ ଦ୍ୱାରା ଆମେ ବାହାର କରି ଆଣିପାରିବା । ଆମେ ଯାହା ସଞ୍ଚୟ କରି ରଖିଥାଉ ତାହାକୁ ଆମେ ପ୍ରକାଶ କରିଥାଉ । ବାକ୍ୟ ଯେତେବେଳେ ଆମ ହୃଦୟ ଓ ମୁଖକୁ ଅଧିକାର କରେ ଏହା ଆମର 'ଅତି ନିକଟତର' ରହିଥାଏ । ଏହାଦ୍ୱାରା ଈଶ୍ୱରଙ୍କ ବାକ୍ୟକୁ ଆମେ ଯେଉଁଠି ହେଲେ ଯେକୌଣସି ସମୟରେ ଧ୍ୟାନ କରିପାରିବା । ଆଦର୍ଶରୂପେ, ବିଶୃଙ୍ଖଳା ନ ଥିବା ଏକ ଶାନ୍ତ ସ୍ଥାନରେ ବସି ଧ୍ୟାନ କରିବାକୁ ଆମେ ଚାହିଁ ପାରୁ । କିନ୍ତୁ ଯଦି ଆମେ ତାଙ୍କର ବାକ୍ୟକୁ ଆମ ହୃଦୟ ମଧ୍ୟରେ ସଞ୍ଚୟ କରି ରଖିଛୁ, ତେବେ ଏକ ଗହଳି ଥିବା ସାହି ଦେଇ ଚାଲି ଚାଲି ଯିବା ସମୟରେ ବା ରାଜପଥରେ ଗାଡ଼ି ଚଳାଇ ଯାଉଥିବା ସମୟରେ ସୁଦ୍ଧା ଆମେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିପାରିବା ।

ପରବର୍ତ୍ତୀ ଅଧ୍ୟାୟରେ ଆମେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବାର ଶାସ୍ତ୍ରୀୟ ପ୍ରକ୍ରିୟା ଉପରେ ସବିଶେଷ ଆଲୋଚନା କରିବା ।

# ୬. ଈଶ୍ୱରଙ୍କ ବାକ୍ୟର ଧ୍ୟାନ

ଏହି ପୁସ୍ତକର ପୂର୍ବ ଅଧ୍ୟାୟଗୁଡ଼ିକରେ ଆମେ ଗୁରୁତ୍ୱ ଦେଇଛୁ ଯେ ଈଶ୍ୱରଙ୍କ ବାକ୍ୟ ଆମ ବିଶ୍ୱାସର ଉତ୍ସ ଓ ମୂଳଦୁଆ । ଆମେ ମଧ୍ୟ ଈଶ୍ୱରଙ୍କ ବାକ୍ୟର ଶୁଦ୍ଧତା ଓ ଶକ୍ତି ବିଷୟରେ ଆଲୋଚନା କରିଛୁ । ଆମେମାନେ ଆଲୋଚନା କରିଛୁ ଯେ ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଶକ୍ତିରେ ପରିପୂର୍ଣ୍ଣ ଏବଂ ଏହି ଶକ୍ତି ଆମ ଜୀବନରେ ମୁକ୍ତ ହୋଇପାରେ । ଆମେ ମଧ୍ୟ ବୁଝିପାରିଛୁ ଯେ, ଈଶ୍ୱରଙ୍କ ବାକ୍ୟ ବୀଜ ସଦୃଶ, ଯାହାକୁ ଆମ ହୃଦୟରେ ବପନ କରି ତା'ର ଯତ୍ନ ନେଲେ, ଆମ ଜୀବନରେ ତା'ର ପରିବର୍ତ୍ତନକାରୀ ଶକ୍ତି ମୁକ୍ତ ହେବ । ବର୍ତ୍ତମାନ ଆମେ ଗୋଟିଏ ପଦକ୍ଷେପ ଆଗକୁ ଯିବା ଓ ଈଶ୍ୱରଙ୍କ ବାକ୍ୟର ଧ୍ୟାନର ଶୃଙ୍ଖଳା ବିଷୟରେ ଆଲୋଚନା କରିବା । ଧ୍ୟାନ ପ୍ରକ୍ରିୟାରେ ହିଁ ଆମେ ଈଶ୍ୱରଙ୍କ ବାକ୍ୟରୂପ ବୀଜକୁ ଆମମାନଙ୍କ ହୃଦୟରେ ବପନ କରୁ ଓ ତା'ର ଯତ୍ନ ନେଇଥାଉ ।

ସାଧାରଣତଃ 'ଧ୍ୟାନ' କହିଲେ ଲୋକମାନେ ପୂର୍ବଦେଶର ଗୁରୁ ଓ ଯୋଗୀମାନେ ଅଭ୍ୟାସ କରୁଥିବା ଭାବାତୀତ ଧ୍ୟାନକୁ ବୁଝିଥାନ୍ତି । ସମ୍ଭବତଃ, ସେଥିଯୋଗୁଁ ମଣ୍ଡଳୀ ଧ୍ୟାନ କରିବାର ଅଭ୍ୟାସ ଉପରେ ଗୁରୁତ୍ୱ ଦେଇ ନଥାଏ । ଜଗତର ବିଭିନ୍ନ ସଂସ୍କୃତିର ଲୋକମାନେ, ଧ୍ୟାନ କରିବାର ପ୍ରକ୍ରିୟା ସମ୍ପର୍କରେ ନିଜନିଜର ମତପୋଷଣ କରିଥାନ୍ତି । ଆମର ଲକ୍ଷ୍ୟ ହେଉଛି ବାଇବଲ ସମ୍ମତ ଧ୍ୟାନ ବିଷୟରେ ଆପଣଙ୍କୁ ବୁଝାଇବା । ଆମର ବାଞ୍ଛା ଯେ ଆପଣ ଏହାର ଗୁରୁତ୍ୱକୁ ବୁଝନ୍ତୁ ଓ ଆପଣଙ୍କ ବିଶ୍ୱାସର ଯାତ୍ରାରେ ଏହି ଶୃଙ୍ଖଳାକୁ ବିକଶିତ କରନ୍ତୁ ।

## ଧ୍ୟାନ-ଏକ ଶାସ୍ତ୍ରୀୟ ଶୃଙ୍ଖଳା

**ଆଦିପୁସ୍ତକ ୨୪:୬୩କ**
**ଇସ୍‌ହାକ୍ ସନ୍ଧ୍ୟାବେଳେ ଧ୍ୟାନ କରିବା ପାଇଁ କ୍ଷେତ୍ରକୁ ଯାଇଥିଲେ ।**

ବାଇବଲରେ ପ୍ରଥମ କରି 'ଧ୍ୟାନ' ଶବ୍ଦ ଆଦିପୁସ୍ତକରେ ଉଲ୍ଲିଖିତ ହୋଇଛି ଯେତେବେଳେ ଅବ୍ରାହାମଙ୍କ ପ୍ରତିଜ୍ଞାତ ପୁତ୍ର, ଇସ୍‌ହାକ୍ ଧ୍ୟାନ କରୁଥିଲେ । ଅବଶ୍ୟ ସେ କିପରି ଓ କ'ଣ ଧ୍ୟାନ କରୁଥିଲେ ସେ ବିଷୟରେ ଆମେ ଜାଣୁନା । ତେବେ ପ୍ରାଚୀନ କାଳରୁ ଧ୍ୟାନ କରିବା ବିଷୟ ଧର୍ମଶାସ୍ତ୍ରରେ ରହିଛି ବୋଲି ଜଣାଯାଏ । ଇସହାକ୍ ଧ୍ୟାନ କରିବା ନିମନ୍ତେ କ୍ଷେତ୍ରକୁ ଯାଇଥିଲେ, ଯେପରି କି ସେ ସମସ୍ତ ଚିତ୍ତ ବିକ୍ଷେପ ଓ ବିଶୃଙ୍ଖଳାରୁ ଦୂରରେ ରହି, ଧ୍ୟାନ କରିବା ନିମନ୍ତେ ଅନୁକୂଳ ପରିବେଶ ପାଇ ପାରିବେ ।

**ଯିହୋଶୂୟ ୧:୮**
**ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର; ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।**

ଧ୍ୟାନ କରିବା ସମ୍ପର୍କରେ ଏକ ଜଣାଶୁଣା ଶାସ୍ତ୍ରାଂଶ ଯିହୋଶୂୟ ୧ ଅଧ୍ୟାୟରେ ରହିଛି । ପ୍ରଭୁ ତାଙ୍କର ଦାସ ମୋଶାଙ୍କ ଦ୍ୱାରା ତାଙ୍କ ଲୋକ ଇଶ୍ରାଏଲୀୟମାନଙ୍କୁ 'ବ୍ୟବସ୍ଥା' ପ୍ରଦାନ କରିଥିଲେ । ମୋଶା ଇଶ୍ରାଏଲୀୟମାନଙ୍କୁ ଦୃଢ଼ ଭାବରେ ବୁଝାଇଥିଲେ ଯେ

ଈଶ୍ୱରଙ୍କ ବ୍ୟବସ୍ଥା ପ୍ରାପ୍ତ ହେବା ସେମାନଙ୍କ ନିମନ୍ତେ ଅତ୍ୟନ୍ତ ସୌଭାଗ୍ୟର ବିଷୟ ! ମୋଶା ସେମାନଙ୍କୁ କହିଥିଲେ :

**ଦ୍ୱି.ବିବରଣ ୪:୫-୮**
**୫ ଦେଖ, ସଦାପ୍ରଭୁ ମୋହର ପରମେଶ୍ୱର ମୋତେ ଯେପରି ଆଜ୍ଞା ଦେଲେ, ମୁଁ ତୁମ୍ଭମାନଙ୍କୁ ସେପରି ବିଧି ଓ ଶାସନ ଶିକ୍ଷା ଦେଇଅଛି; ତୁମ୍ଭେମାନେ ଯେଉଁ ଦେଶ ଅଧିକାର କରିବାକୁ ଯାଉଅଛ, ତହିଁ ମଧ୍ୟରେ ତୁମ୍ଭମାନଙ୍କୁ ତଦନୁସାରେ ବ୍ୟବହାର କରିବାକୁ ହେବ ।**
**୬ ଏଣୁ ତୁମ୍ଭେମାନେ ତାହାସବୁ ପାଳନ କର; କାରଣ ନାନା ଦେଶୀୟ ଲୋକମାନଙ୍କ ସାକ୍ଷାତରେ ଏହା ହିଁ ତୁମ୍ଭମାନଙ୍କର ଜ୍ଞାନ ଓ ବୁଦ୍ଧି ସ୍ୱରୂପ ହେବ; ସେମାନେ ଏହିସବୁ ବିଧି ଶୁଣି କହିବେ, ଏହି ମହାଗୋଷ୍ଠୀ ନିତାନ୍ତ ଜ୍ଞାନବାନ୍ ଓ ବୁଦ୍ଧିମାନ୍ ଲୋକ ଅଟନ୍ତି ।**
**୭ ଯେହେତୁ ଆମ୍ଭେମାନେ ଯେକୌଣସି ସମୟରେ ପ୍ରାର୍ଥନା କରୁ, ସେ ସମୟରେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଯେପରି ଆମ୍ଭମାନଙ୍କର ନିକଟବର୍ତ୍ତୀ ହୁଅନ୍ତି, ସେପରି ଆଉ କେଉଁ ମହାଗୋଷ୍ଠୀର ପରମେଶ୍ୱର ସେମାନଙ୍କର ନିକଟବର୍ତ୍ତୀ ହୁଅନ୍ତି ?**
**୮ ପୁଣି ମୁଁ ଆଜି ତୁମ୍ଭମାନଙ୍କ ସାକ୍ଷାତରେ ଯେସମସ୍ତ ବ୍ୟବସ୍ଥା ଦେଉଅଛି, ତାହା ତୁଲ୍ୟ ଯଥାର୍ଥ ବିଧି ଓ ଶାସନ ଆଉ କେଉଁ ମହାଗୋଷ୍ଠୀର ଅଛି ?**

ଏହା ସାଙ୍ଗକୁ ପ୍ରଭୁ ତାଙ୍କ ଲୋକମାନଙ୍କୁ ବାରମ୍ବାର ସ୍ମରଣ କରାଇ ଦେଉଥିଲେ ଯେ ସେ ଚାହାନ୍ତି ଯେପରି ସେମାନେ ତାଙ୍କର ବାକ୍ୟକୁ ସେମାନଙ୍କ ହୃଦୟରେ ରଖିବେ ଓ ସର୍ବଦା ପାଳନ କରିବେ । ବାରମ୍ବାର ଆମେ ଏହିପରି ଉକ୍ତି ପାଠ କରିଥାଉ: *''ପୁଣି ଏହି ଯେଉଁ ସକଳ କଥା ମୁଁ ଆଜି ତୁମ୍ଭକୁ ଆଜ୍ଞା କରୁଅଛି, ତାହା ତୁମ୍ଭେ ଆପଣା ହୃଦୟରେ ରଖିବ''* ଏବଂ *''ଏହେତୁ ତୁମ୍ଭେମାନେ ମୋହର ଏହି ସକଳ ବାକ୍ୟ ଆପଣା ଆପଣା ହୃଦୟରେ ଓ ଆପଣା ଆପଣା ପ୍ରାଣରେ ରଖିବ''* (୨ବିବରଣ ୬:୬; ୧୧:୧୮) । ସେହି ନିର୍ଦ୍ଦେଶ ଯିହୋଶୂୟଙ୍କୁ ମଧ୍ୟ ଆଉ ଥରେ ଦିଆଗଲା, ଯେହେତୁ ସେ ଇଶ୍ରାଏଲର ନେତୃତ୍ୱ ଗ୍ରହଣ କରିଥିଲେ । ପ୍ରଭୁ ଯିହୋଶୂୟଙ୍କୁ ତାଙ୍କ ଉପରେ ନ୍ୟସ୍ତ କାର୍ଯ୍ୟ ସମ୍ପର୍କରେ ତାଙ୍କୁ ନିର୍ଦ୍ଦେଶ ଦେଇ କହୁଛନ୍ତି ଯେ ସେ ବଳବାନ୍ ଓ ସାହସିକ ହେବା ଆବଶ୍ୟକ ଏବଂ ମୋଶାଙ୍କ ଦ୍ୱାରା ସେ ଦେଇଥିବା ବ୍ୟବସ୍ଥାକୁ ଯତ୍ନର ସହିତ ପାଳନ କରିବାକୁ ହେବ (ଯିହୋଶୂୟ ୧:୭) । ଏହାପରେ ପ୍ରଭୁ ଯିହୋଶୂୟଙ୍କୁ ଏକ କାର୍ଯ୍ୟପଦ୍ଧତି ବା ଶୃଙ୍ଖଳା ବିଷୟରେ କହିଲେ, ଯେପରି କି ସେ ବାକ୍ୟକୁ ତାଙ୍କ ହୃଦୟରେ ସଞ୍ଚୟ କରି ରଖିବେ ଓ ଯତ୍ନର ସହିତ ତାହା ପାଳନ କରିବେ, *''ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ । ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର''* (ଯିହୋଶୂୟ ୧: ୮କ) ।

ଏହା କୌତୁହଳୋଦ୍ଦୀପକ ବିଷୟ ଯେ ସ୍ୱୟଂ ଈଶ୍ୱର ଯିହୋଶୂୟଙ୍କୁ ଦିବାରାତ୍ର ତାଙ୍କର ବାକ୍ୟ ଧ୍ୟାନ କରିବାକୁ କହୁଛନ୍ତି । ତେଣୁ ବାକ୍ୟକୁ ଧ୍ୟାନ କରିବା ଏପରି ଏକ ଶୃଙ୍ଖଳା ଯାହା ସ୍ୱୟଂ ଈଶ୍ୱର ନିର୍ଦ୍ଦେଶ ଦିଅନ୍ତି ଓ ଉତ୍ସାହିତ କରନ୍ତି । ଈଶ୍ୱର ଚାହାନ୍ତି ଯେ ଆମେ ଏହି ଶୃଙ୍ଖଳାକୁ ଅଭ୍ୟାସ କରିବା ।

ଏହି ପ୍ରକ୍ରିୟାକୁ ଲକ୍ଷ୍ୟ କରନ୍ତୁ:

୧) ବ୍ୟବସ୍ଥା ପୁସ୍ତକର ଶବ୍ଦଗୁଡ଼ିକ ତାଙ୍କ ମୁଖରେ ରହିବା ଆବଶ୍ୟକ ।
*(''ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ'')*

୨) ସେ ସବୁବେଳେ ବାକ୍ୟ ଧ୍ୟାନ କରିବେ ।
*(''ଦିବାରାତ୍ର ତାହା ଧ୍ୟାନ କର'')*

ଧ୍ୟାନ ଏକ ଶୃଙ୍ଖଳା ଯାହା ଧର୍ମଶାସ୍ତ୍ର ଆମକୁ ଦେଇଛି । ଏହାଦ୍ୱାରା ଈଶ୍ୱରଙ୍କ ବାକ୍ୟକୁ ଆମେ ଆମ ହୃଦୟରେ (ଆତ୍ମାରେ) ଓ ପ୍ରାଣରେ (ମନରେ) ସଞ୍ଚିତ କରିପାରିଥାଉ । ବାଇବଲରେ ବିଶେଷ କରି ଗୀତସଂହିତାରେ ଧ୍ୟାନ କରିବା ବିଷୟରେ ଅନେକ

ଶାସ୍ତ୍ରାଂଶ ରହିଛି । ଗୀତସଂହିତା ୧ ଏକ ଜଣାଶୁଣା ଶାସ୍ତ୍ରାଂଶ ଯାହା ଜଣେ ଧାର୍ମିକ ବ୍ୟକ୍ତିର ଶୃଙ୍ଖଳାସବୁ ବିଷୟରେ ଆମକୁ ଶିକ୍ଷା ଦିଏ । ଏଥିରେ କୁହାଯାଏ ଯେ ଏପରି ଜଣେ ବ୍ୟକ୍ତି ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ପାପୀମାନଙ୍କ ମାର୍ଗରେ ଠିଆ ହୁଏନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ । *''ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ତାହାର ଆମୋଦ ଥାଏ ଓ ସେ ଦିବାରାତ୍ର ତାହାଙ୍କ ବ୍ୟବସ୍ଥା ଧ୍ୟାନ କରେ''* (ଗୀତସଂହିତା ୧:୨) । ଧାର୍ମିକ ଜୀବନଯାପନ ଓ ବାକ୍ୟର ଦିବାରାତ୍ର ଧ୍ୟାନ କରିବାର ଶୃଙ୍ଖଳା ଯୋଗୁଁ ସେ ଯାହାସବୁ କରେ ସେଥିରେ ଫଳବାନ୍, ବର୍ଦ୍ଧନଶୀଳ ଓ ସଫଳ ବ୍ୟକ୍ତି ହୋଇ ପାରିଥାଏ (ଗୀତସଂହିତା ୧:୩) ।

ଶାସ୍ତ୍ରୀୟ ଧ୍ୟାନ କେବଳ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବାରେ ସୀମିତ ନୁହେଁ । ବିଭିନ୍ନ ପ୍ରସଙ୍ଗ ବିଷୟକୁ ନେଇ ଆମେ ଧ୍ୟାନ କରିପାରିବା । ଉଦାହରଣ ସ୍ୱରୂପ, ପ୍ରଭୁଙ୍କ ଉପରେ ଆମେ ଧ୍ୟାନ କରିପାରିବା । ପ୍ରଭୁ, ତାଙ୍କର ଚରିତ୍ର ଓ ତାଙ୍କର ଗୁଣାବଳୀକୁ ନେଇ ଆମେ ଧ୍ୟାନ କରିପାରିବା । ଦାଉଦ, ଯେ କି ଇଶ୍ରାଏଲର ମଧୁର ଗାୟକ ଥିଲେ, କହନ୍ତି: *''ମୁଁ ଶଯ୍ୟା ଉପରେ ତୁମ୍ଭକୁ ସ୍ମରଣ କରିବା ବେଳେ ରାତ୍ରିର ପ୍ରହରକୁ ପ୍ରହର ତୁମ୍ଭ ବିଷୟ ଧ୍ୟାନ କରେ''* (ଗୀତସଂହିତା ୬୩:୬) । ଅନ୍ୟ ଜଣେ ଗୀତରଚକ କହନ୍ତି: *''ତାହାଙ୍କ ପ୍ରତି ମୋ ଧ୍ୟାନ ସୁମିଷ୍ଟ ହେଉ; ମୁଁ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବି''* (ଗୀତସଂହିତା ୧୦୪:୩୪) ।

ଆମ ଜୀବନରେ ଈଶ୍ୱର ଯେଉଁସବୁ ଆଶ୍ଚର୍ଯ୍ୟ ବିଷୟମାନ ସାଧନ କରିଅଛନ୍ତି ସେସବୁକୁ ନେଇ ମଧ୍ୟ ଆମେ ଧ୍ୟାନ କରିପାରିବା । ଦାଉଦ କହନ୍ତି, *''ମୁଁ ପୂର୍ବକାଳର ଦିନସବୁ ସ୍ମରଣ କରୁଅଛି; ମୁଁ ତୁମ୍ଭର କର୍ମସବୁ ଧ୍ୟାନ କରୁଅଛି; ମୁଁ ତୁମ୍ଭର ହସ୍ତକୃତ କର୍ମ ଚିନ୍ତା କରୁଅଛି''* (ଗୀତସଂହିତା ୧୪୩:୫) । ଅନ୍ୟ ଜଣେ ଗୀତରଚକ, ଆସଫ୍ କହନ୍ତି, *''ମୁଁ ତୁମ୍ଭର ସମସ୍ତ କର୍ମ ଚିନ୍ତା କରିବି ଓ ତୁମ୍ଭର କ୍ରିୟାସକଳ ଧ୍ୟାନ କରିବି''* (ଗୀତସଂହିତା ୭୭:୧୨) । ଆମେ ମଧ୍ୟ ଜ୍ଞାନ ଓ ବୁଦ୍ଧି ସଂପର୍କିତ ବିଷୟକୁ ନେଇ ଚିନ୍ତନ ଓ ଧ୍ୟାନ କରିପାରୁ । ଗୀତରଚକ କହନ୍ତି, *''ହେ ଜଗନ୍ନିବାସୀଗଣ, ନୀଚ ଓ ଉଚ୍ଚ, ଧନୀ ଓ ଦରିଦ୍ର ସମସ୍ତେ, ଏକତ୍ର କର୍ଣ୍ଣପାତ କର । ମୋହର ମୁଖ ଜ୍ଞାନର କଥା କହିବ ଓ ମୋ ଅନ୍ତଃକରଣର ଧ୍ୟାନ ବୁଦ୍ଧି ବିଷୟକ ହେବ''* (ଗୀତସଂହିତା ୪୯: ୧-୩) ।

## ଧ୍ୟାନ - ବାଇବଲସମ୍ମତ ପ୍ରଣାଳୀ

ବର୍ତ୍ତମାନ ଆମେମାନେ ବୁଝିପାରିଛୁ ଯେ ଧ୍ୟାନ ଏକ ଶାସ୍ତ୍ରୀୟ ଅଭ୍ୟାସ ଓ ସ୍ୱୟଂ ଈଶ୍ୱର ଏହି ଅଭ୍ୟାସକୁ ଉତ୍ସାହିତ କରନ୍ତି । ଆମେମାନେ ଏହି ପ୍ରଣାଳୀରେ ହିଁ ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟକୁ ସଞ୍ଚୟ କରିପାରିଥାଉ । ଆମର ପରବର୍ତ୍ତୀ ଉଦ୍ଦେଶ୍ୟ କିପରି ଧ୍ୟାନ କରିବା ସେ ବିଷୟରେ ଶିକ୍ଷା କରିବା ।

ପୁରାତନ ନିୟମରେ 'ଧ୍ୟାନ' ଶବ୍ଦକୁ ନେଇ ଦୁଇଟି ହିବ୍ରୁ ଶବ୍ଦ ବ୍ୟବହାର ହୋଇଛି । ହିବ୍ରୁ ଶବ୍ଦ *hagah*ର ଅର୍ଥ ''ଚିନ୍ତା କରିବା, କଳ୍ପନା କରିବା, ଅନୁଧ୍ୟାନ କରିବା, ଦୁଃଖ ବା ଆନନ୍ଦର ମୃଦୁଧ୍ୱନି କରିବା, ରାଗରେ ଅସ୍ପଷ୍ଟ ଗର୍ଜନ କରିବା, ଅସ୍ପଷ୍ଟ ବା କ୍ଷୀଣ ସ୍ୱରରେ ଶବ୍ଦ ଉଚ୍ଚାରଣ କରିବା, କ୍ଷୀଣ କଣ୍ଠରେ ଅଭିଯୋଗ କରିବା, ନୀରବରେ ଶବ୍ଦ କରିବା ଯେପରି ଦୀର୍ଘଶ୍ୱାସ ତ୍ୟାଗ କରିବା, ମନପ୍ରାଣ ଦେଇ ଶବ୍ଦଗୁଡ଼ିକୁ ପୁନରାବୃତ୍ତି କରି ଭାବିବା ।'' ଅନ୍ୟ ହିବ୍ରୁ ଶବ୍ଦ *Siyach* ମୁଖ୍ୟତଃ ଗୀତସଂହିତା ୧୧୯ରେ ବ୍ୟବହୃତ ହୋଇଛି । ଏହାର ଅର୍ଥ ''ଗଭୀରଭାବେ ଚିନ୍ତା କରିବା, ଅର୍ଥାତ୍ ନିଜ ସଙ୍ଗେ ନିଜେ ଉଚ୍ଚସ୍ୱରରେ କଥୋପକଥନ କରିବା, ଉଚ୍ଚାରଣ କରିବା, ମାନସିକ ବା ଆଧ୍ୟାତ୍ମିକ ସ୍ତରରେ ଆଦାନ ପ୍ରଦାନ କରିବା, ଅଭିଯୋଗ କରିବା, ଘୋଷଣା କରିବା, ବିଚାର କରିବା, ଧ୍ୟାନପୂର୍ବକ କହିବା, ପ୍ରାର୍ଥନା କରିବା, କଥା କହିବା, କଥାବାର୍ତ୍ତା କରିବା'' । ପ୍ରଥମ ଶବ୍ଦ

Hagah ସମ୍ପର୍କରେ Spirit- Filled Life Bible ରେ ଏହି ଟିପ୍ପଣୀ ରହିଛି: *''ଇଂରାଜୀରେ 'ଧ୍ୟାନ' ପାଇଁ ବ୍ୟବହୃତ ଶବ୍ଦ ଏକ ମାନସିକ ଅନୁଶୀଳନ ଅଟେ । Hagah ଏହି ଇଂରାଜୀ ଶବ୍ଦଠାରୁ ଭିନ୍ନ ଅଟେ । ହିବ୍ରୁ ଚିନ୍ତାଧାରାରେ, ଧର୍ମଶାସ୍ତ୍ର ଉପରେ ଧ୍ୟାନ କରିବାର ଅର୍ଥ ବାହାରର ଚିତ୍ତବିକ୍ଷେପ ସବୁଠାରୁ ଦୂରେଇ ରହି ନୀରବରେ, ମୃଦୁ ଓ ଗୁଣୁଗୁଣୁ ସ୍ୱରରେ ପୁନରାବୃତ୍ତି କରିବା । ଏହି ପରମ୍ପରାରୁ ଯିହୁଦୀମାନଙ୍କର ଏକ ବିଶେଷ ପ୍ରକାର ପ୍ରାର୍ଥନା 'davening' ଜନ୍ମ ନେଇଥିଲା । ଏହି ପ୍ରାର୍ଥନାରେ ସେମାନେ ଶାସ୍ତ୍ରାଂଶଗୁଡ଼ିକୁ ଆବୃତ୍ତି କରନ୍ତି, ଆବେଗମୟ ପ୍ରାର୍ଥନା କରନ୍ତି, ମୁଣ୍ଡ ନୁଆଁଇ ଆଗପଛ ହୋଇ ଈଶ୍ୱରଙ୍କ ସଙ୍ଗେ ସହଭାଗିତାରେ ହଜିଯାଆନ୍ତି । ନିଶ୍ଚିତରୂପେ ଏହି ସକ୍ରିୟ ଧ୍ୟାନ-ପ୍ରାର୍ଥନା ଦାଉଦଙ୍କ ସମୟରେ ମଧ୍ୟ ପ୍ରଚଳିତ ଥିଲା ।''*

ଧ୍ୟାନ ମନୁଷ୍ୟ ଆତ୍ମାର ଏକ କାର୍ଯ୍ୟ ଯାହା ପ୍ରାଣକୁ (ଚିନ୍ତା, ବୁଦ୍ଧି, କଳ୍ପନା, ଅନୁଭବ ଓ ଇଚ୍ଛାର ସ୍ଥାନ) ପହଞ୍ଚିଥାଏ ଓ ଶରୀରକୁ ପ୍ରଭାବିତ କରିଥାଏ । ଏହାକୁ ଭଲ ଭାବେ ବୁଝିବା ପାଇଁ, ଧ୍ୟାନ ପ୍ରକ୍ରିୟାକୁ ଆମେ ତିନୋଟି ଶବ୍ଦରେ ପ୍ରକାଶ କରିବା- ଅନୁଧ୍ୟାନ, ଅନୁମାନ ଓ ଅଙ୍ଗୀକାର । ଧ୍ୟାନ କରୁଥିବା ସମୟରେ ଜଣେ ଏଥିରୁ ଏକାଧିକ ପ୍ରକ୍ରିୟାରେ ଭାଗୀଦାର ହୋଇଥାଏ । କୌଣସି ଏକ ପ୍ରସଙ୍ଗକୁ ନେଇ ଜଣେ ଗଭୀର ଭାବେ ଅନୁଧ୍ୟାନ କରୁଥାଇପାରେ ବା ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ସେ ଅନୁଧ୍ୟାନ ଓ ଅନୁମାନ କରୁଥିବ, ବା ଅଙ୍ଗୀକାର ପ୍ରକ୍ରିୟାରେ ରହିଥିବ । ଏହି ତିନୋଟି ପ୍ରକ୍ରିୟା ବିଷୟରେ ଆମେ ସବିଶେଷ ଆଲୋଚନା କରିବା ।

## ଅନୁଧ୍ୟାନ (Contemplation)- ନିଜ ମଧ୍ୟରେ ଚିନ୍ତା କରିବା

**ଗୀତସଂହିତା ୧୪୩:୫**
**ମୁଁ ପୂର୍ବକାଳର ଦିନସବୁ ସ୍ମରଣ କରୁଅଛି; ମୁଁ ତୁମ୍ଭର କର୍ମସବୁ ଧ୍ୟାନ କରୁଅଛି; ମୁଁ ତୁମ୍ଭର ହସ୍ତକୃତ କର୍ମ ଚିନ୍ତା କରୁଅଛି ।**

ଧ୍ୟାନର ଏହି ଦିଗ ଆମର ଚିନ୍ତା ଓ ବୋଧଶକ୍ତିର ଉପଯୋଗ କରିଥାଏ । କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଆମେ ବିଚାର କରିଥାଉ, ଗଭୀର ଚିନ୍ତା କରିଥାଉ । ଉଦାହରଣ ସ୍ୱରୂପ, ଯଦି ବାକ୍ୟର କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଆମେ ଅନୁଧ୍ୟାନ କରୁଛୁ, ହୁଏତ ସ୍ୱର୍ଗୀୟ ଆରୋଗ୍ୟ ବିଷୟରେ, ଏବଂ ଆମେ ଯିଶାଇୟ ୫୩:୪କୁ ଏଥିନିମନ୍ତେ ମନୋନୀତ କରିଛୁ, ତେବେ ଅନୁଧ୍ୟାନ କରିବା ସମୟରେ ଏହି ପଦର ଅର୍ଥ, ଏହାର ତାତ୍ପର୍ଯ୍ୟ ଓ ଏହାର ଅଭିପ୍ରାୟକୁ ନେଇ ଆମେ ବିଚାର କରିଥାଉ । ଆମେ ଜାଣୁ ଯେ ଯୀଶୁ ଆମର ଅସୁସ୍ଥତାସବୁ ଧାରଣ କଲେ ଓ ଆମର ବ୍ୟଥାସବୁ ବହନ କଲେ । ସେ ଆମର ବଦଳ ହୋଇ ଏହା କଲେ, ଏଣୁ ଆମେ ସେସବୁ ବହନ କରିବା ଅନାବଶ୍ୟକ । ଏହାକୁ ଆମେ ନିଜେ ନିଜେ ବୁଝିଥାଉ ଓ ନିଜ ମଧ୍ୟରେ ବିଚାର ବିମର୍ଷ କରିଥାଉ । ଆମମାନଙ୍କର ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ଦ୍ୱାରା ମଧ୍ୟ ଆମେ ଚିନ୍ତା କରିଥାଉ । ଆମଠାରେ ଏ ବିଷୟରେ ଯେଉଁସବୁ ଭୁଲ ଅବଧାରଣା ଓ ଭାବନା ରହିଥିଲା ସେସବୁକୁ ଆମେ ଉପେକ୍ଷା କରିଦେଉ ।

ଆମେ ବିଶ୍ୱାସ କରୁ ଯେ, ବାକ୍ୟର ଗଭୀର ଅନୁଧ୍ୟାନରେ ସମୟ ବିତାଇଲେ ଈଶ୍ୱରଙ୍କ ଆତ୍ମା ଆମ ଉପରେ ଆନନ୍ଦିତ ହୋଇଥାନ୍ତି । ଅନେକ ସମୟରେ, ଆମେ ବାହାରର ସମସ୍ତ ଚିତ୍ତ□ବିକ୍ଷେପରୁ ଦୂରେଇ ଯାଇ ମନୋଯୋଗ ସହକାରେ ବାକ୍ୟର ଅନୁଧ୍ୟାନରେ ମଜ୍ଜିଯାଉ । ପ୍ରଭୁଙ୍କର ଆତ୍ମା ମୃଦୁଭାବରେ ଆମର ଚିନ୍ତା ପ୍ରକ୍ରିୟାରେ ଆମକୁ ଧାରଣ କରନ୍ତି । ସେ ଆମମାନଙ୍କୁ ପ୍ରେରଣା ଯୋଗାନ୍ତି ଓ ଆମ ମନରେ ସତେଜ ଧାରଣା ଓ ଅନ୍ତର୍ଦୃଷ୍ଟି ରୋପଣ କରି ଆମମାନଙ୍କ ଚିନ୍ତାଧାରାକୁ ଚାଳିତ କରନ୍ତି ।

ପ୍ରାଚୀନ କାଳର ଲେଖକମାନେ କିପରି ଅନୁପ୍ରେରିତ ହୋଇ ଧର୍ମଶାସ୍ତ୍ର ରଚନା କରିଥିଲେ, ସେ ବିଷୟରେ ପ୍ରେରିତ ପିତର କହନ୍ତି, *‘‘କାରଣ କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ, ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ’’* (୨ପିତର ୧:୨୧) । *‘ଚାଳିତ’* ଶବ୍ଦକୁ ଗ୍ରୀକ୍‌ରେ *phero* କୁହାଯାଏ । ଏହାର ଅର୍ଥ *‘ବହନ କରିନେବା’* । Vine's Dictionary ରେ ପୁରାତନ ନିୟମର ଭାବବାଦୀମାନଙ୍କ ବିଷୟରେ କୁହାଯାଏ, *‘‘ସେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ବାହିତ ବା ଅନୁପ୍ରେରିତ ହେଉଥିଲେ । ସେମାନେ ନିଜ ଇଚ୍ଛାରେ କାର୍ଯ୍ୟ କରୁ ନ ଥିଲେ କି ନିଜର ଚିନ୍ତାଧାରା ପ୍ରୟୋଗ କରୁ ନ ଥିଲେ, କିନ୍ତୁ ଈଶ୍ୱର ସେମାନଙ୍କୁ ଯେଉଁସବୁ ଶବ୍ଦ ଯୋଗାଇ ଦେଉଥିଲେ ଓ ସେଥିରେ ସାହାଯ୍ୟ କରୁଥିଲେ ତଦନୁସାରେ ସେମାନେ ଈଶ୍ୱରଙ୍କ ମନକୁ ପ୍ରକାଶ କରୁଥିଲେ’’* ।

ଭାବବାଦୀମାନେ ଯାହା କହୁଥିଲେ ସେସବୁ ସେମାନଙ୍କ ବୋଧର ଅଗମ୍ୟ ଥିଲା, ଏପରିକି *‘‘ଖ୍ରୀଷ୍ଟଙ୍କ ଦୁଃଖଭୋଗ ଓ ତତ୍ପରବର୍ତ୍ତୀ ଗୌରବ ବିଷୟରେ ପୂର୍ବରୁ ପ୍ରମାଣଦାତା ଯେ ସେମାନଙ୍କର ମଧ୍ୟବର୍ତ୍ତୀ ଖ୍ରୀଷ୍ଟଙ୍କର ଆତ୍ମା, ସେ କେଉଁ ବା କିପ୍ରକାର କାର୍ଯ୍ୟକୁ ଲକ୍ଷ୍ୟ କରୁଅଛନ୍ତି, ତାହା ସେମାନେ ଅନୁସନ୍ଧାନ କଲେ’’* (୧ପିତର ୧:୧୧) । ଠିକ୍ ସେ ପ୍ରକାରେ, ଆମେ ବାକ୍ୟର ଅନୁଧ୍ୟାନ କରିବା ସମୟରେ ପବିତ୍ର ଆତ୍ମା ଆମର ଚିନ୍ତାରେ ଆମକୁ ବହନ କରି ନିଅନ୍ତି । ପବିତ୍ର ଆତ୍ମା ଆମର ଶିକ୍ଷକ ଅଟନ୍ତି । ଯୀଶୁ କହିଲେ ଯେ ପବିତ୍ର ଆତ୍ମା ଯୀଶୁଙ୍କଠାରୁ ଯାହା ଯାହା ଶୁଣିବେ, ସେହିସବୁ ଆମମାନଙ୍କୁ କହିବେ (ଯୋହନ ୧୬: ୧୨–୧୫) । ଏହା ଅନେକଥର ଘଟିଥାଏ ଯେତେବେଳେ ଆମେ ସମସ୍ତ ଚିତ୍ତ ବିକ୍ଷେପକ ବିଷୟରୁ ନିଜକୁ ପୃଥକ୍ କରି ବାକ୍ୟକୁ ଅନୁଧ୍ୟାନ କରିଥାଉ । ଓଃ ! ଏହା ଏକ ଚମତ୍କାର ଅନୁଭୂତି ହୋଇଥାଏ । ବାକ୍ୟର ଗଭୀର ଅନୁଧ୍ୟାନ କରୁଥିବା ସମୟରେ *‘‘ପ୍ରଭୁଙ୍କ ହସ୍ତ’’* ଅର୍ଥାତ୍ ମଧୁର ପବିତ୍ର ଆତ୍ମା, ମୃଦୁ ଭାବରେ ଆମମାନଙ୍କ ଉପରେ ଅବତରଣ କରନ୍ତି ଓ ଚିନ୍ତା କରିବାରେ ସେ ଆମକୁ ଧାରଣ କରି ନିଅନ୍ତି । ବେଳେବେଳେ ପ୍ରଭୁଙ୍କ ଉପସ୍ଥିତି ଏତେ ବାସ୍ତବ ହୋଇଯାଏ ଯେ ସେ ଯେଉଁ ଆଶ୍ଚର୍ଯ୍ୟ ପ୍ରକାଶନ ଓ ବୁଦ୍ଧିମତ୍ତା ପ୍ରଦାନ କରନ୍ତି ତଦ୍ଦ୍ୱାରା ଆନନ୍ଦାଶ୍ରୁ ଝରିବାକୁ ଲାଗେ ଓ ଧନ୍ୟବାଦ ନିର୍ଗତ ହୁଏ ।

ଅନୁଧ୍ୟାନ ଆମର ଚିନ୍ତାଧାରାକୁ ପ୍ରଭାବିତ କରେ । ଏହା ଈଶ୍ୱରଙ୍କ ବାକ୍ୟ ଦ୍ୱାରା ନୂତନୀକୃତ ଏକ ମନ ଉତ୍ପନ୍ନ କରେ । ଧର୍ମଶାସ୍ତ୍ର ଆମମାନଙ୍କୁ ମନର ନୂତନୀକରଣ ବିଷୟରେ ଶିକ୍ଷା ଦିଏ (ରୋମୀୟ ୧୨:୨) । ଆମ ମନର ଦୃଷ୍ଟିଭଙ୍ଗୀରେ ନୂତନୀକୃତ ହେବା ପାଇଁ ମଧ୍ୟ ଆମକୁ କୁହାଯାଏ (ଏଫିସୀ ୪:୨୩) । ଯେଉଁ ବ୍ୟକ୍ତିର ମନ ଈଶ୍ୱରଙ୍କର ସମସ୍ତ ସଂକଳ୍ପରେ (ଈଶ୍ୱରଙ୍କ ସମସ୍ତ ବାକ୍ୟରେ) ନୂତନୀକୃତ ହୋଇଛି ତାହା, *‘‘ଈଶ୍ୱରଙ୍କର ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ଇଚ୍ଛାକୁ ପରୀକ୍ଷା କରି ଜାଣିପାରେ’’* (ରୋମୀୟ ୧୨:୨) । ଈଶ୍ୱରଙ୍କର ବାକ୍ୟର ଶୃଙ୍ଖଳିତ ଅନୁଧ୍ୟାନ ଦ୍ୱାରା ଆମେ *‘‘ଜ୍ଞାନେନ୍ଦ୍ରିୟଗୁଡ଼ିକର ଅଭ୍ୟାସ ଦ୍ୱାରା ଭଲମନ୍ଦ ନିରୂପଣ କରିବାକୁ ସକ୍ଷମ’’* ହୋଇଥାଉ (ଏବ୍ରୀ ୫:୧୪) ।

## ଅନୁମାନ (Visualization) – ଆପଣଙ୍କ କଳ୍ପନାକୁ ରଞ୍ଜିତ କରିବା

**ଆଦିପୁସ୍ତକ ୧୫:୧-୬**

**୧ ସେହି ଘଟନା ଉତ୍ତାରେ ଦର୍ଶନ ଦ୍ୱାରା ସଦାପ୍ରଭୁଙ୍କର ବାକ୍ୟ ଅବ୍ରାମଙ୍କ ନିକଟରେ ଉପସ୍ଥିତ ହେଲା, ହେ ଅବ୍ରାମ, ଭୟ କରନାହିଁ, ଆମ୍ଭେ ତୁମ୍ଭର ଢାଲ ଓ ମହାପୁରସ୍କାରସ୍ୱରୂପ ।**

**୨ ତହିଁରେ ଅବ୍ରାମ ଉତ୍ତର କଲେ, ହେ ପ୍ରଭୋ ସଦାପ୍ରଭୋ, ତୁମ୍ଭେ ମୋତେ କଅଣ ଦେବ ? ମୁଁ ତ ନିଃସନ୍ତାନ ହୋଇ ପ୍ରସ୍ଥାନ କରୁଅଛି, ପୁଣି ଦମ୍ମେସକୀୟ ଇଲିୟେଜର ମୋ’ ଗୃହର ଧନାଧିକାରୀ ଅଟେ ।**

**୩ ପୁଣି ଅବ୍ରାମ କହିଲେ, ଦେଖ, ତୁମ୍ଭେ ମୋତେ ସନ୍ତାନ ଦେଲନାହିଁ, ଏଣୁ ମୋ' ଗୃହଜାତ କୌଣସି ଲୋକ ମୋହର ଉତ୍ତରାଧିକାରୀ ହେବ ।**
**୪ ସେତେବେଳେ ତାଙ୍କ ପ୍ରତି ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ ହେଲା, ଦେଖ, ସେହି ବ୍ୟକ୍ତି ତୁମ୍ଭର ଉତ୍ତରାଧିକାରୀ ହେବନାହିଁ; ମାତ୍ର ଯେ ତୁମ୍ଭ ଔରସରେ ଜାତ ହେବ, ସେହି ତୁମ୍ଭର ଉତ୍ତରାଧିକାରୀ ହେବ ।**
**୫ ଅନନ୍ତର ସେ ତାଙ୍କୁ ବାହାରକୁ ଆଣି କହିଲେ, ତୁମ୍ଭେ ଆକାଶକୁ ଦୃଷ୍ଟି କରି ଯେବେ ତାରାସମୂହ ଗଣିପାର, ତେବେ ଗଣି କୁହ । ସେ ଆହୁରି କହିଲେ, ଏହି ପ୍ରକାର ତୁମ୍ଭର ବଂଶ ହେବ ।**
**୬ ସେତେବେଳେ ସେ ସଦାପ୍ରଭୁଙ୍କଠାରେ ବିଶ୍ୱାସ କରନ୍ତେ, ସେ ତାଙ୍କ ପକ୍ଷରେ ତାକୁ ଧାର୍ମିକତା ବୋଲି ଗଣନା କଲେ'' ।**

ଅବ୍ରହାମଙ୍କୁ ଏକ ମହାଜାତିର ପିତା କରିବେ ବୋଲି ଈଶ୍ୱର ତାଙ୍କୁ ପ୍ରଥମେ ଯେଉଁ ପ୍ରତିଜ୍ଞା ଦେଇଥିଲେ ତା'ପରେ ଅନେକ ବର୍ଷ ବିତି ଯାଇଥିଲା । ସାରା ଓ ଅବ୍ରହାମ୍ ନିଃସନ୍ତାନ ଥିଲେ ଯାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଥିଲା । ଏହି ସମୟ ମଧ୍ୟରେ, ପ୍ରଭୁ ଅବ୍ରାହମଙ୍କ ନିକଟରେ ତାଙ୍କର ପ୍ରଥମ ପ୍ରତିଜ୍ଞାକୁ ସୁନିଶ୍ଚିତ କରିଥିଲେ । ପ୍ରଭୁ ଯାହା କରିଥିଲେ ସେଥିପ୍ରତି ଆପଣଙ୍କ ମନୋଯୋଗ ଆକର୍ଷଣ କରିବାକୁ ଆମେ ଚାହୁଁ । ଏକ ରାତ୍ରିରେ ସେ ଅବ୍ରାହମଙ୍କୁ ତାଙ୍କ ଗୃହ ବାହାରକୁ ନେଇ ନକ୍ଷତ୍ର ଶୋଭିତ ଆକାଶକୁ ଦେଖାଇଲେ ଓ ପଚାରିଲେ ସେ କ'ଣ ତାରାମାନଙ୍କୁ ଗଣିପାରିବେ । ଏହା ପରେ ସେ ଅବ୍ରାହମଙ୍କୁ କହିଲେ, *''ଏହି ପ୍ରକାର ତୁମ୍ଭର ବଂଶ ହେବ''* । ବାସ୍ତବରେ, ଈଶ୍ୱର ଅବ୍ରହାମଙ୍କୁ ତାଙ୍କ ପ୍ରତିଜ୍ଞାର ଏକ 'ମାନସିକ ଛବି' ଦେଉଥିଲେ । ଈଶ୍ୱରଙ୍କ ପ୍ରତିଜ୍ଞା ଯେ ସଫଳ ହେବ ଏହାର ଏକ ଛବି ଅବ୍ରହାମ ଦେଖିଲେ । ସେ ତାଙ୍କ ମନଶ୍ଚକ୍ଷୁଃରେ ଦେଖପାରିଲେ ଈଶ୍ୱରଙ୍କ ପ୍ରତିଜ୍ଞା କି ପ୍ରକାରେ ସଫଳ ହେବାକୁ ଯାଉଛି । ପରବର୍ତ୍ତୀ ସମୟରେ, ପ୍ରଭୁ ଅବ୍ରହାମଙ୍କୁ ମଧ୍ୟ କହିଲେ, *''ଆମ୍ଭେ ଆକାଶସ୍ଥ ତାରାଗଣ ଓ ସମୁଦ୍ରର ବାଲିପରି ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବା''* (ଆଦି ୨୨:୧୨) ।

ଅନୁମାନ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯାହା ଧ୍ୟାନରେ ଆମେ ଅଭ୍ୟାସ କରିଥାଉ । ଈଶ୍ୱର ତାଙ୍କର ବାକ୍ୟ ଦ୍ୱାରା ଆମକୁ ଯାହା ଜଣାଉଛନ୍ତି ତାହା ଆମେ ଆମ କଳ୍ପନା ଶକ୍ତିରେ ଦେଖି ପାରିଥାଉ । ଉଦାହରଣ ସ୍ୱରୂପ, ଯଦି ଆମେ ଅସୁସ୍ଥ ଅଟୁ, ଆମେ ଦେଖିପାରୁ ଯେ ଆମେ ଠିକ୍ ହୋଇଯାଇଛୁ । ଈଶ୍ୱରଙ୍କ ବାକ୍ୟ ଆମ ବିଷୟରେ ଯାହା କିଛି କହେ ସେସବୁକୁ ଆମେ ସଫଳ ହୋଇଥିବା ଓ କରିବା ଦେଖିଥାଉ । ଅନୁମାନ, ଧ୍ୟାନର ଏକ ପ୍ରକ୍ରିୟା ଯହିଁରେ ଆମ କଳ୍ପନାର ଉପଯୋଗ ହୋଇଥାଏ ।

ମଣ୍ଡଳୀ ସାଧାରଣଭାବେ କଳ୍ପନାର ଶକ୍ତିକୁ ଉପଯୋଗ କରିବାରେ ଅବହେଳା କରିଥାଏ । ଟିଭିର ଅଶାଳୀନ ବିଜ୍ଞାପନ, ପତ୍ରପତ୍ରିକାର ବିଜ୍ଞାପନ ଇତ୍ୟାଦି ଦ୍ୱାରା ଜଗତ ସବୁବେଳେ ଆମମାନଙ୍କର କଳ୍ପନା ଉପରେ ଯଥେଷ୍ଟ ପ୍ରଭାବ ପକାଉଛି । କଳ୍ପନା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଆମର କଳ୍ପନା ଆମର ବ୍ୟବହାର ଓ ଆମର ନିଷ୍ପତ୍ତିଗୁଡ଼ିକୁ ପ୍ରଭାବିତ କରିଥାଏ । ତାହା ଆମ ଜୀବନର ଦୃଷ୍ଟିକୋଣକୁ ପ୍ରଭାବିତ କରିଥାଏ ଓ ଆମର ଆତ୍ମସମ୍ମାନକୁ ନିର୍ଣ୍ଣୟ କରିଥାଏ । ଅନେକ ଲୋକଙ୍କର ନିକୃଷ୍ଟ ଭାବମୂର୍ତ୍ତି (ବା ଏକ ନିକୃଷ୍ଟ ଆତ୍ମ-କଳ୍ପନା) ବା ଏକ ଆତ୍ମ-ପ୍ରତିକୃତି ରହିଛି ଯାହା ସେମାନଙ୍କୁ ଲୋକଭୟ, ଅଜଣା ଭୟ, ରିସ୍କ୍ ନେବାରେ ଭୟ ମଧ୍ୟରେ ବାନ୍ଧି ରଖିଥାଏ ବା ଏକ ଆତ୍ମ-ପ୍ରତିକୃତି ଯଦ୍ଦ୍ୱାରା ସେମାନେ ନିଜକୁ ନ୍ୟୂନ ମନେ କରିଥାନ୍ତି, ଇତ୍ୟାଦି । ତଥାପି, ଯେତେବେଳେ ଆମେ ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରୁ ଓ ନିଜକୁ ଦେଖିବାକୁ ଆରମ୍ଭ କରୁ (ବା କଳ୍ପନା କରୁ), ଈଶ୍ୱର ଆମ ବିଷୟରେ କ'ଣ କହନ୍ତି, ତାହା ଅନୁମାନ କରୁ, ଆମର ଆତ୍ମ-ପ୍ରତିକୃତି ବଦଳିବାକୁ ଆରମ୍ଭ କରେ । ବାସ୍ତବରେ କେବଳ ଆମର ଆତ୍ମ-ପ୍ରତିକୃତି ନୁହେଁ ମାତ୍ର ଆମର ଜୀବନର ସମ୍ପୂର୍ଣ୍ଣ ଦୃଷ୍ଟିକୋଣ ଓ ଆମ ଚାରିପାଖେ ଥିବା ଅବସ୍ଥାସବୁ ବଦଳିଯିବାକୁ ଲାଗେ ।

ପୁରାତନ ନିୟମରେ ଏକ ଜଣାଶୁଣା ଘଟଣା ଗଣନା ୧୩ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଯାହା ଏଠାରେ ଏକ ଉତ୍ତମ ଉଦାହରଣରୂପେ ଉଲ୍ଲେଖ କରାଯାଇପାରେ । କିଣାନ ଦେଶକୁ ଅଧିକାର ସ୍ୱରୂପେ ଦେବାକୁ ପ୍ରତିଜ୍ଞା କରି, ପ୍ରଭୁ ତାଙ୍କର ଲୋକମାନଙ୍କୁ ମିଶର ଦେଶର ଦାସତ୍ୱରୁ ବାହାର କରି ଆଣିଲେ । ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବାର ପ୍ରସ୍ତୁତି ସ୍ୱରୂପେ, ପ୍ରଭୁ ମୋଶାଙ୍କୁ କହିଲେ ଯେ ସେ ଇଶ୍ରାଏଲର ୧୨ ଗୋଷ୍ଠୀରୁ ୧୨ଜଣଙ୍କୁ ବାଛି ଉକ୍ତ ଦେଶର ଅନୁସନ୍ଧାନ କରିବାକୁ ସେମାନଙ୍କୁ ପଠାନ୍ତୁ । ସେହି ୧୨ଜଣ ୪୦ ଦିନ ସେହି ଦେଶରେ ବିତାଇଲେ । ସେମାନେ ଫେରି ସେମାନଙ୍କର ବିବରଣୀ ପ୍ରଦାନ କଲେ । ସେସମସ୍ତେ ଏକମତ ଥିଲେ ଯେ ଦେଶଟି ଉର୍ବର ଓ ଉନ୍ନତ । ତଥାପି, ୧୦ଜଣ ସେଠାର ବୀରମାନଙ୍କୁ ଦେଖି ଭୟଭୀତ ହୋଇଥିଲେ । ସେମାନେ କହିଲେ, *''ଆମ୍ଭେମାନେ ସେହି ଲୋକମାନଙ୍କ ବିରୁଦ୍ଧରେ ଯାଇ ନ ପାରୁ, କାରଣ ସେମାନେ ଆମ୍ଭମାନଙ୍କଠାରୁ ବଳବାନ୍... ଆମ୍ଭେମାନେ ଯେଉଁ ଦେଶର ମଧ୍ୟ ଦେଇ ଅନୁସନ୍ଧାନ କରିବାକୁ ଯାଇଥିଲୁ, ସେହି ଦେଶ ସ୍ୱନିବାସୀମାନଙ୍କୁ ଗ୍ରାସ କରେ, ପୁଣି ତହିଁ ମଧ୍ୟରେ ଆମ୍ଭେମାନେ ଯେତେ ଲୋକଙ୍କୁ ଦେଖିଲୁ, ସେମାନେ ବଡ଼ ଡେଙ୍ଗା । ଆଉ ସେ ସ୍ଥାନରେ ଆମ୍ଭେମାନେ ମହାବୀରଜାତ ଅନାକର ସନ୍ତାନ ମହାବୀରଗଣଙ୍କୁ ଦେଖିଲୁ; ଆଉ ଆମ୍ଭେମାନେ ଆପଣାମାନଙ୍କ ଦୃଷ୍ଟିରେ ପତଙ୍ଗ ପରି ହେଲୁ ଓ ସେମାନଙ୍କ ଦୃଷ୍ଟିରେ ମଧ୍ୟ ସେରୂପ ଥିଲୁ''* (ଗଣନାପୁସ୍ତକ ୧୩: ୩୧-୩୩) । ସେମାନଙ୍କ ମଧ୍ୟରୁ କେବଳ ଦୁଇଜଣ ସକାରାତ୍ମକ ବିବରଣୀ ଦେଇଥିଲେ । ସେମାନେ କହିଲେ, *''ଆସ, ଆମ୍ଭେମାନେ ଏକାବେଳକେ ଉଠିଯାଇ ତାହା ଅଧିକାର କରୁ; ତାହା ପରାସ୍ତ କରିବାକୁ ଆମ୍ଭମାନଙ୍କର ଯଥେଷ୍ଟ ବଳ ଅଛି''* (ଗଣନାପୁସ୍ତକ ୧୩:୩୦) । ଏହି ୧୨ଜଣଯାକ ସେଠାର ମହାବୀରମାନଙ୍କୁ ଦେଖିଲେ, କିନ୍ତୁ ସେମାନଙ୍କ ପ୍ରତିକ୍ରିୟା ଭିନ୍ନ ଭିନ୍ନ ଥିଲା । ଦୁଇଜଣ ନିଶ୍ଚିତ ଥିଲେ କାରଣ ସେମାନେ ସ୍ମରଣ କଲେ ଯେ ଈଶ୍ୱର ସେମାନଙ୍କର ସହବର୍ତ୍ତୀ (ଗଣନାପୁସ୍ତକ ୧୪: ୬-୯) । ଅନ୍ୟ ୧୦ଜଣ ନକାରାତ୍ମକ କଳ୍ପନା ଦ୍ୱାରା ଚାଳିତ ହୋଇଥିଲେ । ଏହା ସେମାନେ ସେମାନଙ୍କ ମନଶ୍ଚକ୍ଷୁଃରେ ଦେଖିଲେ ଓ ତାହା ସେମାନଙ୍କୁ ଦୁର୍ବଳ କରି ଦେଇଥିଲା । ମହାବୀରମାନଙ୍କ ଦୃଷ୍ଟିରେ ସେମାନେ ନିଜକୁ ଫଡିଙ୍ଗ ସଦୃଶ ମନେ କଲେ । ଏହା ସେମାନଙ୍କୁ ଭୟଭୀତ କରିଥିଲା ଓ ଈଶ୍ୱରଙ୍କ ଉପରେ ଥିବା ସେମାନଙ୍କର ଭରସା ତୁଟି ଯାଇଥିଲା । ଦୁଃଖର ବିଷୟ ଏହି ଯେ ଅଧିକାଂଶ ଖ୍ରୀଷ୍ଟିୟାନ, ଜୀବନରେ ଏହି ୧୦ଜଣଙ୍କର ପରି ବିଭିନ୍ନ ପରିସ୍ଥିତି ମଧ୍ୟଦେଇ ଯାଇଥାନ୍ତି । ସେମାନେ ସେମାନଙ୍କ ମନଶ୍ଚକ୍ଷୁଃରେ, ସେମାନଙ୍କର କଳ୍ପନାରେ ଯାହା ଦେଖିଥାନ୍ତି, ତାହା ସେମାନଙ୍କୁ ବିଶ୍ୱାସରେ ଜୀବନଯାପନ କରିବାରେ ଓ ପ୍ରଭୁଙ୍କର ବହୁମୂଲ୍ୟ ଆଶୀର୍ବାଦ ସବୁକୁ ଉପଭୋଗ କରିବାରେ ବାଧା ଦେଇଥାଏ । ତେବେ ଧ୍ୟାନର ଶୃଙ୍ଖଳା ଦ୍ୱାରା ଆମେ ଆମ କଳ୍ପନାର କାନ୍ଥରେ ନୂତନ ଚିତ୍ରମାନ ଅଙ୍କନ କରିବାରେ ସକ୍ଷମ ହୋଇଥାଉ ।

ଚିତ୍ତାକର୍ଷକ ବିଷୟ ଏହି ଯେ ଧର୍ମଶାସ୍ତ୍ରରେ, ବିଶେଷ କରି ପୁରାତନ ନିୟମରେ, ଆମେ ଯାହା ଦେଖୁ ତା' ଉପରେ ଈଶ୍ୱର କାର୍ଯ୍ୟ କରନ୍ତି । ସେ ଚୁକ୍ତିବଦ୍ଧ ତାଙ୍କ ଲୋକମାନଙ୍କୁ ପୁରାତନ ନିୟମରେ ଏହି ଆଦେଶ ଦେଇଥିଲେ । *''ଏହେତୁ ତୁମ୍ଭେମାନେ ମୋହର ଏହି ସକଳ ବାକ୍ୟ ଆପଣା ଅପଣା ହୃଦୟରେ ଓ ଆପଣା ଆପଣା ପ୍ରାଣରେ ରଖିବ: ପୁଣି ତୁମ୍ଭେମାନେ ଚିହ୍ନ ସ୍ୱରୂପେ ଆପଣା ଆପଣା ହସ୍ତରେ ତାହା ବାନ୍ଧିବ ଓ ତାହା ତୁମ୍ଭମାନଙ୍କ ଚକ୍ଷୁଦ୍ୱୟ ମଧ୍ୟରେ ଭୂଷଣ ସ୍ୱରୂପ ହେବ''* (୨ବିବରଣ ୧୧:୧୮; ୨ବିବରଣ ୬:୮; ଯାତ୍ରାପୁସ୍ତକ ୧୩: ୯, ୧୬) । ସେ ସମୟରେ ଲୋକମାନେ ଏହାକୁ ଅଭ୍ୟାସରେ ପରିଣତ କରି ଶାସ୍ତ୍ରାଂଶସବୁକୁ ସେମାନଙ୍କ ବାମହସ୍ତରେ ଓ କପାଳରେ ବାନ୍ଧି ରଖୁଥିଲେ । ଏଠାରେ 'ଚିହ୍ନ' କହିଲେ 'ଦୃଶ୍ୟ ବ୍ୟାଖ୍ୟାନ' । ଈଶ୍ୱର ଚାହିଁଥିଲେ ଯେ ତାଙ୍କ ଲୋକମାନେ ତାଙ୍କ ବାକ୍ୟକୁ ଦୃଶ୍ୟ ସ୍ମରଣପତ୍ର ଭାବରେ ଦେଖନ୍ତୁ ଓ ସେ ସେମାନଙ୍କ ନିମନ୍ତେ କ'ଣ କରିଛନ୍ତି ତାହା ଜାଣନ୍ତୁ । ସେମାନେ ଯାହା ଦେଖୁଥିଲେ ତଦ୍ଦ୍ୱାରା ସେ ସେମାନଙ୍କୁ ପ୍ରଭାବିତ କରିବାକୁ ଚାହୁଁଥିଲେ । କାରଣ

ସେମାନେ ଯାହା ଦେଖୁଥିଲେ ତଦ୍ୱାରା ଈଶ୍ୱର ସେମାନଙ୍କ ନିମନ୍ତେ ଯାହା ସବୁ ସାଧନ କରିଛନ୍ତି ସେମାନଙ୍କ ସ୍ମୃତି (ଅର୍ଥାତ୍ ଆମ କଳ୍ପନାର ଦ୍ୱାର ଯାହା ଆମକୁ ଅତୀତ ଆଡ଼କୁ ଯିବାକୁ ଦେଇଥାଏ) ସେସବୁ ପ୍ରତି ଉଜ୍ଜୀବିତ ହେବ । ଯଦିବା ନୂତନ ନିୟମରେ ଏହି ଅଭ୍ୟାସ ନାହିଁ, ତଥାପି ଆମେ ଅନୁଭବ କରୁ ଯେ ଈଶ୍ୱରଙ୍କ ବାକ୍ୟ ଆମ କଳ୍ପନାରୂପକ କାନ୍ଥରେ ଲିଖିତ ହୋଇ ରହୁ, ଯେପରି କି ଆମେମାନେ ଏହାକୁ ସବୁବେଳେ 'ଦେଖିବା' ଓ ଈଶ୍ୱରଙ୍କର ବହୁମୂଲ୍ୟ ପ୍ରତିଜ୍ଞାଗୁଡ଼ିକୁ ସ୍ମରଣରେ ଆଣିବା । ପୁରାତନ ନିୟମର ଅନ୍ୟ ଏକ ଜଣାଶୁଣା ଶାସ୍ତ୍ରାଂଶରେ ପ୍ରଭୁ କହନ୍ତି, *''ହେ ମୋହର ପୁତ୍ର, ମୋ' କଥାରେ ମନୋଯୋଗ କର; ମୋ ବାକ୍ୟରେ କର୍ଣ୍ଣ ଡେର । ତାହାସବୁ ତୁମ୍ଭ ଚକ୍ଷୁରୁ ନ ଯାଉ''* (ହିତୋପଦେଶ ୪:୨୦, ୨୧କ) । ଏଠାରେ ଆମେ ଆଉ ଏ ମହତ୍ତ୍ୱପୂର୍ଣ୍ଣ ଆଦେଶ ପାଉ ଯେ ଆମେ ସର୍ବଦା ଈଶ୍ୱରଙ୍କ ବାକ୍ୟକୁ 'ଦେଖିବାକୁ' ହେବ । ଆମେ ବିଶ୍ୱାସ କରୁ ଯେ ଗୋଟିଏ ଦୃଷ୍ଟିରୁ ଆମ ମନରେ ଆମେ କ'ଣ କଳ୍ପନା କରୁ, କ'ଣ ଅନୁମାନ କରୁ ଓ କ'ଣ ଛବି ଆଙ୍କୁ ସେ ବିଷୟରେ ଏଠାରେ କୁହାଯାଏ ।

## ଅଙ୍ଗୀକାର (Confession)- ଈଶ୍ୱର ଯାହା କହିଛନ୍ତି ତାହା କହିବା

**ଯିହୋଶୂୟ ୧:୮**

**ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ରି ତାହା ଧ୍ୟାନ କର; ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।**

ଏଠାରେ ପ୍ରଭୁ ଯିହୋଶୂୟଙ୍କୁ ପରାମର୍ଶ ଦେଉଛନ୍ତି ଯେ ସେ *''ଦିବାରାତ୍ରି''* ଧ୍ୟାନ କରିବା ଆବଶ୍ୟକ । ଏହି ପଦର ଆରମ୍ଭରେ ସେ କହନ୍ତି, *''ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ''*। ଅନ୍ୟ ଭାଷାରେ କହିଲେ, ପ୍ରଭୁ ଯିହୋଶୂୟଙ୍କୁ କହୁଛନ୍ତି ଯେ ବ୍ୟବସ୍ଥା ପୁସ୍ତକର ଶବ୍ଦାବଳୀ ସେ ମୁଖସ୍ଥ ରଖି କଥାବାର୍ତ୍ତାରେ ତାହା ସବୁବେଳେ ବ୍ୟବହାର କରିବେ । ତେଣୁକରି, ଧ୍ୟାନ ପ୍ରକ୍ରିୟାର ଏକ ଅଂଶ ସ୍ୱରୂପେ, ଧର୍ମଶାସ୍ତ୍ର ଆମ ''ମୁଖରେ'' ରହିବା ଆବଶ୍ୟକ, ଅର୍ଥାତ୍ ଆମେ ଧର୍ମଶାସ୍ତ୍ରର ଶବ୍ଦାବଳୀକୁ କହିବା, ପୁନରାବୃତ୍ତି କରିବା, ଆବୃତ୍ତି କରିବା ଉଚିତ । ଆମେ ଏହି ଅଧ୍ୟୟନର ପ୍ରଥମ ଭାଗରେ ଯେପରି କହିଛୁ, ଏହା ଏବ୍ରୀୟମାନଙ୍କର ଅଭ୍ୟାସ ଥିଲା । ଧ୍ୟାନ କରିବା ସମୟରେ ସେମାନେ ବାହାରର ଚିତ୍ତବିକ୍ଷେପସବୁଠାରୁ ଦୂରରେ ରହି, ମୁଣ୍ଡ ନୁଆଁଇ ବା ଆଗପଛ ହୋଇ ନୀରବରେ ଶାସ୍ତ୍ରାଂଶଗୁଡ଼ିକୁ ମୃଦୁ ଓ ଗୁଣୁଗୁଣୁ ସ୍ୱରରେ ପୁନରାବୃତ୍ତି କରୁଥିଲେ ।

ନୂତନ ନିୟମରେ ଆମେ "ସ୍ୱୀକାର" ବା "ଅଙ୍ଗୀକାର" କରିବା ଶବ୍ଦ ସହିତ ପରିଚିତ ହୋଇଛୁ । ଏହା ଖ୍ରୀଷ୍ଟୀୟ ବିଶ୍ୱାସରେ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଅଟେ । ଯେତେବେଳେ ଆମେ ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରୁ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରୁ, ସେତେବେଳେ ପରିତ୍ରାଣ ପାଇଥାଉ (ରୋମୀୟ ୧୦:୯) । ନୂତନ ନିୟମ ମଧ୍ୟ ଆମକୁ ଆମର ପାପ ସ୍ୱୀକାର (୧ଯୋହନ ୧:୯) ଏବଂ ଆମର ବିଶ୍ୱାସର ସ୍ୱୀକାର (ଏବ୍ରୀ ୩:୧) ବିଷୟରେ ଶିକ୍ଷା ଦିଏ । 'ସ୍ୱୀକାର କରିବା'ର ଗ୍ରୀକ୍ ପ୍ରତିଶବ୍ଦ ହେଉଛି homologeo । ଏହାର ଅର୍ଥ- ''ଏକପ୍ରକାର କଥା କହିବା, ସମ୍ମତି ଦେବା, ସହମତ ହେବା, ରାଜି ହେବା ।'' ଧ୍ୟାନ କରିବାର ତୃତୀୟ ଦିଗକୁ ଆମେ ସ୍ୱୀକାର ବା ଅଙ୍ଗୀକାର ଭାବରେ ନେଇଛୁ କାରଣ ଈଶ୍ୱର ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆମେ ତାଙ୍କର ବାକ୍ୟକୁ ପୁନରାବୃତ୍ତି କରିବା / ଆବୃତ୍ତି କରିବା / କହିବାକୁ ହେବ । ଏହାର ଅର୍ଥ ତାଙ୍କର ବାକ୍ୟକୁ ସ୍ୱୀକାର ବା ଅଙ୍ଗୀକାର କରିବା ସେ ଚାହାନ୍ତି । ସେ ଆମମାନଙ୍କୁ କହୁଛନ୍ତି ଯେ ତାଙ୍କର ବାକ୍ୟ ଯାହା କହେ, ଆମେ ସେହିକଥା କହିବା, ଆମର ବାକ୍ୟ ତାଙ୍କର ବାକ୍ୟ ସହିତ ''ସହମତ'' ହେବା ଆବଶ୍ୟକ ।

ଧରନ୍ତୁ ଆମେ ଯିଶାଇୟ ୫୩:୪ ଓ ମାଥିଉ ୮:୧୭ ଉପରେ ଧ୍ୟାନ କରୁଛୁ । ଖ୍ରୀଷ୍ଟ କ୍ରୁଶ ଉପରେ ମନୁଷ୍ୟମାନଙ୍କର ପ୍ରତିବଦଳ ଭାବରେ ଯେଉଁ କାର୍ଯ୍ୟ ସାଧନ କଲେ ତଦ୍ୱାରା ସେ ଆମମାନଙ୍କୁ ସୁସ୍ଥତା ମଧ୍ୟ ପ୍ରଦାନ କରିଛନ୍ତି ବୋଲି ଏହି ଦୁଇ ପଦ ପ୍ରକାଶ କରେ । ଆମେ **ଅନୁଧ୍ୟାନ** କରିଥାଉ ଏହି ପଦଗୁଡ଼ିକର ଅର୍ଥ କ'ଣ ଓ ଆମ ଜୀବନରେ ଏହା କିପରି ପ୍ରଯୁଜ୍ୟ । ଆମେ **ଅନୁମାନ** କରିଥାଉ ଯେ ଏସମସ୍ତ ଶାସ୍ତ୍ରାଂଶ ଆମ ଜୀବନ ନିମନ୍ତେ ସତ୍ୟ ଅଟେ । ଆମେ କଳ୍ପନା କରିଥାଉ ଓ ନିଜେ ଦେଖିଥାଉ ଯେ ଆମେ ସୁସ୍ଥ ହୋଇ ଯାଇଛୁ, ଆମଠାରେ ରହିଥିବା ଯନ୍ତ୍ରଣାସବୁରୁ ଆମେ ଆରୋଗ୍ୟ ଲାଭ କରିଛୁ, ଏବେ ଆମେ ସଂପୂର୍ଣ୍ଣ ସୁସ୍ଥ ଅଟୁ । ଆମ ଧ୍ୟାନର ଅଂଶ ବିଶେଷରୂପେ ଆମେ ଏହିସବୁ ପଦଗୁଡ଼ିକୁ ସ୍ୱୀକାର ବା **ଅଙ୍ଗୀକାର** କରୁ । ଆମେ ମୃଦୁ ଅଥଚ ଶ୍ରାବ୍ୟ ସ୍ୱରରେ କହୁ, ''ନିଶ୍ଚେ ସେ ମୋର ଅସୁସ୍ଥତା ଓ ଯନ୍ତ୍ରଣାସବୁକୁ ଧାରଣ କଲେ । ଯୀଶୁ ସ୍ୱୟଂ ମୋର ଦୁର୍ବଳତାସବୁକୁ ଗ୍ରହଣ କଲେ ଓ ମୋର ବ୍ୟାଧିସବୁକୁ ବହନ କଲେ'' । ଏହା ଆମେ ଅନେକଥର କହିଥାଉ । ଏହି ଶାସ୍ତ୍ରାଂଶର ଅର୍ଥକୁ ଆମେ ''ନିଜକୁ ନିଜେ କହିବାକୁ'' ଚାହିଁ ପାରୁ । ମୁଁ ଧ୍ୟାନରେ ବସିଥିବା ସମୟରେ, ବେଳେବେଳେ ମୁଁ ନିଜକୁ ନିଜେ ବାକ୍ୟ 'ପ୍ରଚାର' କରିଥାଏ । ଅନ୍ୟ ସମୟରେ ପ୍ରାର୍ଥନାରେ ଶାସ୍ତ୍ରବାକ୍ୟଗୁଡ଼ିକୁ ସ୍ୱୀକାର କରିଥାଏ । ଉଦାହରଣ ସ୍ୱରୂପ, ଉପରୋକ୍ତ ପଦଗୁଡ଼ିକୁ ନେଇ ଧ୍ୟାନ କରୁଥିବା ସମୟରେ, ଆମେ ପ୍ରାର୍ଥନା କରି କହିବା, ''ପିତା, ତୁମର ବାକ୍ୟ ଯୋଗୁଁ ତୁମକୁ ଧନ୍ୟବାଦ ଦିଏ । ଧନ୍ୟବାଦ ଦିଏ ପିତା ଏହି ଶାସ୍ତ୍ରାଂଶ ଯେପରି ପ୍ରକାଶ କରେ ଯୀଶୁ ମୋର ବ୍ୟାଧିସବୁକୁ ବହନ କଲେ ଓ ମୋର ବ୍ୟଥାସବୁକୁ ଧାରଣ କଲେ । ସେ ମୋର ଦୁର୍ବଳତାସବୁକୁ ନେଲେ ଓ ମୋର ଅସୁସ୍ଥତାସବୁକୁ ଗହଣ କଲେ । ଧନ୍ୟବାଦ ପିତା, ବର୍ତ୍ତମାନ ମୁଁ ମୋର ଶରୀରରେ ରୋଗବ୍ୟାଧି ବହନ କରିବା ଅନାବଶ୍ୟକ'' ।

ଏହିପରି ଭାବରେ ବାକ୍ୟକୁ ସ୍ୱୀକାର ବା ଅଙ୍ଗୀକାର କରିବାର ଅସାଧାରଣ ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ । ଆମର ଆନ୍ତରିକ ପୁରୁଷ ଏହାଦ୍ୱାରା ଈଶ୍ୱରଙ୍କ ବାକ୍ୟରେ ବଳଶାଳୀ ହୋଇଥାଏ । ଆମର ବିଶ୍ୱାସ ଦୃଢ଼ ହୋଇଥାଏ କାରଣ ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଦ୍ୱାରା ବିଶ୍ୱାସ ଆସିଥାଏ (ରୋମୀୟ ୧୦:୧୭) । ବାକ୍ୟକୁ ଏପରି ଭାବରେ ଅଙ୍ଗୀକାର କରିବା ଦ୍ୱାରା ଆମେ ପ୍ରକୃତରେ ବାକ୍ୟକୁ ଶ୍ରବଣ କରିଥାଉ । ବାକ୍ୟକୁ ସବୁବେଳେ ଅଙ୍ଗୀକାର କରିବା ଦ୍ୱାରା ଆମର କଥାବାର୍ତ୍ତାର ଶୈଳୀରେ ପରିବର୍ତ୍ତନ ଆସିବ । ପ୍ରଭୁ ଯେହେତୁ କହନ୍ତି ଯେ ତାଙ୍କର ବାକ୍ୟ ଆମ ମୁଖରେ ସର୍ବଦା ରହିବାକୁ ହେବ, ଏହାର ଅର୍ଥ ବାକ୍ୟର ବିରୋଧ କରୁଥିବା ଯେ କୌଣସି ବିଷୟ ଆମ ମୁଖରୁ ନିର୍ଗତ ହେବା ଅନୁଚିତ ।

## ଈଶ୍ୱରଙ୍କ ବାକ୍ୟର ଧ୍ୟାନ ଦ୍ୱାରା ତାହାଙ୍କୁ ଭେଟିବା ଓ ତାଙ୍କର ସହଭାଗିତା ଲାଭ କରିବା

**ଗୀତସଂହିତା ୬୩:୧-୬**

**୧ ହେ ପରମେଶ୍ୱର, ତୁମ୍ଭେ ମୋହର ପରମେଶ୍ୱର; ଯତ୍ନରେ ମୁଁ ତୁମ୍ଭର ଅନ୍ୱେଷଣ କରିବି; ଜଳଶୂନ୍ୟ ଶୁଷ୍କ ଓ ଶ୍ରାନ୍ତିକର ଦେଶରେ ମୋ' ପ୍ରାଣ ତୁମ୍ଭ ନିମନ୍ତେ ତୃଷିତ ହୁଏ ଓ ମୋ' ଶରୀର ତୁମ୍ଭପାଇଁ ଲାଳସା କରେ ।**
**୨ ତେଣୁ ତୁମ୍ଭ ପରାକ୍ରମ ଓ ଗୌରବ ଦେଖିବା ପାଇଁ ମୁଁ ପବିତ୍ର ସ୍ଥାନରେ ତୁମ୍ଭ ପ୍ରତି ଚାହିଁ ରହିଅଛି ।**
**୩ କାରଣ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଜୀବନ ଅପେକ୍ଷା ଉତ୍ତମ; ମୋହର ଓଷ୍ଠାଧର ତୁମ୍ଭର ପ୍ରଶଂସା କରିବ ।**
**୪ ଏହିରୂପେ ମୁଁ ଯାବଜ୍ଜୀବନ ତୁମ୍ଭର ଧନ୍ୟବାଦ କରିବି; ମୁଁ ତୁମ୍ଭ ନାମରେ ଆପଣା ହସ୍ତ ଉଠାଇବି;**
**୫ ଯେପରି ମେଦ ଓ ମଜ୍ଜାରେ, ସେପରି ମୋହର ପ୍ରାଣ ପରିତୃପ୍ତ ହେବ ଓ ମୋ' ମୁଖ ଆନନ୍ଦିତ ଓଷ୍ଠାଧରରେ ତୁମ୍ଭର ପ୍ରଶଂସା କରିବ ।**
**୬ ମୁଁ ଶଯ୍ୟା ଉପରେ ତୁମ୍ଭଙ୍କୁ ସ୍ମରଣ କରିବା ବେଳେ ରାତ୍ରିର ପ୍ରହରକୁ ପ୍ରହର ତୁମ୍ଭ ବିଷୟ ଧ୍ୟାନ କରେ ।**

ଶାସ୍ତ୍ରୀୟ ଧ୍ୟାନ କହିଲେ ପ୍ରଭୁଙ୍କ ସହିତ ନିବିଡ଼ ସହଭାଗିତାରେ ରହିବାର ଏକ ସମୟ । ଉପରୋକ୍ତ ଶାସ୍ତ୍ରାଂଶରେ ଗୀତରଚକ ଈଶ୍ୱରଙ୍କ ନିମନ୍ତେ ରହିଥିବା ତାଙ୍କର ବ୍ୟାକୁଳତାକୁ ପ୍ରକାଶ କରିଛନ୍ତି । ଈଶ୍ୱରଙ୍କ ନିମନ୍ତେ ରହିଥିବା ତାଙ୍କର ଅଭିଳାଷ ହେତୁ ସେ

ପବିତ୍ର ସ୍ଥାନରେ ଈଶ୍ୱରଙ୍କ ଅନ୍ୱେଷଣ କରନ୍ତି, ହସ୍ତ ଉଠାଇ ଓ ଆନନ୍ଦିତ ଓଷ୍ଠାଧରରେ ତାଙ୍କର ଧନ୍ୟବାଦ ପ୍ରଶଂସା କରନ୍ତି । ସେ ମଧ୍ୟ ରାତ୍ରିର ଶାନ୍ତ ପରିବେଶ ମଧ୍ୟରେ ଈଶ୍ୱରଙ୍କ ବିଷୟ ଧ୍ୟାନ କରନ୍ତି । ସେହିପରି, ଆମ ହୃଦୟ ଯଦି ଈଶ୍ୱରଙ୍କ ସହିତ ନିବିଡ଼ତା ରକ୍ଷା କରିବା ନିମନ୍ତେ ବ୍ୟାକୁଳ, ଆମେ ଆମର ଚିନ୍ତା ଓ କଥାବାର୍ତ୍ତା ପ୍ରଭୁଙ୍କ ଉପରେ କେନ୍ଦ୍ରିତ ରଖିଥାଉ । ବାକ୍ୟକୁ ଗଭୀର ଭାବରେ ଧ୍ୟାନ କଲାବେଳେ, ଆମେ ଆମର ବୁଦ୍ଧିରେ ବାକ୍ୟକୁ ବିଶ୍ଳେଷଣ ନ କରି ଈଶ୍ୱରଙ୍କ ସହିତ ସହଭାଗିତା ରକ୍ଷାକରିବାର ସମୟ ମଧ୍ୟକୁ ଚାଲିଯାଉ । ଏହି ସମୟରେ ବାକ୍ୟ ''ଆତ୍ମା ଓ ଜୀବନ'', କାର୍ଯ୍ୟସାଧକ ଓ ଶକ୍ତିସମ୍ପନ୍ନ ହୋଇଥାଏ । ଈଶ୍ୱର ବର୍ତ୍ତମାନ ସମୟରେ ସିଧାସଳଖ ଆମକୁ ତାଙ୍କର ବାକ୍ୟ ପ୍ରଦାନ କରିଥାନ୍ତି । ଏହି ସମୟରେ ଆମ ଅନ୍ତରର ଗଭୀରତମ ପ୍ରଦେଶରେ ଈଶ୍ୱର କାର୍ଯ୍ୟ କରିଥାନ୍ତି ଓ ତାଙ୍କର ଶକ୍ତିସମ୍ପନ୍ନ ବାକ୍ୟ ଦ୍ୱାରା ଆମର ଆନ୍ତରିକ ପୁରୁଷକୁ ପରିବର୍ତ୍ତନ କରନ୍ତି । ଏହି ସମୟରେ ପ୍ରଭୁ ଆମ ହୃଦୟରେ ଯାହା କହନ୍ତି ଓ ଯାହା କରନ୍ତି ଆମେ ତାର ଉତ୍ତର ଦେଇ ପାରିଥାଉ । ତାଙ୍କ ବାକ୍ୟର ଆଧାରରେ ଆମେମାନେ ଅନୁତପ୍ତ ହୋଇଥାଉ ଏବଂ ପ୍ରଭୁଙ୍କ ପ୍ରତି ଆମର ବିଶ୍ୱାସ, ଆନନ୍ଦ, ପ୍ରଶଂସା ଓ କୃତଜ୍ଞତା ବ୍ୟକ୍ତ କରିଥାଉ । ଆନ୍ତରିକ ଗଭୀର ପ୍ରାର୍ଥନା ଦ୍ୱାରା, ବା ଚୁପ୍‌ଚୁପ୍ ଶବ୍ଦରେ, ବା ଦୃଢ଼ଭାବେ ସ୍ୱୀକାର କରି, ଆମେ ଆମର ଚିନ୍ତାସବୁକୁ, ଅନୁଭବକୁ, ବାଞ୍ଛାସବୁକୁ ଓ ହୃଦ୍‌ବୋଧକୁ ପ୍ରଭୁଙ୍କ ନିକଟରେ ପ୍ରକାଶ କରିଥାଉ । ଏହା ଏକ ମଧୁର ସହଭାଗିତାର ସମୟ ।

## ଧ୍ୟାନର ଫଳାଫଳ

**୨କରିନ୍ଥୀୟ ୧୦:୩-୫**
**୩ କାରଣ ଆମ୍ଭେମାନେ ଶରୀରରେ ଥାଇ ଆଚରଣ କରୁଅଛୁ ସତ୍ୟ, କିନ୍ତୁ ଆମ୍ଭେମାନେ ଶାରୀରିକ ଭାବରେ ଯୁଦ୍ଧ କରୁନାହୁଁ,**
**୪ (ଯେଣୁ ଆମ୍ଭମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ);**
**୫ ଆମ୍ଭେମାନେ ତର୍କବିତର୍କ ସବୁ ଓ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ ସମସ୍ତ ଉଚ୍ଚ ବିଷୟ ଭୂମିସାତ୍ କରୁ, ପୁଣି ପ୍ରତ୍ୟେକ କଳ୍ପନାରୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ ।**

ଖ୍ରୀଷ୍ଟିୟାନ କେଉଁସବୁ ଆହ୍ୱାନର ସମ୍ମୁଖୀନ ହୋଇଥାଏ ସେଥିରୁ ଅଧିକାଂଶ ଉପରୋକ୍ତ ଶାସ୍ତ୍ରାଂଶରେ ରହିଛି । ସେସବୁ ହେଲା *''ଦୃଢ଼ ଗଡ଼'', ''ତର୍କବିତର୍କସବୁ'', ''ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ ସମସ୍ତ ଉଚ୍ଚ ବିଷୟ''*, ଏବଂ *''ପ୍ରତ୍ୟେକ କଳ୍ପନା''* । ଏସମସ୍ତ ବିଷୟକୁ ନେଇ ଆମେ ଏଠାରେ ଆଲୋଚନା କରୁ ନାହୁଁ । ତେବେ ଏହା କୁହାଯାଇ ପାରିବ ଯେ ଏସମସ୍ତ ଯୁଦ୍ଧ ଖ୍ରୀଷ୍ଟିୟାନର ମନର ବିଭିନ୍ନ ବିଷୟ ସହିତ ଜଡ଼ିତ । ଖ୍ରୀଷ୍ଟିୟାନର ମନ ଏକ ଯୁଦ୍ଧଭୂମି । ସଫଳତାର ସହିତ ଲଢ଼େଇ କରିବା ପାଇଁ ଈଶ୍ୱର ଆମମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଛନ୍ତି, ଯେପରିକି ଆମେ ଏହି ସମସ୍ତ କ୍ଷେତ୍ରରେ ଯୁଦ୍ଧ କରି ଜୟୀ ହୋଇ ପାରିବା । ତେବେ ସମସ୍ୟା ରହିଥାଏ, କାରଣ ଅନେକ ଲୋକଙ୍କ ଠାରେ ବିଶ୍ୱାସ ରହିଥିଲେ ସୁଦ୍ଧା ସେମାନଙ୍କଠାରେ ଦୃଢ଼ଗଡ଼ସବୁ, କଳ୍ପନାସବୁ, ତର୍କବିତର୍କ ଓ ବିଭିନ୍ନ ଚିନ୍ତା ରହିଥାଏ ଯାହା ଈଶ୍ୱରଙ୍କ ଜ୍ଞାନର (ଅର୍ଥାତ୍ ଈଶ୍ୱରଙ୍କ ଲିଖିତ ବାକ୍ୟରେ ଆମକୁ ଦିଆଯାଇଥିବା ଜ୍ଞାନ) ପରିପନ୍ଥୀ । ତେଣୁ ଅନେକେ ସେମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ରରେ ପରାଜିତ ହୋଇ ବନ୍ଧନରେ ରହିଥାନ୍ତି ।

ଈଶ୍ୱରଙ୍କ ବାକ୍ୟର ଧ୍ୟାନ ଯଦିବା ଖ୍ରୀଷ୍ଟିୟାନ ସାମ୍ନା କରୁଥିବା ବିଭିନ୍ନ ଆହ୍ୱାନର ସମାଧାନ ନୁହେଁ, ତଥାପି ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା, ଯାହା ଆମକୁ ଖ୍ରୀଷ୍ଟିୟାନର ମନରେ ଚାଲିଥିବା ଉପରୋକ୍ତ ସମସ୍ତ ଯୁଦ୍ଧର ମୁକାବିଲା କରିବାରେ ଆମକୁ ସାହାଯ୍ୟ କରିଥାଏ । ବାକ୍ୟକୁ ଶୃଙ୍ଖଳିତ ଭାବରେ ଧ୍ୟାନ କରିବା ଦ୍ୱାରା ଦୃଢ଼ଗଡ଼ସବୁକୁ ''ଭୂମିସାତ୍'' କରିହେବ । ଯେଉଁ ବ୍ୟକ୍ତି

ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରି ଚାଲିଥାଏ, ତା' ପାଇଁ କଳ୍ପନାସବୁକୁ, ତର୍କବିତର୍କସବୁକୁ ଓ ଚିନ୍ତାସବୁକୁ, ଈଶ୍ୱରଙ୍କ ଜ୍ଞାନ (ଈଶ୍ୱରଙ୍କ ବାକ୍ୟ) ନିକଟରେ ବନ୍ଦୀ କରିବା ସହଜ ହେବ ।

ନିଷ୍ଠାପର ଭାବରେ ବାକ୍ୟ ଧ୍ୟାନ କଲେ ଆମର ମନ, କଥାବାର୍ତ୍ତା ଓ ବିଶ୍ୱାସ ନୂତନୀକୃତ ହୋଇଥାଏ । ଆମର ଚିନ୍ତାଧାରା, ଆମର ଆତ୍ମପ୍ରକୃତି, ଆମର ଆତ୍ମସମ୍ମାନ, ଏବଂ ଆମ ବ୍ୟକ୍ତିତ୍ୱର ଅନ୍ୟାନ୍ୟ ଦିଗ ଯାହା ଆମ ମନର ଅବସ୍ଥା ଉପରେ ନିର୍ଭର କରେ, ସେସବୁ ବଦଳିବାକୁ ଲାଗେ । ଆମେ ଜୀବନ ଓ ଆମ ଭବିଷ୍ୟତ ସମ୍ପର୍କରେ ସକାରାତ୍ମକ, ନିଶ୍ଚିତ ଓ ଆଶାନ୍ୱିତ ହୋଇଥାଉ । କୌଣସି ଦର୍ଶନ ନ ଥିବା ଅବସ୍ଥାରୁ ଉତ୍ତୋଳିତ ହୋଇ ଆମେ ସାହସିକ ଓ ଆକ୍ରମଣଶୀଳ ସ୍ୱପ୍ନଦର୍ଶୀ ହୋଇପାରିଥାଉ । ଏକ 'ନୂତନୀକୃତ' ଶବ୍ଦାବଳୀ ବ୍ୟବହାର କରି ଆମେ କଥାବାର୍ତ୍ତା କରିଥାଉ । ଦାରିଦ୍ର୍ୟ, ପରାଜୟ ଓ ଆତ୍ମକରୁଣାରେ ବାନ୍ଧି ହୋଇ ନ ରହି ଆମେ ଈଶ୍ୱରଙ୍କଠାରେ ଦୃଢ଼ ବିଶ୍ୱାସ ରଖି କଥା କହିଥାଉ । ଧ୍ୟାନ ଦ୍ୱାରା ଆମ ହୃଦୟରେ କ୍ରମାଗତ ଭାବରେ ବାକ୍ୟର ବପନ ଓ ଜଳସେଚନ କରିବା ଫଳରେ ଆମ ମଧ୍ୟରେ ଈଶ୍ୱରଙ୍କଠାରେ ଏକ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ବିଶ୍ୱାସ ଜାତ ହୋଇଥାଏ ।

## ଧ୍ୟାନର ଫଳଗୁଡ଼ିକ

**ଗୀତସଂହିତା ୧ : ୧-୩**
**୧ ଯେଉଁ ଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ, ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ, କିଅବା ନିନ୍ଦକମାନଙ୍କ ସଭାରେ ବସେ ନାହିଁ,**
**୨ ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ ।**
**୩ ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ; ପୁଣି, ସେ ଯାହା କରେ, ତାହା ସଫଳ ହେବ ।**

ଈଶ୍ୱରଙ୍କ ବାକ୍ୟ ଅଲୌକିକ ବୀଜ । ଏହା ଉତ୍ପାଦନକ୍ଷମ । ବାକ୍ୟରୂପ ବୀଜ ଆମ ହୃଦୟରେ ବପନ କରାଗଲେ ଈଶ୍ୱରଙ୍କ ଉତ୍ତମ ଇଚ୍ଛା ଆମ ଜୀବନରେ ସାଧିତ ହୋଇଥାଏ । ଧ୍ୟାନ ପ୍ରକ୍ରିୟା ଦ୍ୱାରା ହିଁ ଆମେ ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟରୂପ ବୀଜ ବୁଣିଥାଉ ଓ ତା'ର ଯତ୍ନତତ୍ତ୍ୱ ନେଇଥାଉ । ବୀଜ ଅଙ୍କୁରିତ ହୋଇ ସ୍ୱସମୟରେ ଫଳ ଉତ୍ପନ୍ନ କରିବ । ତେଣୁ ନିଷ୍ଠାପର ଭାବରେ ଧ୍ୟାନ ଅଭ୍ୟାସ କରିବା ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଶୃଙ୍ଖଳା ଅଟେ ।

ଈଶ୍ୱରଙ୍କ ବାକ୍ୟ ଆମ ଜୀବନରେ ଯେଉଁସବୁ ଫଳ ଉତ୍ପନ୍ନ କରିପାରେ ସେଥିରୁ କେତୋଟିକୁ ଦେଖିବା । ବାକ୍ୟ ଅକ୍ଷୟବୀଜ ସଦୃଶ ଯାହା ଆତ୍ମାଙ୍କ କାର୍ଯ୍ୟଦ୍ୱାରା ଆମମାନଙ୍କ ଜୀବନରେ ନୂତନ ଜନ୍ମ ଆଣି ଦେଇଥାଏ (୧ପିତର ୧:୨୩) । ବାକ୍ୟ ଔଷଧ ସଦୃଶ ଆମ ଶରୀରର ସମସ୍ତ ଅଂଶକୁ ସୁସ୍ଥ କରିପାରେ (ହିତୋପଦେଶ ୪:୨୦-୨୨; ଗୀତସଂହିତା ୧୦୭:୨୦) । ଈଶ୍ୱରଙ୍କ ବାକ୍ୟର ବିକାଶ ଅନ୍ତର୍ଦୃଷ୍ଟି, ବୋଧଶକ୍ତି ଓ ଜ୍ଞାନ ଆଣିଥାଏ (ଗୀତସଂହିତା ୧୧୯:୯୮-୧୦୦, ୧୩୦) । ବାକ୍ୟ ସମୃଦ୍ଧି ଓ ସାଫଲ୍ୟର କାରଣ ଅଟେ (ଯିହୋଶୂୟ ୧:୮; ଗୀତ ୧:୩) । ବାକ୍ୟ ଆତ୍ମିକ ଅଭିବୃଦ୍ଧି ଓ ପରିପକ୍ୱତା ଦେଇଥାଏ (ପ୍ରେରିତ ୨୦:୩୨) । ଈଶ୍ୱର ତାହାଙ୍କ ବାକ୍ୟରେ ଆମମାନଙ୍କୁ ଆହୁରି ଅଧିକ ଆଶୀର୍ବାଦ ଦେଇଛନ୍ତି । ଏସମସ୍ତ ଆଶୀର୍ବାଦ ଆମମାନଙ୍କ ଜୀବନରେ ଦେଖାଯିବ, ଯଦି ଏହି ବୀଜଗୁଡ଼ିକୁ ଧ୍ୟାନ ମାଧ୍ୟମରେ ଆମେ ଆମ ଜୀବନରେ ବପନ କରିବା ଓ ସେସବୁର ଯତ୍ନ ନେବା ।

ଯେଉଁ ବ୍ୟକ୍ତି ଧାର୍ମିକ ଜୀବନଯାପନ କରେ ଓ ନିଷ୍ଠାପର ଭାବରେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରେ ସେ ଜଳସ୍ରୋତ ନିକଟରେ ରୋପିତ ବୃକ୍ଷ ସଦୃଶ । ତା'ର ଚେରକୁ ନିରବଚ୍ଛିନ୍ନ ଭାବରେ ଖାଦ୍ୟ ଓ ସତେଜତା ମିଳେ । ଈଶ୍ୱରଙ୍କ ବାକ୍ୟକୁ ନିଷ୍ଠାପରଭାବରେ ଧ୍ୟାନ କଲେ ଆମେ ବି ଏହି ସମସ୍ତ ଆଶୀର୍ବାଦ ପାଉ । ଆମ ଆତ୍ମାର 'ଚେର' ଖାଦ୍ୟ ଓ ସତେଜତାର ଅଶେଷ ଯୋଗାଣ ପାଇଥାଏ । ଯଦ୍ୱାରା ଆମର ଜୀବନ ଫଳଦାୟକ ଓ ଉତ୍ପାଦନକ୍ଷମ ହୋଇ ପାରିଥାଏ ।

## ଧ୍ୟାନର ଶୃଙ୍ଖଳାକୁ ବିକଶିତ କରିବା

### ଏକ ଦୈନିକ ଶୃଙ୍ଖଳା

**ଗୀତସଂହିତା ୧୧୯:୯୭**
**ମୁଁ ତୁମ୍ଭର ବ୍ୟବସ୍ଥାକୁ କିପରି ପ୍ରିୟ ମଣେ । ତାହା ଦିନଯାକ ମୋହର ଧ୍ୟାନ ।**

ଆପଣ ଏକ ଦୈନିକ ଧ୍ୟାନର ଶୃଙ୍ଖଳାକୁ ବିକଶିତ କରନ୍ତୁ ବୋଲି ଆମେ ଆପଣଙ୍କୁ ଉତ୍ସାହିତ କରୁ । ଏହାକୁ ଆପଣ ଏକ ଅଭ୍ୟାସରେ ପରିଣତ କରନ୍ତୁ । ଏହାକୁ ଏକ ଧାର୍ମିକ 'ଆସକ୍ତି' କୁହାଯାଇ ପାରେ । ବାକ୍ୟ ଧ୍ୟାନ କରିବା ଏପରି ଏକ ଶୃଙ୍ଖଳା, ଯାହାକୁ ଆପଣ କୁଣ୍ଠାବୋଧ କରୁଥିବା ସମୟରେ ବା ଅତ୍ୟନ୍ତ ବ୍ୟସ୍ତତା ମଧ୍ୟରେ ରହିଥିବା ବେଳେ ମଧ୍ୟ କରିଥାନ୍ତି । ଅନ୍ୟପକ୍ଷରେ, ଈଶ୍ୱରଙ୍କ ବାକ୍ୟରେ ପରମ ଆନନ୍ଦ ଲାଭ କରି ଏହା ଆମେ କରିବାକୁ ହେବ । ଆମେ ପ୍ରଭୁଙ୍କୁ ପ୍ରେମ କରୁ, ଏଣୁ ତାଙ୍କର ବାକ୍ୟକୁ ସ୍ନେହ କରୁ । ଏଥିହେତୁ ଆମେ ଈଶ୍ୱରଙ୍କ ବାକ୍ୟକୁ ଅବିଭକ୍ତ ମନୋଯୋଗ ସହକାରେ ଧ୍ୟାନ କରି ସମୟ କ୍ଷେପଣ କରିଥାଉ ।

### ବିଶେଷ ଆବଶ୍ୟକତା ସମୟରେ

**ଗୀତସଂହିତା ୧୧୯: ୨୩, ୨୪, ୭୮**
**୨୩ ଅଧିପତିମାନେ ମଧ୍ୟ ବସି ମୋ' ବିରୁଦ୍ଧରେ କଥା କହିଲେ; ମାତ୍ର ତୁମ୍ଭର ଦାସ ତୁମ୍ଭ ବିଧିସକଳ ଧ୍ୟାନ କଲା ।**
**୨୪ ତୁମ୍ଭର ସକଳ ପ୍ରମାଣ-ବାକ୍ୟ ମଧ୍ୟ ମୋହର ଆନନ୍ଦ ଜନକ ଓ ମନ୍ତ୍ରଣାଦାୟକ ।**
**୭୮ ଅହଙ୍କାରୀମାନେ ଲଜ୍ଜିତ ହେଉନ୍ତୁ; କାରଣ ସେମାନେ ଅନ୍ୟାୟରେ ମୋହର ସର୍ବନାଶ କରିଅଛନ୍ତି; ମାତ୍ର ମୁଁ ତୁମ୍ଭର ବିଧାନସବୁ ଧ୍ୟାନ କରିବି ।**

ମୁଁ ଅନେକଥର ବିଭିନ୍ନ ସଂଘର୍ଷ, ଆହ୍ୱାନ, ପ୍ରଶ୍ନ ଓ ଚିନ୍ତାଜନକ ବିଷୟର ସାମ୍ନା କରି ଆସିଅଛି । ଏପରି ସମୟରେ ମୁଁ ଆତ୍ମାରେ ପ୍ରାର୍ଥନା କରିବା ସଂଗେ ସଂଗେ ସେହି ନିର୍ଦ୍ଦିଷ୍ଟ ବିଷୟ ସହିତ ସମ୍ପର୍କ ଥିବା ଅନେକ ଶାସ୍ତ୍ରାଂଶକୁ ଧ୍ୟାନ କରିବାକୁ ମୁଁ ଚେଷ୍ଟା କରିଥାଏ । ମୋର ମନ ବିଶୃଙ୍ଖଳିତ ଥାଏ, ଅନେକ ପ୍ରଶ୍ନ ମନକୁ ଆସିଥାଏ ଓ ମୁଁ ଅନିଶ୍ଚିତ ଥାଏ । କିନ୍ତୁ ମୁଁ ଧର୍ମଶାସ୍ତ୍ର ଅନୁସନ୍ଧାନ କରେ ଯହିଁରେ ସେହି ସମସ୍ୟା ସମ୍ବନ୍ଧରେ ଈଶ୍ୱରଙ୍କ ଚିନ୍ତା ପ୍ରକଟିତ ହୋଇଥାଏ । ସେଗୁଡ଼ିକୁ ନେଇ ମୁଁ ଧ୍ୟାନ କରେ । ଏହା ମୋ ହୃଦୟକୁ ଶାନ୍ତି, ସ୍ଥିରତା ଓ ଭରସାରେ ପୂର୍ଣ୍ଣ କରିଥାଏ । ଅନ୍ୟ ସମୟରେ, ଯଦି ମୁଁ କୌଣସି ନିର୍ଦ୍ଦିଷ୍ଟ ଆହ୍ୱାନକୁ ଗ୍ରହଣ କରିଥିଲି, ମୁଁ ଜାଣୁଥିଲି ଯେ ମୋତେ ପ୍ରଭୁଙ୍କଠାରୁ ଅତିରିକ୍ତ ବଳ ଓ ଉତ୍ସାହ ଆହରଣ କରିବାକୁ ହେବ । ଏପରି ସମୟରେ ମୁଁ ପୁନର୍ବାର ଧର୍ମଶାସ୍ତ୍ର ମଧ୍ୟକୁ ଯାଏ ଓ ପରିସ୍ଥିତି ସଂଗେ ପ୍ରାସଙ୍ଗିକ ଶାସ୍ତ୍ରାଂଶ ଖୋଜି ତା' ଉପରେ ଧ୍ୟାନ କରିଥାଏ । ଧର୍ମଶାସ୍ତ୍ର ଆମ ପାଇଁ ଦୃଢ଼ ବିଶ୍ୱାସ ଓ ବଳର ଉତ୍ସ ଅଟେ । ଆମେ ସମସ୍ତେ ଏହି ଆଶୀର୍ବାଦଗୁଡ଼ିକ ଲାଭ କରିପାରିବା ।

## ଏକ ଉଦ୍ଦେଶ୍ୟମୂଳକ ଅନୁଶୀଳନ

**ଗୀତସଂହିତା ୧୧୯:୧୪୮**
**ରାତ୍ରିର ପ୍ରହରକୁ ପ୍ରହର ମୋର ନିଦ୍ରା ଭଙ୍ଗ ହୁଏ, ଯେପରି ମୁଁ ତୁମ୍ଭର ବାକ୍ୟ ଧ୍ୟାନ କରିବି ।**

ବାକ୍ୟ ଧ୍ୟାନ କରିବା ଏକ ନିରର୍ଥକ ଅନୁଶୀଳନ ନୁହେଁ, କିଅବା ଏହା କେବଳ ଅଧିକ ଆତ୍ମିକମନା ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ଏହା ଆମେ ସମସ୍ତେ ଅଭ୍ୟାସ କରିବା ଉଚିତ । ଜଗତରେ (ଏପରିକି ଖ୍ରୀଷ୍ଟୀୟ ଜଗତରେ) ସମସ୍ତେ ଚାହାନ୍ତି ସବୁକିଛି ଶୀଘ୍ର ହୋଇଯାଉ, ତତ୍କାଳ ଆଶ୍ଚର୍ଯ୍ୟକର୍ମ ହେଉ, ଇତ୍ୟାଦି । ତେଣୁ ଏକ ଆତ୍ମିକ ଶୃଙ୍ଖଳା ବିକଶିତ କରିବା ଏକ ଲୋକପ୍ରିୟ ବିଷୟ ନୁହେଁ । ତଥାପି ଈଶ୍ୱର ପରାୟଣ ଜୀବନଯାପନ କରିବା ନିମନ୍ତେ ଅଭ୍ୟାସ କରିବାକୁ ଆମକୁ ଉତ୍ସାହିତ କରାଯାଏ (୧ ତୀମଥି ୪:୭) । ଅଭ୍ୟାସ ବା ଅନୁଶୀଳନ ଏକ ଶୃଙ୍ଖଳା ଅଟେ । ଅନେକ ସମୟରେ ଶୃଙ୍ଖଳା (ଆତ୍ମ-ଶୃଙ୍ଖଳା) ସହଜ ସାଧ୍ୟ ହୋଇ ନ ପାରେ । ଏଥିପାଇଁ ତ୍ୟାଗ ଆବଶ୍ୟକ । ତଥାପି, ଶୃଙ୍ଖଳାର ପୁରସ୍କାର ବହୁମୂଲ୍ୟ ଓ ସ୍ଥାୟୀ ହୋଇଥାଏ । ଆପଣ ସେପରି ଜଣେ ବ୍ୟକ୍ତି ହୁଅନ୍ତୁ, ବାକ୍ୟ ଧ୍ୟାନ କରିବାରେ ଆନନ୍ଦ ଲାଭ କରନ୍ତୁ ଓ ଏହାର ଫଳସ୍ୱରୂପେ ବହୁମୂଲ୍ୟ ପୁରସ୍କାର ପାଆନ୍ତୁ !

## ବ୍ୟାବହାରିକ ଯୋଜନା

ମୁଁ ଏଠାରେ କିଛି ବ୍ୟାବହାରିକ ସୂଚନା ଦେବାକୁ ଚାହେଁ ଯାହା ଈଶ୍ୱରଙ୍କ ବାକ୍ୟର ଧ୍ୟାନ କରିବାର ଶୃଙ୍ଖଳାକୁ ବିକଶିତ କରିବାରେ ଆମକୁ ସାହାଯ୍ୟ କରିବ । ଏହିସବୁ ସ୍ଥାୟୀ ନିୟମ ବା ରୁଲ୍ ନୁହେଁ ଯେ ଏହି ପ୍ରକ୍ରିୟା, ପ୍ରଣାଳୀ ବା ପଦ୍ଧତିକୁ ଆପଣ ନିହାତି ଅନୁସରଣ କରିବେ । ତେବେ ମୁଁ କିଶୋର ଅବସ୍ଥାରୁ ଏହି ପ୍ରକ୍ରିୟା ଅନୁସରଣ କରି ମୋ ଜୀବନରେ ଲାଭବାନ୍ ହୋଇ ଆସିଛି ଏବଂ ତାହା ହିଁ ଆପଣମାନଙ୍କୁ ସହଭାଗୀ କରିବାକୁ ଚାହେଁ । ଏହି ସୂଚନା ଆପଣଙ୍କ ନିମନ୍ତେ ମଧ୍ୟ ଉପଯୋଗୀ ସାବ୍ୟସ୍ତ ହୋଇପାରେ, ଯାହାକୁ ଆପଣ ନିଜର ଆତ୍ମିକ ଜୀବନରେ ବ୍ୟବହାର ଉପଯୋଗୀ କରିପାରନ୍ତି । ଈଶ୍ୱର ଆପଣଙ୍କୁ ଅନ୍ୟାନ୍ୟ ଧାରଣା ଦେଇପାରନ୍ତି, ଯଦ୍ଦ୍ୱାରା ଆପଣ ସେହି ପ୍ରଣାଳୀରେ ବାକ୍ୟ ଧ୍ୟାନ କରିପାରନ୍ତି, ଯାହା ଆପଣଙ୍କ ପାଇଁ ଉପଯୋଗୀ ମନେ ହୋଇପାରେ ।

ମୁଁ ଏଠାରେ ତିନୋଟି ପ୍ରଣାଳୀ ବା ଯୋଜନା ବିଷୟରେ ଆପଣଙ୍କୁ ସହଭାଗୀ କରାଇବାକୁ ଚାହେଁ :

୧) ବାକ୍ୟ ବୀଜ
୨) ଦୈନିକ ବାକ୍ୟଧ୍ୟାନ ନିର୍ଘଣ୍ଟ
୩) ଧ୍ୟାନଶୀଳ ବାଇବଲ ପାଠ

## ବାକ୍ୟ ବୀଜ

ମୋର ଆତ୍ମିକ ଯାତ୍ରାର ଆରମ୍ଭରେ ମୁଁ ଯେତେବେଳେ ଜଣେ କିଶୋର ଥିଲି, ମୁଁ ବାଇବଲ ପଦଗୁଡ଼ିକୁ ପ୍ରସଙ୍ଗକ୍ରମେ ସଜାଇବା ଶିଖିଥିଲି । ଯେପରି ଭାବରେ ଲାଇବ୍ରେରୀରେ ପୁସ୍ତକଗୁଡ଼ିକୁ ଶ୍ରେଣୀଭୁକ୍ତ କରି ସେଲ୍ଫରେ ରଖାଯାଏ ଏହା ମଧ୍ୟ ସେପରି ଏକ ବିଷୟ । ଏହି ପୁସ୍ତକର ଶେଷ ଅଧ୍ୟାୟରେ ଉଦାହରଣତଃ କେତୋଟି ପ୍ରସଙ୍ଗ ଏବଂ ତତ୍‌ସମ୍ପର୍କିତ ଶାସ୍ତ୍ରୀୟ ଉଲ୍ଲେଖଗୁଡ଼ିକ

ଦିଆଯାଇଛି । ଯଦି ମୁଁ କୌଣସି ପ୍ରସଙ୍ଗକୁ ନେଇ ଧ୍ୟାନ କରିବାକୁ ଚାହୁଁଥିଲି ମୁଁ ପ୍ରସ୍ତୁତ କରିଥିବା ଶାସ୍ତ୍ରାଂଶଗୁଡ଼ିକୁ ପଢୁଥିଲି । ତେଣୁ, ମୁଁ ଯଦି ବିଶ୍ୱାସ ସମ୍ପର୍କରେ ଧ୍ୟାନ କରିବାକୁ ଚାହୁଁଥିଲି ବିଶ୍ୱାସ ଉପରେ ସଂଗ୍ରହ କରିଥିବା ଶାସ୍ତ୍ରାଂଶଗୁଡ଼ିକ ନେଇ ମୁଁ ପାଠ କରୁଥିଲି । ଏହ ବୀଜବପନ ସଦୃଶ । ପ୍ରକୃତିରେ ଆମେ ଦେଖୁ ଯେ ଆମେ ଯେଉଁ ଶସ୍ୟ ଅମଳ କରିବାକୁ ଚାହୁଁ ତଦନୁସାରେ ବୀଜ ବପନ କରୁ, କାରଣ ପ୍ରତ୍ୟେକ ବୀଜ ସ୍ୱ ସ୍ୱ ଜାତି ଅନୁସାରେ ସବୀଜ ଫଳୋତ୍ପାଦକ ବୃକ୍ଷ ଉତ୍ପନ୍ନ କରେ । ସେହିପରି, ଆମର ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ସମ୍ପର୍କିତ ଶାସ୍ତ୍ରାଂଶସବୁକୁ ଧ୍ୟାନ କରିବା ଦ୍ୱାରା ଆମେ ବୀଜ ବପନ କରିଥାଉ । ଏହା ମଧ୍ୟ ପଦ ମୁଖସ୍ଥ କରିବାରେ ସାହାଯ୍ୟ କରିଥାଏ, କାରଣ ଶାସ୍ତ୍ରାଂଶଗୁଡ଼ିକୁ ନେଇ ବାରମ୍ବାର ଧ୍ୟାନ କରିବା ଦ୍ୱାରା ଆପଣଙ୍କ ସ୍ମୃତିରେ ସେସବୁ ଲିପିବଦ୍ଧ ହୋଇ ରହିଯାଏ ।

ବିଶେଷ ଉଦ୍ଦେଶ୍ୟ ନେଇ ଆୟୋଜିତ ସଭାଗୁଡ଼ିକରେ ପ୍ରଭୁଙ୍କ ବାକ୍ୟ ପରିବେଷଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାବେଳେ ମୁଁ ଏହି ଶାସ୍ତ୍ରାଂଶଗୁଡ଼ିକୁ ବ୍ୟବହାର କରିଥାଏ । ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଥିବା ସମୟରେ ଚିହ୍ନ, ଅଦ୍ଭୁତ ଶକ୍ତି, ଆଶ୍ଚର୍ଯ୍ୟକର୍ମ ଓ ଆରୋଗ୍ୟକାରୀ ଶକ୍ତି ଦ୍ୱାରା ପବିତ୍ର ଆତ୍ମାଙ୍କର ପ୍ରକାଶନ ପ୍ରତି ଆମେ ଉନ୍ମୁକ୍ତ ରହିବାକୁ ବାଞ୍ଛା କରିଥାଉ । ତେବେ ଆମେ କେତେକ ସଭା ପରିଚାଳନା କରିଥାଉ ଯହିଁରେ ଆମେ ବିଶେଷ କରି ଅଲୌକିକ ପ୍ରକାଶନସମୂହ ଆଶା କରିଥାଉ । ସୁସମାଚାର ମହାସଭା, ସ୍ୱତନ୍ତ୍ର ଆରେଗ୍ୟକାରୀ ଓ ଆଶ୍ଚର୍ଯ୍ୟକର୍ମ ସଭା, ଇତ୍ୟାଦି ପରିଚାଳିତ ହୋଇଥାଏ ଯହିଁରେ ଆମର ଉଦ୍ଦେଶ୍ୟ ରହିଥାଏ ଯେ ଲୋକମାନଙ୍କ ପ୍ରତି ଆଶ୍ଚର୍ଯ୍ୟକର୍ମ ଓ ଆରୋଗ୍ୟ ପ୍ରକାଶିତ ହେଉ । ଏହି ସମସ୍ତ ସଭାରେ ସେବାକାର୍ଯ୍ୟ କରିବା ପୂର୍ବରୁ ମୁଁ ପରଭାଷାରେ ବହୁ ସମୟ ଧରି ପ୍ରାର୍ଥନା କରେ ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ବାକ୍ୟ ଧ୍ୟାନ କରିଥାଏ । ପବିତ୍ର ଆତ୍ମାରେ ବାପ୍ତିସ୍ମ, ବିଶ୍ୱାସୀର ଅଧିକାର, ଆତ୍ମାଙ୍କ ଅନୁଗ୍ରହଦାନସକଳ, ଆରୋଗ୍ୟ, ଯୀଶୁଙ୍କର ଆଶ୍ଚର୍ଯ୍ୟକର୍ମ ସକଳ, ବିଶ୍ୱାସ, ଭାବବାଣୀ, ଇତ୍ୟାଦି ପ୍ରସଙ୍ଗକୁ ନେଇ ମୁଁ ଧ୍ୟାନ କରିଥାଏ । ଏହା ମୋର ଆତ୍ମାକୁ ତୀକ୍ଷ୍ଣ ଓ ସମନ୍ୱିତ କରିଥାଏ ଏବଂ ସେବାକାର୍ଯ୍ୟ ନିମନ୍ତେ ମୋତେ ପ୍ରସ୍ତୁତ କରିଥାଏ ।

## ଦୈନିକ ବାକ୍ୟଧ୍ୟାନ ନିର୍ଘଣ୍ଟ

ଖେଳାଳୀମାନେ ଯେଉଁ କ୍ରୀଡ଼ା ବିଷୟରେ ତାଲିମ୍ ନେଉଥାନ୍ତି ସେମାନେ ଏଥିପାଇଁ ଏକ ସାପ୍ତାହିକ ନିର୍ଘଣ୍ଟ ପ୍ରସ୍ତୁତ କରିଥାନ୍ତି । ସେମାନେ ବାରମ୍ବାର ନିର୍ଘଣ୍ଟ ଅନୁଯାୟୀ ଅଭ୍ୟାସ କରିଥାନ୍ତି ଓ ପ୍ରତ୍ୟେକ ଥର କିଛିଟା ଉନ୍ନତ ପ୍ରଦର୍ଶନ କରିଥାନ୍ତି । ମୋର ଆତ୍ମିକ ଯାତ୍ରାର ଆରମ୍ଭରେ ମୁଁ ଏକ ଦୈନିକ ବାକ୍ୟଧ୍ୟାନ ନିର୍ଘଣ୍ଟ ପ୍ରସ୍ତୁତ କରୁଥିଲି । ମୁଁ ସ୍ଥିର କରିଥିଲି ଯେ ମୁଁ ପ୍ରତିଦିନ କୌଣସି ନା କୌଣସି ଏକ ପ୍ରସଙ୍ଗକୁ ନେଇ ବାକ୍ୟଧ୍ୟାନ କରିବି । ବାକ୍ୟବୀଜ ଭାବରେ ଯେଉଁ ଶାସ୍ତ୍ରାଂଶଗୁଡ଼ିକ ମୁଁ ମନୋନୀତ କରି ରଖିଥିଲି, ସେଗୁଡ଼ିକୁ ନେଇ ପ୍ରତ୍ୟେକ ପଦ ଉପରେ ଧ୍ୟାନ କରୁଥିଲି– ତାହା ପଢୁଥିଲି, ତାହା ସ୍ୱୀକାର କରୁଥିଲି, ତାକୁ ନେଇ ଈଶ୍ୱରଙ୍କର ଉପାସନା କରୁଥିଲି । ପରବର୍ତ୍ତୀ ସମୟରେ ମୁଁ ଆବଶ୍ୟକତା ଅନୁଯାୟୀ ପ୍ରସଙ୍ଗଗୁଡ଼ିକୁ ନେଇ ଧ୍ୟାନ କରୁଥିଲି । ଆପଣ ମଧ୍ୟ ଆପଣଙ୍କର ସାମ୍ପ୍ରତିକ ପରିସ୍ଥିତି ଓ ଆବଶ୍ୟକତାକୁ ନେଇ ଏହି ପ୍ରକାର ଦୈନିକ ନିର୍ଘଣ୍ଟ ପ୍ରସ୍ତୁତ କରିପାରିବେ ।

ଉଦାହରଣସ୍ୱରୂପ, କୌଣସି ଏକ ସମୟରେ ମୁଁ ପ୍ରସ୍ତୁତ କରିଥିବା ଦୈନିକ ବାକ୍ୟଧ୍ୟାନ ନିର୍ଘଣ୍ଟ ନିମ୍ନରେ ପ୍ରଦତ୍ତ ହୋଇଛି:

| ରବିବାର | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
|---|---|---|---|---|---|---|
| ପ୍ରାର୍ଥନା ବଦାନ୍ୟତା | ବିଶ୍ୱାସ | ଐଶିକ ସ୍ୱାସ୍ଥ୍ୟ | ପରିବାର | ଜ୍ଞାନ ଓ ବୁଦ୍ଧି | ସଫଳତା ଓ ସମୃଦ୍ଧି | ସେବାକାର୍ଯ୍ୟ ଓ ଆଶ୍ଚର୍ଯ୍ୟକର୍ମ |

**ଧ୍ୟାନଶୀଳ ବାଇବଲ ପାଠ**

ମୋର ଆତ୍ମିକ ଯାତ୍ରାରେ ମୋତେ ଯେଉଁସବୁ ଅଭ୍ୟାସ ବିଶେଷଭାବେ ପ୍ରଭାବିତ କରିଛି ସେଥିମଧ୍ୟରୁ ଧ୍ୟାନଶୀଳ ବାଇବଲ ପାଠ ଅନ୍ୟତମ । ବିଭିନ୍ନ ପ୍ରକାର ବାଇବଲ ପଠନ ଯୋଜନାରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କେତୋଟି ପୁସ୍ତକ ଓ ଅଧ୍ୟାୟ ପଢ଼ି ସାରିହେବ ତାହା ପ୍ରସ୍ତୁତ କରାଯାଇଥାଏ । ନିଶ୍ଚିତରୂପେ ଏହା ଉତ୍ତମ ଓ ଲାଭଦାୟକ, ତେବେ ମୁଁ ଯାହା ପଢୁଛି ତାକୁ ଅନେକଥର ପଢ଼ି ଧ୍ୟାନ କରିବାକୁ ପସନ୍ଦ କରେ । ତେଣୁ, ମୁଁ ବାକ୍ୟପାଠର ନିୟମିତ ସମୟରେ ଅନେକ ଅଧ୍ୟାୟ ସମାପ୍ତ କରିବା ପରିବର୍ତ୍ତେ ବାକ୍ୟରୁ ଆହରଣ କରିବା ବିଷୟରେ ଧ୍ୟାନ ଦେଇଥାଏ । ତେଣୁ ମୁଁ କୌଣସି ଅଧ୍ୟାୟରୁ କେତେକ ପଦ ପଢ଼େ, ସେସବୁ ପଦ ଉପରେ ଧ୍ୟାନ କରେ ଏବଂ ଈଶ୍ୱରଙ୍କୁ ସାକ୍ଷାତ କରିବା, ପ୍ରକାଶନ ପାଇବା, ଅଙ୍ଗୀକାର କରିବାରେ ସମୟ କ୍ଷେପଣ କରେ ଏବଂ ତା'ପରେ ଅନ୍ୟ ପଦଗୁଡ଼ିକ ଧ୍ୟାନ କରିବାକୁ ଯାଏ, ଯଦି ମୁଁ ମନେ କରେ ଯେ ଅଧିକ ଧ୍ୟାନ କରିବା ଆବଶ୍ୟକ । ଅନେକ ଦିନ ଧରି ମୁଁ କେତୋଟି ପଦକୁ ହିଁ ନେଇ ଧ୍ୟାନ କରେ । ୩୦ ମିନିଟ୍ ବା ଅଧିକ ସମୟ ଦେଇ ସେଗୁଡ଼ିକ ପଢ଼େ, ଚିନ୍ତା କରେ, ଧ୍ୟାନ କରେ, ଏବଂ ସେସବୁ ପଦଗୁଡ଼ି ମାଧ୍ୟମରେ ଈଶ୍ୱରଙ୍କୁ ସାକ୍ଷାତ କରେ । ପ୍ରାୟଶଃ ଈଶ୍ୱରଙ୍କ ଉପସ୍ଥିତି ମୋତେ ଅତ୍ୟଧିକ ଭାବରେ ଭାବବିହ୍ୱଳ କରିଦିଏ, ଅନେକ ପ୍ରକାଶନ ମିଳେ ଏବଂ ମୁଁ ଯାହା ଦେଖେ ଓ ବୁଝେ ତାକୁ ଲେଖି ପକାଏ । ମୋ ଜୀବନ ପରିବର୍ତ୍ତିତ ହୋଇଯାଏ । ଏପରି ସମୟରେ ମୁଁ ଅନେକ ଉପଦେଶ ପ୍ରସ୍ତୁତ କରିପାରିଛି ।

ଉଦାହରଣସ୍ୱରୂପ, ସେପ୍ଟେମ୍ବର ୨୦୧୯ରେ ମୁଁ ମୋର ଦୈନିକ ଧ୍ୟାନ ସମୟରେ ମାର୍କ ଲିଖିତ ସୁସମାଚାର ପୁନର୍ବାର ପଢ଼ିବା ଆରମ୍ଭ କଲି । ମାର୍କ ୧:୧– *"ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଆରମ୍ଭ"* । ଏହି ପଦ ପଢ଼ି ମୁଁ ସେଠାରେ ହିଁ ଅଟକି ଯାଇଥିଲି । ଚାରିଦିନ ଧରି ଦୈନିକ ୩୦ ମିନିଟ୍ ବା ଅଧିକ ସମୟ ମୁଁ ସେହି ପଦରେ ହିଁ ନିବିଷ୍ଟ, ନିମଜ୍ଜିତ ରହିଥିଲି । ସେହି ପଦ ପାଠ କଲାବେଳେ ଈଶ୍ୱରଙ୍କ ଉପସ୍ଥିତି ମୋତେ ଭାବବିହ୍ୱଳିତ କରିଦେଇଥିଲା । *"ଈଶ୍ୱରଙ୍କ ପୁତ୍ର"* ମୋର ବିଶେଷ ମନୋଯୋଗ ଆକର୍ଷଣ କରିଥିଲା । ମାର୍କ ୧:୧ର ଏହି ବାକ୍ୟାଂଶ ଉପରେ ଧ୍ୟାନ କରୁ କରୁ ମୁଁ ଅନାଦି କାଳକୁ, ସମୟର ଅତୀତକୁ ଚାଲିଯାଇଥିଲି ଓ ଦେଖିଥିଲି କିପରି ଅନନ୍ତ ବାକ୍ୟ, ପିତା ଓ ଆତ୍ମାଙ୍କ ସଙ୍ଗେ ଏକ ଥିଲେ ଏବଂ ସମୟ ଅନୁକ୍ରମେ ଯାତ୍ରା କରି ସେହି ବାକ୍ୟ କିପରି ଦେହବନ୍ତ ହୋଇ ମନୁଷ୍ୟ ପୁତ୍ର ଭାବରେ ପ୍ରକାଶିତ ହେଲେ । ମୁଁ ମଧ୍ୟ ଦେଖୁଥିଲି ସେ ତାଙ୍କର ମୃତ୍ୟୁ, ସମାଧିସ୍ଥ ହେବା, ପୁନରୁତ୍‌ଥାନ, ସ୍ୱର୍ଗାରୋହଣ, ଓ ଉନ୍ନୀତ ହେବା ମାଧ୍ୟମରେ କ'ଣ ସବୁ କରିଛନ୍ତି । ଏସବୁ ବିଷୟ ସହ ସମ୍ପର୍କିତ ବାଇବଲ ପଦସବୁ ବାହାରି ମୋ ନିକଟକୁ ଆସୁଥିବା ମନେ ହେଉଥିଲା । ଆମେ ପ୍ରଚାର କରୁଥିବା ସୁସମାଚାର

ଯେ ଈଶ୍ୱରଙ୍କ ପୁତ୍ରଙ୍କ ସୁସମାଚାର ତାହା ବୁଝିବା ମୋତେ ଭାବବିହ୍ୱଳିତ କରିଥିଲା । ମାର୍କ ୧:୧କୁ ନେଇ ଚାରିଦିନ ଧରି ଅଧ୍ୟୟନ କରିବାଦ୍ୱାରା ମୁଁ ଈଶ୍ୱରଙ୍କ ପୁତ୍ରଙ୍କୁ ଭେଟିବାର ଏକ ବିଶେଷ ଅନୁଭୂତି ଲାଭ କରିଥିଲି । ମୁଁ ଯେତିକି ପାରିଲି ଲେଖି ରଖିଲି । ସେହି ବାକ୍ୟକୁ ମୁଁ ମୋର ଆତ୍ମାରେ ଧରି ରଖିଲି, ଯେପରି ତାହା ମୋ ଅନ୍ତର ମଧ୍ୟରେ ଗଭୀରକୁ ପ୍ରବେଶ କରେ । ଶେଷରେ ତାକୁ ନେଇ ୨୦୧୯ ଖ୍ରୀଷ୍ଟମାସ୍ ଉପାସନାରେ ମୁଁ ପ୍ରଚାର କରିଥିଲି ଓ ସେଠାରେ ଉପସ୍ଥିତ ଲୋକମାନେ ତାହା ଶୁଣି ଉପକୃତ ହୋଇଥିଲେ । (ଏହି ଉପଦେଶ "The Son of God" apco.org/sermos ରେ ଉପଲବ୍ଧ)

ଆପଣମାନେ ମଧ୍ୟ ଏହି ଅଭ୍ୟାସକୁ ବିକଶିତ କରନ୍ତୁ ଏବଂ ଈଶ୍ୱରଙ୍କ ବାକ୍ୟର ଧ୍ୟାନକୁ ଉପଭୋଗ କରନ୍ତୁ ।

# ୭. ବୀଜର ସୁରକ୍ଷା ଓ ପାଳନ ପୋଷଣ ଆବଶ୍ୟକ

## ଶୟତାନ ବୀଜର ପଛରେ ପଡ଼ିଥାଏ

**ମାଥିଉ ୧୩:୧୯**
**ଯେକେହି ରାଜ୍ୟର ବାକ୍ୟ ଶୁଣି ନ ବୁଝେ, ପାପାତ୍ମା ଆସି ତାହାର ହୃଦୟରେ ଯାହା ବୁଣାଯାଇଥିଲା, ତାହା ହରଣ କରିନିଏ, ସେ ଜଣକ ବୁଣାଯାଇଥିବା ବାଟ ପାଖ ଭୂମି ସଦୃଶ ।**

**ମାର୍କ ୪:୧୪-୧୫**
**୧୪ ବୁଣାଳି ବାକ୍ୟ ବୁଣେ ।**
**୧୫ ଯେଉଁମାନେ ଶୁଣନ୍ତି, ପୁଣି ଶୁଣିବାକ୍ଷଣି ଶୟତାନ ଆସି ସେମାନଙ୍କଠାରେ ବୁଣାଯାଇଥିବା ବାକ୍ୟ ହରଣ କରିନିଏ, ସେମାନେ ବାକ୍ୟ ବୁଣାଯାଇଥିବା ବାଟପାଖ ଭୂମି ସଦୃଶ ।**

**ଲୂକ ୮:୧୧-୧୨**
**୧୧ ଦୃଷ୍ଟାନ୍ତର ଭାବ ଏହି । ବିହନ ଈଶ୍ୱରଙ୍କ ବାକ୍ୟ,**
**୧୨ ଆଉ ଯେଉଁମାନେ ବାଟ ପାଖରେ ଅଛନ୍ତି, ସେମାନେ ବାକ୍ୟ ଶୁଣନ୍ତି; ତାହା ପରେ ଶୟତାନ ଆସି, ଯେପରି ସେମାନେ ବିଶ୍ୱାସ କରି ପରିତ୍ରାଣ ନ ପାଆନ୍ତି, ଏଥିନିମନ୍ତେ ସେମାନଙ୍କ ହୃଦୟରୁ ବାକ୍ୟ ହରଣ କରିନିଏ ।**

ବୀଜବୁଣାଳୀର ଦୃଷ୍ଟାନ୍ତରୁ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ଅନ୍ତର୍ଦୃଷ୍ଟି ପାଇଥାଉ- ଶୟତାନ ବୀଜର ପଛରେ ପଡ଼ିଥାଏ । ଏଥିହେତୁ ଈଶ୍ୱରଙ୍କ ବାକ୍ୟ ଶୁଣିବା, ଗ୍ରହଣ କରିବା, ଓ ପାଳନ ପୋଷଣ କରିବା କେତେ ଗୁରୁତ୍ୱପୂର୍ଣ୍ଣ । ଶୟତାନ ଜାଣେ ଯେ ଆମେ ଯଦି ବାକ୍ୟ ଗ୍ରହଣ କରୁ ଏହା ଆମ ଜୀବନରେ ଫଳ ଉତ୍ପନ୍ନ କରିବ ଏବଂ ଆମକୁ ବିଜୟ, ଅଧିକାର ଓ ଆଧିପତ୍ୟର ସହିତ ଆଚରଣ କରିବାର ସାମର୍ଥ୍ୟ ପ୍ରଦାନ କରିବ । ପ୍ରେରିତ ଯୋହନ କହନ୍ତି, *"ହେ ଯୁବକମାନେ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, କାରଣ ତୁମ୍ଭେମାନେ ବଳବାନ୍, ପୁଣି ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ ଅଛି ଓ ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ"* (୧ଯୋହନ ୨:୧୪) ।

ତେଣୁ ଆମକୁ ଈଶ୍ୱରଙ୍କ ବାକ୍ୟଠାରୁ ଦୂରେଇ ରଖିବାକୁ ଶୟତାନ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ, ଯେପରି କି ଈଶ୍ୱରଙ୍କ ବାକ୍ୟକୁ ଆମେ ଅନିଚ୍ଛାରେ, ଆଳସ୍ୟପଣରେ, ଅନ୍ୟମନସ୍କଭାବରେ, ବ୍ୟସ୍ତତାମଧ୍ୟରେ, ଅମନୋଯୋଗୀ ହୋଇ ଶୁଣିବା । ଆମ ମନ ମଧ୍ୟରେ ବିଭିନ୍ନ ଦ୍ୱନ୍ଦ, ମିଥ୍ୟା, ପ୍ରବଞ୍ଚନା, ଇତ୍ୟାଦି ପୂରାଇ ଈଶ୍ୱରଙ୍କ ବାକ୍ୟକୁ ବୁଝିବାକୁ ସେ ଦେଇ ନ ଥାଏ । ସେ ମଧ୍ୟ ଆମ ମଧ୍ୟରେ ସନ୍ଦେହ, ଅବିଶ୍ୱାସ, ଭୟ, ଇତ୍ୟାଦି ପୂରାଇ ଆମକୁ ଈଶ୍ୱରଙ୍କ ବାକ୍ୟ ଉପରେ ବିଶ୍ୱାସ କରିବାକୁ ଦିଏ ନାହିଁ । ତେବେ, ଯେହେତୁ ପ୍ରଭୁ ଯୀଶୁ ଆମ ଉପରେ ଥିବା ଶୟତାନର କଳ୍ପନାସବୁକୁ ପଦାରେ ପକାଇ ଦେଇଛନ୍ତି ଆମେ ତା'ର ମୁକାବିଲା କରିପାରିବା ଏବଂ ଈଶ୍ୱରଙ୍କ ବାକ୍ୟକୁ ଯଥେଷ୍ଟ ପରିମାଣରେ ଆମ ହୃଦୟରେ ସଞ୍ଚୟ କରି ରଖି ପାରିବା । ଈଶ୍ୱରଙ୍କ ବାକ୍ୟ ପ୍ରଚୁର ଭାବରେ ଆପଣଙ୍କଠାରେ ବାସ କରୁ !

## ବୀଜର ସୁରକ୍ଷା ଓ ପାଳନ ପୋଷଣ

ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ଏହି ଦୃଷ୍ଟାନ୍ତରୁ ଆମେ ପାଇଥାଉ, ତା' ହେଲା ଫଳ ଫଳିବା ପାଇଁ ବୀଜର ସୁରକ୍ଷା ଓ ପାଳନ ପୋଷଣ ଉପରେ ଧ୍ୟାନ ଦେବା ଆବଶ୍ୟକ । ଉଦ୍ୟାନ ଓ କୃଷି କ୍ଷେତ୍ରରେ କାର୍ଯ୍ୟ କଲେ ଏହା ଆମେ ସଠିକ୍ ଭାବରେ ବୁଝିପାରିବା ।

ପ୍ରଭୁ ଯୀଶୁ ଦୁଇଟି କ୍ଷେତ୍ରରେ ଭୟ ରହିଥିବା ବିଷୟ କହନ୍ତି, ଯାହା ଆମକୁ ଫଳ ଫଳିବାକୁ ଦିଏ ନାହିଁ କିଅବା ଅମଳ କରିବା ଆମଠାରୁ ଛଡ଼ାଇନିଏ । ସେ କହନ୍ତି, (କ) ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା (ଖ) ସାଂସାରିକ ଚିନ୍ତା, ଧନର ମାୟା, ଅନ୍ୟାନ୍ୟ ବିଷୟ ଲାଭ କରିବାର ଇଚ୍ଛା, ଓ ଜୀବନର ଆମୋଦ ପ୍ରମୋଦ । ଅମଳକୁ ଆଗୁଳି ରଖୁଥିବା ଏହି ଦୁଇଟି ବିଷୟକୁ ଆମେ ପରବର୍ତ୍ତୀ ଏକ ଅଧ୍ୟାୟରେ ଆଲୋଚନା କରିବା ।

ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ବୀଜର ପାଳନ ପୋଷଣ । ପ୍ରକୃତିରେ ଆମେ ଦୃଷ୍ଟି ଦେଉ ଯେପରି କି ବୀଜ ଯଥେଷ୍ଟ ପରିମାଣରେ ସୂର୍ଯ୍ୟାଲୋକ, ଜଳ, ଓ ପୋଷକସବୁ ପାଏ, ତଦ୍ଦ୍ୱାରା ସେ ଅଙ୍କୁରିତ ହୁଏ, ବଢ଼େ ଓ ଫଳ ଧାରଣ କରେ । ସେହିପରି ଆମ ହୃଦୟରେ ମଧ୍ୟ ଆମେ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ ଯେପରି କି ସେଠାରେ ବାକ୍ୟ ବୀଜର ପାଳନ ପୋଷଣ ସମ୍ଭବ ହୋଇପାରିବ । ଈଶ୍ୱରଙ୍କ ବାକ୍ୟକୁ ମଧ୍ୟ ଜଳ (ଏଫିସୀୟ ୫:୨୬) ଓ ଆଲୋକ (ଗୀତସଂହିତା ୧୧୯:୧୦୫) ସଙ୍ଗେ ତୁଳନା କରାଯାଏ । ତେଣୁ ଆମେ ସର୍ବଦା ବାକ୍ୟ ଧ୍ୟାନ କରିବା (ଜଳ ଓ ଆଲୋକର ଯୋଗାଣ ହୁଏ), (ପୋଷାକସବୁ ପରି) ପ୍ରକାଶନସବୁ ପାଇବା ଏବଂ ଆତ୍ମାରେ ପୂର୍ଣ୍ଣ ହୋଇ ଚାଲିବା ଦ୍ୱାରା ଆମେ ବାକ୍ୟ ବୀଜକୁ ପାଳନ ପୋଷଣ କରିଥାଉ (କଲସୀୟ ୩:୧୫; ଏଫିସୀୟ ୫:୧୮-୧୯) ।

## ଈଶ୍ୱରଙ୍କ ରାଜ୍ୟର ବୀଜ-ନୀତି

**ମାର୍କ ୪:୨୬-୨୯**
**୨୬ ଆହୁରି ସେ କହିଲେ, ଈଶ୍ୱରଙ୍କ ରାଜ୍ୟ ଏହି ପ୍ରକାର, ଯେପରି ଜଣେ ଲୋକ ଭୂମିରେ ବିହନ ବୁଣେ;**
**୨୭ ପୁଣି, ରାତ୍ରିରେ ନିଦ୍ରା ଯାଏ ଓ ଦିବସରେ ଜାଗ୍ରତ ହୁଏ, ଆଉ ବିହନ କିପରି ଅଙ୍କୁରିତ ହୋଇ ବୃଦ୍ଧି ପାଏ, ତାହା ସେ ଜାଣେ ନାହିଁ ।**
**୨୮ ଭୂମି ଆପେ ଫଳ ଉତ୍ପନ୍ନ କରେ, ପ୍ରଥମରେ ଫଳ, ପରେ ଶିଁଷା, ତାହା ପରେ ଶିଁଷାରେ ପୂର୍ଣ୍ଣ ଶସ୍ୟ ।**
**୨୯ କିନ୍ତୁ ଶସ୍ୟ ପାଚିଲାକ୍ଷଣି ଫସଲ ସମୟ ଉପସ୍ଥିତ ହେବାରୁ ସେ ଦାଆ ଲଗାଏ ।**

ବୀଜର ଅଙ୍କୁରୋଦ୍‌ଗମ ପ୍ରକ୍ରିୟା ମାଟିରେ ଘଟିଥାଏ । ଏହା ଘଟିବା ଆମେ ଜାଣିଥାଉ, ମାତ୍ର ଦେଖି ପାରି ନ ଥାଉ । ଏଥିପାଇଁ ସମୟ ଲାଗିଥାଏ । ବୀଜ ଅଙ୍କୁରିତ ହୋଇ ଭୂମି ଉପରକୁ ଆସିଲେ ଆମେ ବୃଦ୍ଧି ପାଇବାର ଚିହ୍ନ ଦେଖିଥାଉ । ଉଦ୍ଭିଦ ବା ବୃକ୍ଷ ବୃଦ୍ଧିପାଇ ଫଳ ଉତ୍ପନ୍ନ କରିବା ନିମନ୍ତେ ଅଧିକ ସମୟ ଆବଶ୍ୟକ କରିଥାଏ ।

ବୀଜବୁଣାଳୀର ଦୃଷ୍ଟାନ୍ତ କହିବା ପରେ, ପ୍ରଭୁ ଯୀଶୁ ଅନ୍ୟ ଏକ ଦୃଷ୍ଟାନ୍ତ କହିଥିଲେ, ଯାହା ବୀଜ ବୁଣିବା ସହିତ ସମ୍ପର୍କିତ । ଏହି ଦୃଷ୍ଟାନ୍ତ ମାଧ୍ୟମରେ ସେ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଆମକୁ ଶିକ୍ଷା ଦିଅନ୍ତି (ମାର୍କ ୪:୨୬-୨୯) । ଏହି ଦୃଷ୍ଟାନ୍ତରେ ପ୍ରଭୁ ଯୀଶୁ ଈଶ୍ୱରଙ୍କ ରାଜ୍ୟରେ ପ୍ରଚଳିତ ସାଧାରଣ ବୀଜ-ନୀତିକୁ ଆମ ଆଗରେ ପ୍ରକାଶ କରନ୍ତି । ଈଶ୍ୱରଙ୍କ ରାଜ୍ୟରେ ଆମ ଜୀବନର

ବିଭିନ୍ନ କ୍ଷେତ୍ରରେ ଏହି ବୀଜ-ନୀତିର ପ୍ରୟୋଗ ହୋଇଥାଏ । ଈଶ୍ୱରଙ୍କ ବାକ୍ୟ, ଅଲୌକିକ ବୀଜ ରୂପେ ଆମ ଜୀବନରେ ଯେଉଁ ପ୍ରକ୍ରିୟାରେ ଫଳ ଉତ୍ପନ୍ନ କରିଥାଏ ସେ କ୍ଷେତ୍ରରେ ମଧ୍ୟ ଏହି ବୀଜ-ନୀତିର ପ୍ରୟୋଗ ହୋଇଥାଏ ।

ଈଶ୍ୱରଙ୍କ ରାଜ୍ୟର ବୀଜ-ନୀତି ସମ୍ପର୍କିତ ମୁଖ୍ୟ ଅନ୍ତର୍ଦୃଷ୍ଟିସମୂହ ଏହିପରି:

୧) ବୀଜ ବୁଣାଯିବା ଆବଶ୍ୟକ ।

୨) ବୃଦ୍ଧିର ଚିହ୍ନ ପ୍ରକାଶ ପାଇବାକୁ ସମୟ ଲାଗେ ।

୩) ବୀଜ ଫଳ ଉତ୍ପନ୍ନ କରେ, ଯଦିବା ଏହା କିପରି ହୁଏ ଆମେ ଜାଣି ପାରି ନ ଥାଉ ।

୪) ଅମଳ ସମୟ ଆସିଲେ ଆମେ ଦାଆ ଲଗାଉ ଓ ଫସଲ ସଂଗ୍ରହ କରୁ (ଅନ୍ୟ ପ୍ରକାରେ କହିଲେ, ଶସ୍ୟ ସଂଗ୍ରହରେ ଆମର ଭୂମିକା ରହିଛି) ।

ଏଠାରେ ଆମେ ଯେଉଁ ଗୁରୁତ୍ୱପୂର୍ଣ୍ଣ ସତ୍ୟ ବୁଝିବା ଆବଶ୍ୟକ ତା' ହେଲା ବୀଜ ଫଳଧାରଣ କରିବା ପାଇଁ ସମୟ ଲାଗିଯାଏ । ଆମମାନଙ୍କ ହୃଦୟରେ ବୁଣାଯାଉଥିବା ଈଶ୍ୱରଙ୍କ ବାକ୍ୟ ରାତାରାତି ପ୍ରଚୁର ଶସ୍ୟ ଉତ୍ପାଦନ କରି ନ ପାରେ । ସ୍ୱଭାବଗତରୂପେ, ସମୟ ଲାଗିବ ଏବଂ ସମୟ ଅନୁକ୍ରମେ ଆମେ ଆମ ହୃଦୟରେ ବପନ କରିଥିବା ବୀଜଗୁଡ଼ିକର ପ୍ରଭାବ ଓ ଫଳାଫଳ ଦେଖିବାକୁ ପାରିବା ।

ପ୍ରଥମେ ଆମେ ତିରିଶି ଗୁଣ ଅମଳ ଅନୁଭବ କରିପାରୁ । କିନ୍ତୁ ଆମେ ଜାଣୁ ଯେ ବୀଜ ଅଙ୍କୁରିତ ହୋଇ ବଢ଼ିବାକୁ ସମୟ ଲାଗିଥାଏ । ଆମ ହୃଦୟରେ ବାକ୍ୟରୂପ ବୀଜ ଆମେ ବୁଣି ଚାଲିଥାଉ, କାରଣ ଅମଳ ସମୟ ଶୀଘ୍ର ଆସିବ ବୋଲି ଆମେ ଜାଣିଥାଉ । ଏହିପରି ବାକ୍ୟରୂପ ବୀଜ ବୁଣୁ ବୁଣୁ ବାକ୍ୟଦ୍ୱାରା ଉତ୍ପାଦିତ ପ୍ରଚୁର ଶସ୍ୟ ଅମଳକୁ ଦେଖି ଆମେ ଆନନ୍ଦିତ ହୋଇଥାଉ ।

ଈଶ୍ୱରଙ୍କ ବାକ୍ୟରୂପ ବୀଜ ଆମ ହୃଦୟରେ ବୁଣିବା ଦ୍ୱାରା ଆମ ଜୀବନରେ ବାକ୍ୟ କିପରି ଫଳ ଉତ୍ପନ୍ନ କରିଥାଏ ଏହାକୁ ଆମେ ପୂରାପୂରି ବ୍ୟାଖ୍ୟା କରି ନ ପାରୁ । ଉଦାହରଣସ୍ୱରୂପ, ଯଦି ଜଣେ ସଫଳତା ଓ ସମୃଦ୍ଧି ପାଇବା ପାଇଁ ବାକ୍ୟରୂପ ବୀଜ ବୁଣେ, ତଦ୍ଦ୍ୱାରା ସେ ଯାହା କରେ ସେଥିରେ ସଫଳତା ଓ ସମୃଦ୍ଧି ପାଇଥାଏ, ଏହାକୁ ଆମେ ବ୍ୟାଖ୍ୟା କରି ନ ପାରୁ । ସେହିପରି, ଯଦି କେହି ସୁସ୍ଥତା ଓ ସ୍ୱାସ୍ଥ୍ୟ ପାଇବା ପାଇଁ ଈଶ୍ୱରଙ୍କ ବାକ୍ୟ ବପନ କରେ, ସେ ସମସ୍ତ ରୋଗ ଓ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବାକୁ ଓ ଉତ୍ତମ ସ୍ୱାସ୍ଥ୍ୟ ଉପଭୋଗ କରିବାକୁ ଈଶ୍ୱରଙ୍କ ଶକ୍ତି ଅନୁଭବ କରେ, ଏହାକୁ ମଧ୍ୟ ଆମେ ସମ୍ପୂର୍ଣ୍ଣରୂପେ ବ୍ୟାଖ୍ୟା କରି ନ ପାରୁ । ଆମେ କେବଳ କହିପାରିବା ଯେ, ଈଶ୍ୱରଙ୍କ ବାକ୍ୟ ବୀଜ ସଦୃଶ, ଏବଂ ବୀଜ ଫଳ ଉତ୍ପାଦନ କରିଥାଏ, କିନ୍ତୁ କିପରି ଏହା କରିଥାଏ, ତା'ର କାରଣ ଆମେ ଜାଣୁନା । ଯେତେବେଳେ ଈଶ୍ୱରଙ୍କ ବାକ୍ୟ ଉତ୍ତମ ଭୂମିରେ ବୁଣାଯାଏ ଓ ଏହାର ଯତ୍ନ ନିଆଯାଏ, ଏହା ଯେତେ ଗୁଣ ଫଳ ଉତ୍ପାଦନ କରିବାକୁ ଉଦ୍ଦିଷ୍ଟ ଥାଏ, ସେତେ ଗୁଣ ଫଳ ଫଳେ ।

# ୮. ପ୍ରକାଶନ: ଆତ୍ମିକ ଜ୍ଞାନ ପ୍ରାପ୍ତ ହେବା

## ଆମେ ଯେତେବେଳେ ବାକ୍ୟ ବୁଝି ପାରି ନ ଥାଉ

**ମାଥିଉ ୧୩:୧୯**
**ଯେକେହି ରାଜ୍ୟର ବାକ୍ୟ ଶୁଣି ନ ବୁଝେ, ପାପାତ୍ମା ଆସି ତାହାର ହୃଦୟରେ ଯାହା ବୁଣାଯାଇଥିଲା, ତାହା ହରଣ କରିନିଏ, ସେ ଜଣକ ବୁଣାଯାଇଥିବା ବାଟ ପାଖ ଭୂମି ସଦୃଶ ।**

ଯୀଶୁ କହନ୍ତି ଯେ ଯେତେବେଳେ ଆମେ ବାକ୍ୟ ଶୁଣି ବୁଝି ପାରି ନ ଥାଉ, ଶୟତାନ ସେତେବେଳେ ଆସି ବୀଜକୁ ହରଣ କରିନିଏ, ଯଦ୍ଦ୍ୱାରା ଆମଠାରେ ଚେର ମାଡ଼ିପାରେ ନାହିଁ ଓ ଆମେ ଫଳ ଫଳି ପାରି ନ ଥାଉ । ଆମେ ବାକ୍ୟ ଶୁଣି ବୁଝିବାକୁ ହେବ (ଆତ୍ମିକ ସତ୍ୟକୁ ଜାଣିବା), ଯେପରି କି ଶୟତାନ ବାକ୍ୟ ହରଣ କରିପାରିବ ନାହିଁ । ତର୍କବିତର୍କ, ବିଭ୍ରାନ୍ତି, ମିଥ୍ୟା, ପ୍ରବଞ୍ଚନା, ଇତ୍ୟାଦି ଦ୍ୱାରା ଶୟତାନ ଯଥାସାଧ୍ୟ ଚେଷ୍ଟା କରିଥାଏ ଯେପରି କି ଆମେ ବାକ୍ୟ ବୁଝିପାରିବା ନାହିଁ ।

"ବୁଝିବା" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦର ଅର୍ଥ "ଏକାଠି କରି ରଖିବା, ବୁଝିବା, ଓ ମନରେ ଧାରଣ କରିବା" । ଆମର ବୁଦ୍ଧିମତା ଓ ବୋଧଶକ୍ତି ଦ୍ୱାରା ତ ଆମେ ବାକ୍ୟକୁ ବୁଝିବା ଆବଶ୍ୟକ, ତେବେ ଅନ୍ୟ ଏକ ଦିଗ ରହିଛି ଯଦ୍ଦ୍ୱାରା ଆମେ ଆତ୍ମିକ ସତ୍ୟକୁ ବୁଝିପାରିଥାଉ । ଏହାକୁ ଆମେ ପ୍ରକାଶନ କହିଥାଉ ।

**ଲୂକ ୮:୧୨**
**ଆଉ ଯେଉଁମାନେ ବାଟ ପାଖରେ ଅଛନ୍ତି, ସେମାନେ ବାକ୍ୟ ଶୁଣନ୍ତି, ତାହା ପରେ ଶୟତାନ ଆସି, ଯେପରି ସେମାନେ ବିଶ୍ୱାସ କରି ପରିତ୍ରାଣ ନ ପାଆନ୍ତି, ଏଥିନିମନ୍ତେ ସେମାନଙ୍କ ହୃଦୟରୁ ବାକ୍ୟ ହରଣ କରିନିଏ ।**

ଶୟତାନ ଚାହେଁ ନାହିଁ ଯେ ଆମେ ବାକ୍ୟରେ ବିଶ୍ୱାସ କରୁ । ତେଣୁ ଆମେ ପ୍ରକାଶନ ପାଇବା ଓ ବିଶ୍ୱାସ କରିବା ପୂର୍ବରୁ ସେ ଆମକୁ ବାକ୍ୟଠାରୁ ଦୂରେଇ ରଖିବାକୁ ଚାହେଁ । ତଥାପି ଯେତେବେଳେ ଆମେ ବାକ୍ୟକୁ ବୁଝୁ ଓ ପ୍ରକାଶନ ପାଉ, ଆମେ ବାକ୍ୟରେ ବିଶ୍ୱାସ କରିଥାଉ ଓ ଆମମାନଙ୍କ ଜୀବନରେ କ୍ରିୟାଶୀଳ ଈଶ୍ୱରଙ୍କ ବାକ୍ୟର ଶକ୍ତି ଅନୁଭବ କରିଥାଉ ।

## ଧର୍ମଶାସ୍ତ୍ର ଓ ମାନବୀୟ ବୁଦ୍ଧି

**୧କରିନ୍ଥୀୟ ୨:୧୪**
**କିନ୍ତୁ ସାଂସାରିକ ମନୁଷ୍ୟ ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରେ ନାହିଁ, କାରଣ ସେହିସବୁ ତାହା ନିକଟରେ ମୂର୍ଖତା, ପୁଣି ସେ ସେହିସବୁ ବୁଝି ପାରେ ନାହିଁ, ଯେଣୁ ସେହିସବୁକୁ ଆତ୍ମିକ ଭାବରେ ବିଚାର କରାଯାଏ ।**

ଆମମାନଙ୍କର ବୌଦ୍ଧିକ ସାମର୍ଥ୍ୟ ଦ୍ୱାରା ଆମେ ଧର୍ମଶାସ୍ତ୍ରର ବିଭିନ୍ନ ଅଂଶକୁ ପଢ଼ିଥାଉ ଓ ତା'ର ଅର୍ଥକୁ ବୁଝିଥାଉ । ଆମର ବୁଦ୍ଧିର ପ୍ରୟୋଗ କରି ଆମେ ଏବ୍ରୀ ଓ ଗ୍ରୀକ୍ ଭାଷା ଶିଖୁ, ଐତିହାସିକ ପୃଷ୍ଠଭୂମି ଓ ଶାସ୍ତ୍ରାଂଶସବୁ ଯେଉଁ ସନ୍ଦର୍ଭରେ ଲିଖିତ ହୋଇଥିଲା ତାହା ଜାଣିଥାଉ । ଈଶ୍ୱର ଆମମାନଙ୍କୁ ଯେଉଁ ବୁଦ୍ଧି ଦେଇଛନ୍ତି ଆମେ ତା'ର ସଦୁପଯୋଗ କରିବା ଆବଶ୍ୟକ ।

ତେବେ, ସାଂସାରିକ ମନୁଷ୍ୟ ତା'ର ସାଂସାରିକ ମନରେ ଈଶ୍ୱରଙ୍କ ଆତ୍ମା ବାକ୍ୟଦ୍ୱାରା ପ୍ରଦାନ କରୁଥିବା ଐଶିକ ସତ୍ୟସବୁକୁ ବୁଝି ପାରି ନ ଥାଏ । ଈଶ୍ୱରଙ୍କ ଆତ୍ମାଙ୍କ ବିଷୟଗୁଡ଼ିକ ଗ୍ରହଣ କରିବାକୁ ହେଲେ ଆତ୍ମିକ ବିଚାର ବୁଦ୍ଧି (ବା ଆତ୍ମିକ ଅନ୍ତଦୃର୍ଷ୍ଟି) ରହିଥିବା ଆବଶ୍ୟକ । ଏହିଠାରେ ମାନବୀୟ ବୁଦ୍ଧିର ଅନ୍ତ ହୋଇଥାଏ ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଉପରେ ନିର୍ଭର କରିବା ଆରମ୍ଭ ହୋଇଥାଏ ।

**୧କରିନ୍ଥୀୟ ୨:୯-୧୨**

**୯ କିନ୍ତୁ ଯେପରି ଲେଖାଅଛି, "ଚକ୍ଷୁ ଯାହା ଦେଖିନାହିଁ, କର୍ଣ୍ଣ ଯାହା ଶୁଣିନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ଯେସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି ।"**
**୧୦ କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆତ୍ମାଙ୍କ ଦ୍ୱାରା ସେସମସ୍ତ ପ୍ରକାଶ କରିଅଛନ୍ତି, ଯେଣୁ ଆତ୍ମା ସମସ୍ତ ବିଷୟ, ହଁ, ଈଶ୍ୱରଙ୍କର ଗଭୀର ବିଷୟସବୁ ଅନୁସନ୍ଧାନ କରନ୍ତି ।**
**୧୧ କାରଣ ମନୁଷ୍ୟର ବିଷୟସବୁ ମନୁଷ୍ୟଠାରେ ଥିବା ଆତ୍ମା ବିନା ଆଉ କିଏ ଜାଣେ ? ସେହିପରି ମଧ୍ୟ ଈଶ୍ୱରଙ୍କ ବିଷୟସବୁ ଈଶ୍ୱରଙ୍କ ଆତ୍ମା ବିନା ଆଉ କେହି ଜାଣେ ନାହିଁ ।**
**୧୨ ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟଗୁଡ଼ିକ ଆମ୍ଭେମାନେ ଜାଣି ପାରୁ, ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ ।**

ଈଶ୍ୱର ତାଙ୍କର ପବିତ୍ର ଆତ୍ମାଙ୍କ ଦ୍ୱାରା ଆମମାନଙ୍କୁ ଆତ୍ମିକ ସତ୍ୟ ଓ ବାସ୍ତବତାସକଳ ପ୍ରକାଶ (ଅନାବରଣ, ଅନାଚ୍ଛାଦିତ) କରିଥାନ୍ତି । ଏହାଦ୍ୱାରା ଈଶ୍ୱର ଆମମାନଙ୍କୁ ଯେଉଁସବୁ ବିଷୟ ମୁକ୍ତ ଭାବରେ ଦେଇଛନ୍ତି ସେସବୁକୁ ଆମେ ଜାଣିପାରୁ (ବୁଝିପାରୁ, ନିଶ୍ଚିତ ହୋଇପାରୁ, ଦେଖୁ, ଉପଲବ୍ଧ କରୁ) ।

ପବିତ୍ର ଆତ୍ମା ପ୍ରକାଶନର ଆତ୍ମା ଅଟନ୍ତି । ଧର୍ମଶାସ୍ତ୍ରରେ ରହିଥିବା ଐଶିକ ସତ୍ୟଗୁଡ଼ିକୁ ଦେଖିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥାନ୍ତି । ପ୍ରାଚୀନ କାଳରେ ଈଶ୍ୱରଙ୍କ ଲୋକମାନେ ଯାହାସବୁ ଲେଖିଥିଲେ ତାର ବାହାରକୁ ନେଇ, ଈଶ୍ୱରଙ୍କ ମୂଳ ଚିନ୍ତା କ'ଣ ଥିଲା ତା' ମଧ୍ୟରେ ଆମକୁ ପ୍ରବେଶ କରାଇଥାନ୍ତି । ମନୁଷ୍ୟର ଚିନ୍ତାସକଳ ଓ ଈଶ୍ୱରଙ୍କ ଚିନ୍ତାସକଳ ମଧ୍ୟରେ ଅନେକ ପ୍ରଭେଦ ରହିଛି । ଯେପରି ପ୍ରଭୁ ଈଶ୍ୱର କହନ୍ତି, *"କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ଆମ୍ଭର ମାର୍ଗସକଳ ତୁମ୍ଭମାନଙ୍କର ମାର୍ଗ ଅପେକ୍ଷା ଓ ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କ ସଂକଳ୍ପ ଅପେକ୍ଷା ଉଚ୍ଚତର ଅଟେ" (ଯିଶାଇୟ ୫୫:୯) ।*

ପ୍ରକାଶନ କହିଲେ ବୌଦ୍ଧିକ ବୋଧଶକ୍ତିରୁ ବାହାରିଯାଇ ଆତ୍ମିକ ବୋଧଶକ୍ତି ପ୍ରାପ୍ତ ହେବା । ପ୍ରକାଶନ ଦ୍ୱାରା ହିଁ ଆମେ ଆତ୍ମିକ ସତ୍ୟ ବୁଝି ପାରିଥାଉ । ଜଣେ ବ୍ୟକ୍ତି ଯେତେବେଳେ ଆତ୍ମିକ ସତ୍ୟର ପ୍ରକାଶନ ଗ୍ରହଣ କରେ ନାହିଁ (ଅର୍ଥାତ୍ ବାକ୍ୟର ଆତ୍ମିକ ଜ୍ଞାନ ପାଏନାହିଁ), ସେତେବେଳେ *"ପାପାତ୍ମା ଆସି ତାହାର ହୃଦୟରେ ଯାହା ବୁଣାଯାଇଥିଲା, ତାହା ହରଣ କରିନିଏ"* (ମାଥିଉ ୧୩;୧୯) ।

## ପ୍ରକାଶନ ପାଇବା ପାଇଁ ପ୍ରାର୍ଥନା

**ଏଫିସୀୟ ୧:୧୭-୧୯**
**୧୭ ଯେପରି ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଈଶ୍ୱର, ଗୌରବମୟ ପିତା, ତାହାଙ୍କ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଜ୍ଞାନ ପାଇବା ନିମନ୍ତେ ତୁମ୍ଭମାନଙ୍କ ଜ୍ଞାନ ଓ ପ୍ରତ୍ୟାଦେଶର ଆତ୍ମା ପ୍ରଦାନ କରନ୍ତି;**

**୧୮ ସେଥିରେ ତୁମ୍ଭମାନଙ୍କ ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ତାହାଙ୍କ ଆହ୍ୱାନର ଭରସା କଅଣ, ସାଧୁମାନଙ୍କ ମଧ୍ୟରେ ତାହାଙ୍କ ଅଧିକାରର ଗୌରବରୂପ ଧନ କଅଣ,**
**୧୯ ପୁଣି ବିଶ୍ୱାସୀ ଯେ ଆମ୍ଭେମାନେ, ତାହାଙ୍କ ଶକ୍ତିର କାର୍ଯ୍ୟସାଧକ ପରାକ୍ରମ ଅନୁସାରେ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଶକ୍ତିର ଅତ୍ୟଧିକ ମହତ୍ତ୍ୱ କଅଣ, ଏହିସବୁ ଜାଣି ପାର ।**

ଏଫିସୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କ ନିମନ୍ତେ ପାଉଲ ଯେଉଁ ପ୍ରାର୍ଥନା କରିଥିଲେ, ସେଥିରେ ସେ ନିର୍ଦ୍ଦିଷ୍ଟରୂପେ ମାଗନ୍ତି ଯେପରି ସେମାନେ ଜ୍ଞାନ ଓ ପ୍ରକାଶନର (ପ୍ରତ୍ୟାଦେଶର) ଆତ୍ମା ପାଆନ୍ତି ଓ ସେମାନଙ୍କର ଆନ୍ତରିକ ଚକ୍ଷୁ (ବୋଧଶକ୍ତି) ପ୍ରସନ୍ନ ହୁଏ (ଆଲୋକିତ ହୁଏ), ଯଦ୍ୱାରା ସେମାନେ ଈଶ୍ୱରଙ୍କୁ ଜାଣିବେ, ଈଶ୍ୱରଙ୍କ ଆହ୍ୱାନର ଉଦ୍ଦେଶ୍ୟ ଜାଣିବେ, ସାଧୁମାନଙ୍କ ସହିତ ତାହାଙ୍କର ଗୌରବମୟ ଅଧିକାରରୂପ ଧନ ଯେ କ'ଣ ଜାଣିବେ, ଏବଂ ବିଶ୍ୱାସୀମାନଙ୍କୁ ଈଶ୍ୱର ଉପଲବ୍ଧ କରାଇଥିବା ଈଶ୍ୱରଙ୍କର ଅତୁଳନୀୟ ଶକ୍ତିର ମହତ୍ତ୍ୱ ଯେ କ'ଣ, ତାହା ଜାଣିବେ । ତେଣୁ, ଏପରି ଆତ୍ମିକ ସତ୍ୟର ଜ୍ଞାନ ଓ ବୋଧ କେବଳ ପବିତ୍ର ଆତ୍ମାଙ୍କର ପ୍ରକାଶନ ଓ ଆଲୋକନ ଦ୍ୱାରା ଆସିଥାଏ । ପବିତ୍ର ଆତ୍ମା ଆମର ଅନ୍ତରସ୍ଥ ଚକ୍ଷୁକୁ (ବା ବୋଧଶକ୍ତିକୁ) ପ୍ରସନ୍ନ (ଆଲୋକନ) କରନ୍ତି ଯେପରି କି ଆମେ ଆତ୍ମିକ ସତ୍ୟ ଜାଣି ପାରିବା ।

ପ୍ରକାଶନ ପ୍ରକ୍ରିୟାରେ ଆମେମାନେ ଆତ୍ମିକ ଜ୍ଞାନ ପ୍ରାପ୍ତ ହେଲେ ଆମେ ମସ୍ତିଷ୍କଗତ ଜ୍ଞାନରୁ ଆତ୍ମିକ ଜ୍ଞାନ ମଧ୍ୟରେ ପ୍ରବେଶ କରୁ । ଏହା ହିଁ ସାଂସାରିକ ଜ୍ଞାନ ଓ ଆତ୍ମିକ ଜ୍ଞାନ ମଧ୍ୟରେ ଥିବା ପ୍ରଭେଦ, ବା ମସ୍ତିଷ୍କଗତ ଜ୍ଞାନ ଓ ହୃଦୟର ଜ୍ଞାନ । ଯେତେବେଳେ ଆମେ କୌଣସି ବିଷୟ ଆମ ହୃଦୟରେ (ଆତ୍ମାରେ) ଜାଣୁ, ଏହାର ଅର୍ଥ ଆମର ଅନ୍ତରର ଚକ୍ଷୁ ବୁଝିବା ନିମନ୍ତେ ଆଲୋକିତ ହୋଇଛି । ତେଣୁ ଆମେ ଗଭୀରତମ ହୃଦୟରେ ଏହା ବିଶ୍ୱାସ କରୁ । ଆମେ ଆତ୍ମିକ ସତ୍ୟକୁ ଗ୍ରହଣ କରୁ, ଏହାକୁ ବିଶ୍ୱାସ କରୁ, ଏହି ସତ୍ୟରେ ଆଚରଣ କରୁ, ଓ ଏହାକୁ ଅନୁଭବ କରୁ ।

ତେଣୁ, ଆମେ ଯେତେବେଳେ ବାକ୍ୟ ଶୁଣୁ ବା ପଢ଼ିଥାଉ, ଆତ୍ମିକ ସତ୍ୟକୁ ବୁଝିବା ନିମନ୍ତେ ଓ ପ୍ରକାଶନ ନିମନ୍ତେ ପ୍ରାର୍ଥନା କରିବା ଆବଶ୍ୟକ । ଯେତେବେଳେ ଆମେ ବାକ୍ୟର ପ୍ରକାଶନ ପ୍ରାପ୍ତ ହେଉ ଓ ଏହାକୁ ବିଶ୍ୱାସ କରୁ, ଶୟତାନ ଆମଠାରୁ ବାକ୍ୟ ହରଣ କରିପାରିବ ନାହିଁ । ଆମେ ଏହା ଦେଖିଥାଉ । ଏହା ଆମେ ବିଶ୍ୱାସ କରୁ । ବର୍ତ୍ତମାନ ଏହା ଆମର ନିଜସ୍ୱ !

# ୯. ଶସ୍ୟ ଅମଳର ପ୍ରତିରୋଧକ : ବାକ୍ୟ ପ୍ରତି ବିରୋଧ

**ମାଥିଉ ୧୩:୨୦-୨୧**
**୨୦ ଯେ ବାକ୍ୟ ଶୁଣିବାକ୍ଷଣି ଆନନ୍ଦରେ ତାହା ଗ୍ରହଣ କରେ, କିନ୍ତୁ ତାହାଠାରେ ଚେର ନ ମାଡ଼ିବାରୁ କ୍ଷଣକାଳମାତ୍ର ସ୍ଥିର ହୋଇ ରୁହେ,**
**୨୧ ପରେ ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଏ, ସେହି ଜଣକ ବୁଣାଯାଇଥିବା ପଥୁରିଆ ଭୂମି ସଦୃଶ ।**

**ମାର୍କ ୪:୧୬-୧୭**
**୧୬ ସେହିପରି, ଯେଉଁମାନେ ବାକ୍ୟ ଶୁଣିବାକ୍ଷଣି ଆନନ୍ଦରେ ତାହା ଗ୍ରହଣ କରନ୍ତି,**
**୧୭ କିନ୍ତୁ ସେମାନଙ୍କଠାରେ ଚେର ନ ମାଡ଼ିବାରୁ କ୍ଷଣକାଳମାତ୍ର ସ୍ଥିର ରୁହନ୍ତି, ପରେ ବାକ୍ୟ ସକାଶେ କ୍ଲେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଆନ୍ତି, ସେମାନେ ବୁଣାଯାଇଥିବା ପଥୁରିଆ ଭୂମି ସଦୃଶ ।**

**ଲୂକ ୮:୧୩**
**ପୁଣି ଯେଉଁମାନେ ପଥର ଉପରେ ଅଛନ୍ତି, ସେମାନେ ବାକ୍ୟ ଶୁଣି ଆନନ୍ଦରେ ଗ୍ରହଣ କରନ୍ତି, କିନ୍ତୁ ସେମାନଙ୍କର ଚେର ନ ଥିବାରୁ ସେମାନେ ଅଳ୍ପ ସମୟ ବିଶ୍ୱାସ କରନ୍ତି ଓ ପରୀକ୍ଷା ସମୟରେ ଧର୍ମତ୍ୟାଗୀ ହୁଅନ୍ତି ।**

ବର୍ତ୍ତମାନ ଆମେ ଅନୁଧ୍ୟାନ କରିବା ବୀଜ ଫଳ ଉତ୍ପନ୍ନ କରିବାରୁ କେଉଁସବୁ ବିଷୟ ବାଧକ ହୋଇଥାନ୍ତି । ବୀଜରେ କୌଣସି ତ୍ରୁଟି ନ ଥାଏ । ବୀଜ ଈଶ୍ୱରଙ୍କ ବାକ୍ୟ ଅଟେ, ଏଣୁ ଏହା ସିଦ୍ଧ ଅଟେ । କିନ୍ତୁ ଅନେକ ବାହ୍ୟ ବିଷୟ ଫଳ ଉତ୍ପାଦନ କରିବା ପଥରେ ଅନ୍ତରାୟ ହୋଇଥାନ୍ତି ।

ଯେଉଁ ବାହ୍ୟ ବିଷୟଗୁଡ଼ିକ ଶସ୍ୟ ଅମଳର ପ୍ରତିରୋଧକ ଅଟନ୍ତି, ସେସବୁ ମଧ୍ୟରେ ରହିଛି ବାକ୍ୟ ନିମନ୍ତେ କ୍ଲେଶ ଓ ତାଡ଼ନା ଏବଂ ପରୀକ୍ଷା ସମୟ ।

## ବାକ୍ୟ ପ୍ରତି ବିରୋଧ ଘଟିଲେ ଅଟଳ ରୁହନ୍ତୁ

ବାକ୍ୟ ଶୁଣି ଗ୍ରହଣ କଲେ ବାକ୍ୟ ସକାଶେ କ୍ଲେଶ (କଠିନତା, ଚାପ), ତାଡ଼ନା (ମନୁଷ୍ୟଠାରୁ ବିରୋଧ), ଏବଂ ପରୀକ୍ଷା (ଦୁଃଖ କଷ୍ଟ, ପାପର ପ୍ରଲୋଭନ) ଆସିଥାଏ । ଯେଉଁ ବିଷୟରେ ଆମେ ବାକ୍ୟ ଶୁଣୁ ଓ ଗ୍ରହଣ କରୁ ସେହି କ୍ଷେତ୍ରରେ ହିଁ ବିରୋଧ ଆସିଥାଏ । ଅନେକ ସମୟରେ ଶୟତାନ ଈଶ୍ୱରଙ୍କ ବାକ୍ୟ ଉପରେ ସନ୍ଦେହ, ପ୍ରଶ୍ନ ଓ ସତ୍ୟକୁ ନେଇ ତର୍କବିତର୍କ ସୃଷ୍ଟି କରି ଭୟ ଓ ଅବିଶ୍ୱାସ ଜନ୍ମାଏ । କ୍ଲେଶ, ତାଡ଼ନା ବା ପରୀକ୍ଷା ଭଳି ବିରୋଧର ପ୍ରକୃତି ଓ ଉତ୍ସ ଯାହା ହେଉନା କାହିଁକି, ଆମେ ଗ୍ରହଣ କରିଥିବା ବାକ୍ୟରେ ବିଶ୍ୱାସ ରଖି ଦୃଢ଼ଭାବରେ ଠିଆ ହୋଇ ରହିବାକୁ ହେବ । ବାକ୍ୟରେ ଆମେ ଲାଗିରହିବା ଓ ଆମ ହୃଦୟରେ ଏହା ବଦ୍ଧମୂଳ ହେବାକୁ ଦେବା, ଯଦ୍ଦ୍ୱାରା ଏହା ଆମ ଜୀବନରେ ଫଳ ଉତ୍ପନ୍ନ କରିପାରିବ ।

ଉଦାହରଣସ୍ୱରୂପ, ସ୍ୱର୍ଗୀୟ ଆରୋଗ୍ୟଲାଭ ପ୍ରସଙ୍ଗରେ ଆମେ ବାକ୍ୟ ଶୁଣି ପାରୁ । ସ୍ୱର୍ଗୀୟ ଆରୋଗ୍ୟ ସମ୍ବନ୍ଧୀୟ ପ୍ରକାଶନ ଆମକୁ ଆନନ୍ଦ ଓ ଉଦ୍ଦୀପନାରେ ଭରିଦେବ । ଏହା ପରେ ଆମେ କୌଣସି ରୋଗରେ ପୀଡ଼ିତ ହୋଇପାରୁ । ତେବେ ଆମେ କ'ଣ କରିବା ? ଆମେ କ'ଣ ସ୍ୱର୍ଗୀୟ ଆରୋଗ୍ୟ ସମ୍ପର୍କିତ ବାକ୍ୟକୁ ପ୍ରତ୍ୟାଖ୍ୟାନ କରି କହିବା କି, "ଏହା ପ୍ରତ୍ୟେକଙ୍କ ନିମନ୍ତେ

ନୁହେଁ, ବା "ସ୍ୱର୍ଗୀୟ ଆରୋଗ୍ୟ କେବଳ ଆଦ୍ୟ ମଣ୍ଡଳୀ ସମୟରେ ହେଉଥିଲା, ବର୍ତ୍ତମାନ ତାହା ହେଉନାହିଁ," ବା ଅନ୍ୟକିଛି ଏହିପରି ଯୁକ୍ତି ? କିଅବା ଆମେ ଇଚ୍ଛାକୃତ ଭାବରେ ପ୍ରଭୁଙ୍କ ବାକ୍ୟ ନିକଟକୁ ଫେରିଆସିବା, ପୁନର୍ବାର ପଢ଼ିବା, ପୁନର୍ବାର ଶୁଣିବା, ଧ୍ୟାନ କରିବା, ଏବଂ ସ୍ୱର୍ଗୀୟ ଆରୋଗ୍ୟ ସମ୍ବନ୍ଧିତ ବାକ୍ୟଦ୍ୱାରା ଆମର ଆତ୍ମାକୁ ପରିପୁଷ୍ଟ କରିବା ? ପରବର୍ତ୍ତୀ ବିଷୟ କରିବା ଗୁରୁତ୍ୱପୂର୍ଣ୍ଣ, ଯେପରି କି ସ୍ୱର୍ଗୀୟ ଆରୋଗ୍ୟ ସମ୍ବନ୍ଧରେ ଶୁଣିଥିବା ବାକ୍ୟ ଆମ ମଧ୍ୟକୁ ଗଭୀର ଭାବରେ ପ୍ରବେଶ କରିବ ।

## ଈଶ୍ୱରଙ୍କ ବାକ୍ୟ ଆପଣଙ୍କଠାରେ ବଦ୍ଧମୂଳ ହେଉ

ବାକ୍ୟକୁ ଆମେ ଅତି ଆଗ୍ରହ, ଆନନ୍ଦ, ଓ ଉତ୍ତେଜନାର ସହିତ ଗ୍ରହଣ କରିପାରୁ । ତେବେ ଯେତେବେଳେ ଆମେ ଦୀର୍ଘ ଦିନ ଧରି ବାକ୍ୟରେ ସ୍ଥିର ହୋଇ ରହୁ, ବାକ୍ୟ ଆମ ଅନ୍ତରରେ ବଦ୍ଧମୂଳ ହୋଇ ରହିବ । ଯଦି ବାକ୍ୟ ଆମଠାରେ ବଦ୍ଧମୂଳ ହୋଇ ରହେ ନାହିଁ, ତେବେ ଆମେ ବାକ୍ୟରେ ଝୁଣ୍ଟି ପଡ଼ିବା (ବିଘ୍ନ ପାଇବା) ଏବଂ ବାକ୍ୟକୁ ପରିତ୍ୟାଗ କରିବା ।

ଆମ ମଧ୍ୟରେ ବାକ୍ୟ ବଦ୍ଧମୂଳ ହୋଇ ରହିବାକୁ ହେଲେ, ଆମେ ସର୍ବଦା ବାକ୍ୟରୂପ ଖାଦ୍ୟ ଭୋଜନ କରିବାକୁ ହେବ ଏବଂ ବାକ୍ୟର ପ୍ରକାଶନ ଦ୍ୱାରା ବଳବାନ ହେବାକୁ ହେବ । ଅନୁକୂଳ ସମୟରେ ଏହା ଆମେ ନିଶ୍ଚେ କରିବା ଉଚିତ, ଯେତେବେଳେ ବାକ୍ୟ ପ୍ରତି ପ୍ରକୃତ ପ୍ରତିରୋଧ ନ ଥାଏ । ସାଧାରଣତଃ, ଏକା ସମ୍ବାଦ ବା ସେହି ବାକ୍ୟ ପୁନର୍ବାର ଶୁଣିବାକୁ ଆମେ ପ୍ରାୟ ଆଗ୍ରହୀ ହୋଇ ନ ଥାଉ । କିନ୍ତୁ ଆମେ ବାକ୍ୟ ବାରମ୍ବାର ଶୁଣିବାକୁ ହେବ, ଯେପରି କି ତାହା ଆମ ମଧ୍ୟରେ ବଦ୍ଧମୂଳ ହୋଇ ରହିବ ଏବଂ ଆମେ ବାକ୍ୟ ଯୋଗୁଁ ବିରୋଧ ଆସିଲେ ଦୃଢ଼ରୂପେ ଠିଆ ହୋଇ ପାରିବା । ତେଣୁ କୁହାଯାଏ, *"ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ, ନୋହିଲେ କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ" (ଏବ୍ରୀ ୨:୧) ।*

ସବୁବେଳେ ଆପଣଙ୍କ ଆତ୍ମାକୁ ସତ୍ୟ ଓ ପାଉଥିବା ପ୍ରକାଶନ ଦ୍ୱାରା ପୋଷଣ କରନ୍ତୁ, ଯଦ୍ଦ୍ୱାରା ତାହା ଆପଣଙ୍କ ଅନ୍ତରରେ ବଦ୍ଧମୂଳ ହୋଇ ରହିବ । ଏହା ନିଶ୍ଚିତ କରିବ ଯେ ଦୁଃଖକଷ୍ଟ ସମୟରେ ଆପଣ ବାକ୍ୟକୁ ପରିତ୍ୟାଗ କରିବେ ନାହିଁ ।

# ୧୦. ଶସ୍ୟ ଅମଳର ପ୍ରତିରୋଧକ : ବାକ୍ୟକୁ ଚାପି ପକାଉଥିବା କଣ୍ଟାବୁଦାସବୁ

**ମାଥିଉ ୧୩:୨୨**
**ଯେ ବାକ୍ୟ ଶୁଣେ, ପୁଣି ସାଂସାରିକ ଚିନ୍ତା ଓ ଧନର ମାୟା ବାକ୍ୟକୁ ଚାପିପକାଏ, ଆଉ ସେ ଫଳହୀନ ହୁଏ, ସେହି ଜଣକ ବୁଣାଯାଇଥିବା କଣ୍ଟକମୟ ଭୂମି ସଦୃଶ ।**

**ମାର୍କ ୪:୧୮-୧୯**
**୧୮ ଆଉ ଯେଉଁମାନେ ବାକ୍ୟ ଶୁଣନ୍ତି, ପୁଣି ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପିପକାଏ ଓ ତାହା ଫଳହୀନ ହୁଏ,**
**୧୯ ସେହି ଅନ୍ୟ ପ୍ରକାର ଲୋକେ ବୁଣାଯାଇଥିବା କଣ୍ଟକମୟ ଭୂମି ସଦୃଶ ।**

**ଲୂକ ୮:୧୪**
**ଆଉ କଣ୍ଟାଗଛଗୁଡ଼ାକ ମଧ୍ୟରେ ଯାହା ପଡ଼ିଲା, ତାହା ଏହିପରି ଲୋକେ, ଯେଉଁମାନେ ଶୁଣି ସାଂସାରିକ ଚିନ୍ତା, ଧନ ଓ ସୁଖଭୋଗର ବଶବର୍ତ୍ତୀ ହୋଇ ଜୀବନଯାତ୍ରା କରୁ କରୁ ଚାପିହୋଇଯାଆନ୍ତି, ପୁଣି ପରିପକ୍ୱ ଫଳ ଉତ୍ପନ୍ନ କରନ୍ତି ନାହିଁ ।**

ପରବର୍ତ୍ତୀ ଶସ୍ୟ ଅମଳର ପ୍ରତିରୋଧକ, ବାକ୍ୟକୁ ଚାପିପକାଉଥିବା କଣ୍ଟାବୁଦାସବୁ ବୋଲି ଯୀଶୁ କହନ୍ତି । ଏହି କଣ୍ଟାବୁଦାସବୁ କହିଲେ ସାଂସାରିକ ଚିନ୍ତା, ଧନର ମାୟା, ଅନ୍ୟ ସମସ୍ତ ବିଷୟର ଲାଳସା, ଓ ସୁଖଭୋଗକୁ ବୁଝାଏ । ଏସବୁ ମଧ୍ୟରେ ଥିବା ସାଧାରଣ ବିଷୟ ହେଉଛି ଚିତ୍ତବିକ୍ଷେପ । ସେମାନେ ଈଶ୍ୱରଙ୍କ ବାକ୍ୟ ପ୍ରତି ମନୋଯୋଗୀ ନ ହୋଇ ଅନ୍ୟାନ୍ୟ ବିଷୟରେ ଚିନ୍ତିତ ହୋଇଥାନ୍ତି, ଧ୍ୟାନକେନ୍ଦ୍ରିତ କରିଥାନ୍ତି । ତେଣୁ ଏସବୁ କଣ୍ଟାବୁଦା ସଦୃଶ ଚାରାଗୁଡ଼ିକୁ ଏପରି ଚାପିପକାନ୍ତି ଯେ, ତାହା ଯଥେଷ୍ଟ ମାତ୍ରାରେ ଆଲୋକ, ଜଳ ଓ ପୁଷ୍ଟିକର ପଦାର୍ଥସବୁ ପାଏ ନାହିଁ, ଫଳରେ ମରିଯାଏ । ଏହା ଆମମାନଙ୍କ ପ୍ରତି ମଧ୍ୟ ଘଟେ । ଆମେମାନେ ଅନ୍ୟମନସ୍କ ହୋଇ ଅନ୍ୟାନ୍ୟ ବିଷୟରେ ବ୍ୟସ୍ତ ରହୁ ଏବଂ ଆମମାନଙ୍କ ହୃଦୟରେ ଥିବା ବାକ୍ୟର ସୁରକ୍ଷା ଓ ପାଳନ ପୋଷଣ କରିବାରେ ହେଳା କରିଥାଉ । ଶେଷରେ ବାକ୍ୟ ଆମମାନଙ୍କ ଜୀବନରେ ଉତ୍ପାଦନକ୍ଷମ ହୋଇପାରି ନ ଥାଏ ।

## ବାକ୍ୟକୁ ଚାପିପକାଉଥିବା କଣ୍ଟାବୁଦାସବୁ ପ୍ରତି ସାବଧାନ ରହନ୍ତୁ

ସାଂସାରିକ ଚିନ୍ତା, ଧନର ମାୟା, ଅନ୍ୟାନ୍ୟ ବିଷୟର ଲାଳସା ଓ ଜୀବନର ସୁଖଭୋଗସବୁଠାରୁ ଆମେ ଆମ ହୃଦୟକୁ ରକ୍ଷା କରିବା ଉଚିତ । ନିଶ୍ଚିତରୂପେ ଆମେ ସମସ୍ତେ ଚିନ୍ତାଗ୍ରସ୍ତ ହୋଇଥାଉ (ଯେଉଁସବୁ ଦାୟିତ୍ୱ ଆମେ ନିର୍ବାହ କରିବାକୁ ହେବ), ଧନର ପରିଚାଳନା କରିଥାଉ (ଅର୍ଥ, ବିତ୍ତ, ସମ୍ପଦ), ଅନ୍ୟାନ୍ୟ ବିଷୟରେ ଆଗ୍ରହୀ ହୋଇଥାଉ, ଏବଂ ବିଧିସଙ୍ଗତ ଆମୋଦ ପ୍ରମୋଦ (ଉତ୍ତମ ବିଷୟ) ଉପଭୋଗ କରିଥାଉ । ଆମେ ନିଶ୍ଚିତ କରିବା ଉଚିତ ଯେ ଆମର ହୃଦୟ ଏସବୁ ଦ୍ୱାରା ଈଶ୍ୱରଙ୍କ ବାକ୍ୟଠାରୁ ଯେପରି ଦୂରେଇ ନ ଯାଏ ।

କଣ୍ଟାବୁଦାସବୁ ପ୍ରତି ସାବଧାନ ରହିବା ପାଇଁ ଏଠାରେ କେତୋଟି ବ୍ୟାବହାରିକ ମାର୍ଗ ଦିଆଯାଇଛି:

୧) ଈଶ୍ୱରଙ୍କ ପ୍ରତି ଓ ତାହାଙ୍କ ବାକ୍ୟ ପ୍ରତି ଆପଣଙ୍କ ପ୍ରେମ ନିଶ୍ଚିତ କରନ୍ତୁ

୨) ଆପଣା ହୃଦୟକୁ ଅତି ଯତ୍ନରେ ରଖନ୍ତୁ

## ଈଶ୍ୱରଙ୍କ ପ୍ରତି ଓ ତାହାଙ୍କ ବାକ୍ୟ ପ୍ରତି ଆପଣଙ୍କ ପ୍ରେମ ନିଶ୍ଚିତ କରନ୍ତୁ

ଗୀତସଂହିତା ୧୧୯ ପର୍ବରେ ଗୀତରଚକ ଯେପରି ଈଶ୍ୱର ଓ ତାଙ୍କର ବାକ୍ୟ ପ୍ରତି ତାଙ୍କର ପ୍ରେମ ଓ ଅନୁରାଗ ନିଶ୍ଚିତ କରିଥିଲେ ଆମେମାନେ ମଧ୍ୟ ତାହା କରିବା ଉଚିତ । ଈଶ୍ୱରଙ୍କ ପ୍ରତି ଆମେ କିପରି ଆମର ପ୍ରେମ ନିଶ୍ଚିତ କରିବା ତାହା ନିମ୍ନ କେତୋଟି ଶାସ୍ତ୍ରାଂଶ ଆମକୁ ଶିକ୍ଷା ପ୍ରଦାନ କରିଥାଏ ।

**ଗୀତସଂହିତା ୧୧୯**
**୧୬ ମୁଁ ତୁମ୍ଭ ବିଧିସବୁରେ ଆନନ୍ଦ କରିବି; ମୁଁ ତୁମ୍ଭର ବାକ୍ୟ ପାସୋରିବି ନାହିଁ ।**
**୩୬ ଲୋଭ ପ୍ରତି ନୁହେଁ, ମାତ୍ର ତୁମ୍ଭ ପ୍ରମାଣ-ବାକ୍ୟ ପ୍ରତି ମୋ’ ଚିତ୍ତର ସ୍ନେହ ଜନ୍ମାଅ ।**
**୩୭ ଅସାର ଦର୍ଶନରୁ ମୋହର ଚକ୍ଷୁ ଫେରାଅ ଓ ତୁମ୍ଭ ପଥରେ ମୋତେ ସଚେତ କର ।**
**୪୭ ପୁଣି, ମୁଁ ତୁମ୍ଭର ଯେଉଁ ଆଜ୍ଞାସମୂହ ସ୍ନେହ କରିଅଛି, ତହିଁରେ ଆପଣାକୁ ଆନନ୍ଦିତ କରିବି ।**
**୭୨ ହଜାର ହଜାର ସୁନା ଓ ରୂପା ଅପେକ୍ଷା ତୁମ୍ଭ ମୁଖର ବ୍ୟବସ୍ଥା ମୋ’ ପ୍ରତି ଉତ୍ତମ ।**
**୯୭ ମୁଁ ତୁମ୍ଭର ବ୍ୟବସ୍ଥାକୁ କିପରି ପ୍ରିୟ ମଣେ । ତାହା ଦିନଯାକ ମୋହର ଧ୍ୟାନ ।**
**୧୨୭ ଏହେତୁ ମୁଁ ସୁବର୍ଣ୍ଣ ଓ ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା ତୁମ୍ଭ ଆଜ୍ଞାସମୂହକୁ ସ୍ନେହ କରେ ।**
**୧୬୨ କେହି ପ୍ରଚୁର ଲୁଟଧନ ପାଇବା ପରି ମୁଁ ତୁମ୍ଭ ବାକ୍ୟରେ ଆନନ୍ଦ କରେ ।**

## ଆପଣା ହୃଦୟକୁ ଅତି ଯତ୍ନରେ ରଖନ୍ତୁ

ଆମ ହୃଦୟ କେଉଁସବୁ ବିଷୟ ଭଲପାଉଛି ଓ କେଉଁସବୁ ବିଷୟ ପାଇଁ ଏହା ଲାଳାୟିତ ଏବିଷୟରେ ଆମେ ସର୍ବଦା ସଜାଗ ରହିବା ଆବଶ୍ୟକ । ଆମେ କେଉଁସବୁ ବିଷୟରେ ଆଗ୍ରହୀ, କେଉଁସବୁ ବିଷୟ ଆମକୁ ଆକର୍ଷିତ କରୁଛି ସେସବୁକୁ ସମୀକ୍ଷା କରିବାକୁ ହେବ । ଯଦି ଆମେ ମନେକରୁଛୁ ଯେ ଆମେ ଆମର ଆଦ୍ୟପ୍ରେମ ପରିତ୍ୟାଗ କରିଛୁ, ତେବେ ଆମେ ଆମର ପାପସ୍ୱୀକାର କରିବା ଓ ପ୍ରଭୁଙ୍କଠାରେ ନିବେଦନ କରିବା ଯେପରି କି ସେ ଆମର ହୃଦୟକୁ ତାହାଙ୍କ ପ୍ରତି ଫେରାଇ ଆଣନ୍ତି । ଆମେ ନିଶ୍ଚିତ କରିବା ଆବଶ୍ୟକ ଯେ ଆମେ ସ୍ୱେଚ୍ଛାକୃତ ଓ ବ୍ୟାବହାରିକ ଭାବରେ ଈଶ୍ୱରଙ୍କ ଅନ୍ୱେଷଣ କରିବା ଓ ତାହାଙ୍କୁ ଆମ ଜୀବନରେ ପ୍ରଥମ ସ୍ଥାନ ଦେବା (ମାଥିଉ *୬*:୩୩) । ସମୟ ଓ ସ୍ଥାନ ଦେଇ ଉପାସନା, ପ୍ରାର୍ଥନା ଓ ତାହାଙ୍କ ବାକ୍ୟ ମାଧ୍ୟମରେ ଆମେ ଈଶ୍ୱରଙ୍କ ସାନ୍ନିଧ୍ୟରେ ବାସ କରିବା । *“ଧନ ବଢ଼ିଲେ ତହିଁରେ ମନ ଦିଅ ନାହିଁ” (ଗୀତସଂହିତା ୬୨:୧୦ଖ) ।*

# ୧୧. ତିନୋଟି କଞ୍ଚି : ବୁଝିବା, ଗ୍ରହଣ କରିବା, ଧରି ରଖିବା

ପ୍ରଭୁ ଯୀଶୁ ଆମ ନିକଟରେ ପ୍ରକାଶ କରିଛନ୍ତି କିପରି ବାକ୍ୟ ବୀଜ ଆମ ଜୀବନରେ ଉତ୍ପାଦନକ୍ଷମ ହୋଇଥାଏ । ତିନି ସୁସମାଚାର ଏହି ଦୃଷ୍ଟାନ୍ତକୁ ଯେପରି ଭାବରେ ଲିପିବଦ୍ଧ କରିଛନ୍ତି ସେଥିରୁ ଆମେ ଶିକ୍ଷା କରୁ ଯେ ଯେତେବେଳେ ଆମେ ବୁଝୁ (ମାଥିଉ ୧୩:୨୩), ଗ୍ରହଣ କରୁ (ମାର୍କ ୪:୨୦) ଓ ଆମ ହୃଦୟରେ ଧରି ରଖୁ (ଲୂକ ୮:୧୫), ଆମେ ଆମ ଜୀବନରେ ଫଳ ଉତ୍ପାଦନ କରୁ ।

## ବୁଝିବା

**ମାଥିଉ ୧୩:୨୩**
**କିନ୍ତୁ ଯେ ବାକ୍ୟ ଶୁଣି ବୁଝେ ଓ ପ୍ରକୃତରେ ଫଳ ଫଳେ, କେହି ଶଏ ଗୁଣ, କେହି ଷାଠିଏ ଗୁଣ, କେହି ତିରିଶ ଗୁଣ, ସେହି ଜଣକ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ ।**

ଆତ୍ମିକ ସତ୍ୟକୁ ବୁଝିବା ଓ ପ୍ରକାଶନ ଗ୍ରହଣ କରିବା ବିଷୟରେ ଆମେ ପୂର୍ବ ଏକ ଅଧ୍ୟାୟରେ ଆଲୋଚନା କରିଛୁ । ଆମମାନଙ୍କ ହୃଦୟରେ ପ୍ରଗତିଶୀଳ ଭାବରେ ଆତ୍ମିକ ସତ୍ୟ ପ୍ରକାଶିତ ହୋଇଥାଏ । ପବିତ୍ର ଆତ୍ମା ଯେତେବେଳେ ଆମ ହୃଦୟରେ ଅଧିକ ଆଲୋକ ପ୍ରଦାନ କରନ୍ତି କ୍ରମଶଃ ଆମେ ଆତ୍ମିକ ସତ୍ୟକୁ ସ୍ପଷ୍ଟତର ଭାବରେ ଦେଖିପାରୁ । ଈଶ୍ୱରଙ୍କ ବାକ୍ୟରେ ଯେଉଁସବୁ ସତ୍ୟ ପ୍ରକାଶିତ ହୋଇଛି ସେସବୁର ବିଭିନ୍ନ କ୍ଷେତ୍ର ଉପରେ ଆମେ ପ୍ରକାଶନ ପାଇ ଚାଲିବା ଉଚିତ । ଆମେମାନେ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବୃଦ୍ଧି ପାଇବାକୁ ହେବ (କଲସୀୟ ୧:୧୦), ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି ପାଇବାକୁ ହେବ (୨ପିତର ୩:୧୮), ଜ୍ଞାନ ପ୍ରାପ୍ତି ନିମନ୍ତେ ନୂତନୀକୃତ ହେବାକୁ ହେବ (କଲସୀୟ ୩:୧୦), ଖ୍ରୀଷ୍ଟଙ୍କ ପ୍ରେମକୁ ଜ୍ଞାତ ହେବାକୁ ଓ ବୁଝିବାକୁ ହେବ (ଏଫିସୀୟ ୩:୧୮-୧୯) ଏବଂ ଈଶ୍ୱରଙ୍କ ପୁତ୍ରଙ୍କ ଜ୍ଞାନ ପ୍ରାପ୍ତ ହେବାକୁ ହେବ (ଏଫିସୀୟ ୪:୧୩) । ଆମର ଆତ୍ମିକ ଯାତ୍ରାରେ ଆମେ ଈଶ୍ୱରଙ୍କ ପ୍ରକାଶନରେ, ତାଙ୍କର ଉଦ୍ଦେଶ୍ୟରେ, ସେ ଆମକୁ ଯେଉଁ ଉତ୍ତରାଧିକାର ଦେଇଛନ୍ତି ଏବଂ ଆମକୁ ଯେଉଁ ଶକ୍ତି ଉପଲବ୍ଧ କରାଇଛନ୍ତି ତହିଁରେ ନିରନ୍ତର ବୃଦ୍ଧି ପାଇବାକୁ ହେବ ।

ତେଣୁ, ଈଶ୍ୱରଙ୍କ ବାକ୍ୟ ଶୁଣି ଚାଲନ୍ତୁ । ବାକ୍ୟ ଧ୍ୟାନ କରି ଚାଲନ୍ତୁ । ଧର୍ମଶାସ୍ତ୍ର ଅଧ୍ୟୟନ କରି ଚାଲନ୍ତୁ । ଖ୍ରୀଷ୍ଟୀୟ ବିଶ୍ୱାସ ଓ ଯାତ୍ରାର ସମସ୍ତ କ୍ଷେତ୍ରରେ ପ୍ରକାଶନ ଓ ନୂତନ ଅନ୍ତର୍ଦୃଷ୍ଟି ପାଇ ଚାଲନ୍ତୁ । ଗୀତରଚକଙ୍କ ପରି ଆମେ ସବୁବେଳେ ପ୍ରାର୍ଥନା କରିବା, *"ତୁମ୍ଭେ ମୋହର ଚକ୍ଷୁ ପ୍ରସନ୍ନ କର, ତହିଁରେ ମୁଁ ତୁମ୍ଭ ବ୍ୟବସ୍ଥାରୁ ଆଶ୍ଚର୍ଯ୍ୟ ବିଷୟମାନ ଦେଖି ପାରିବି" (ଗୀତସଂହିତା ୧୧୯:୧୮) ।*

## ଗ୍ରହଣ କରିବା

**ମାର୍କ ୪:୨୦**
**ଆଉ, ଯେଉଁମାନେ ବାକ୍ୟ ଶୁଣି ତାହା ଗ୍ରହଣ କରନ୍ତି ଏବଂ ତିରିଶ୍ ଗୁଣ, ଷାଠିଏ ଗୁଣ ଓ ଶଏ ଗୁଣ ଫଳ ଫଳନ୍ତି, ସେମାନେ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ ।**

ଆମ ହୃଦୟରେ ଈଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବାକୁ ହେଲେ ଏହାକୁ ଆମେ ଗ୍ରହଣ କରିବାକୁ ହେବ । ଆମମାନଙ୍କ ହୃଦୟରେ ଓ ଜୀବନରେ ବାକ୍ୟ କାର୍ଯ୍ୟ କରିବାକୁ ହେଲେ ବାକ୍ୟକୁ ଆମେ ସମ୍ପୂର୍ଣ୍ଣ ହୃଦୟରେ ବିଶ୍ୱାସ କରିବାକୁ ହେବ । ଯେପରି କୁହାଯାଏ; *"କାରଣ ସେମାନଙ୍କ ନିକଟରେ ଯେପରି, ଆମ୍ଭମାନଙ୍କ ନିକଟରେ ମଧ୍ୟ ସେହିପରି ସୁସମାଚାର ପ୍ରଚାରିତ ହୋଇଅଛି, କିନ୍ତୁ ଶ୍ରୋତାମାନେ ବିଶ୍ୱାସ ଦ୍ୱାରା ଶ୍ରୁତ ବାକ୍ୟ ନିଜସ୍ୱ ନ କରିବାରୁ ତାହା ସେମାନଙ୍କ ପକ୍ଷରେ ଲାଭଜନକ ହେଲାନାହିଁ"* (ଏବ୍ରୀ ୪:୨) । ବାକ୍ୟ ସଙ୍ଗେ ବିଶ୍ୱାସ ଯୋଗ ନ କଲେ (ବାକ୍ୟକୁ ବିଶ୍ୱାସ କରିବା) ବାକ୍ୟ ଆମ ନିମନ୍ତେ ଲାଭଜନକ ହେବ ନାହିଁ । ଅନ୍ୟ ପକ୍ଷରେ, ବାକ୍ୟକୁ ବିଶ୍ୱାସ କଲେ ଏହା ଆମ ଜୀବନରେ ଫଳ ଫଳିବ ଓ ସଫଳ ହେବ । *"ଯେ ବିଶ୍ୱାସ କରେ, ସେ ଧନ୍ୟ, କାରଣ ପ୍ରଭୁଙ୍କଠାରୁ ତାଙ୍କୁ ଯାହା ଯାହା କୁହାଯାଇଛି, ସେହିସବୁ ସଫଳ ହେବ" (ଲୂକ ୧:୪୫) ।*

ଯେପରି ଆମେ ଆଗରୁ ବି ଉଲ୍ଲେଖ କରିଛୁ, ଶୟତାନ ଓ ତା'ର ପୈଶାଚିକ ଶକ୍ତି ଆମ ମଧ୍ୟରେ ସନ୍ଦେହ, ଅବିଶ୍ୱାସ, ଭୟ, ଇତ୍ୟାଦି ସୃଷ୍ଟି କରି ବାକ୍ୟକୁ ବିଶ୍ୱାସ କରିବାରୁ ଆମକୁ ରୋକିବାକୁ ଯଥାସାଧ୍ୟ ଉଦ୍ୟମ କରନ୍ତି । କିନ୍ତୁ ଆମେ ବିଶ୍ୱାସରେ ଦୃଢ଼ ରହିବାକୁ ହେବ । ବାକ୍ୟରେ ବିଶ୍ୱାସ କରି ଚାଲନ୍ତୁ । ତାଙ୍କର ବାକ୍ୟ ସତ୍ୟ ଅଟେ (ଯୋହନ ୧୭:୧୭) ।

## ଧରି ରଖିବା

**ଲୂକ ୮:୧୫**
**ଆଉ, ଉତ୍ତମ ଭୂମିରେ ଯାହା ପଡ଼ିଲା, ତାହା ଏପରି ଲୋକେ, ଯେଉଁମାନେ ଉତ୍ତମ ଓ ସରଳ ହୃଦୟରେ ବାକ୍ୟ ଶୁଣି ତାହା ଧରି ରଖନ୍ତି ଏବଂ ଧୈର୍ଯ୍ୟ ସହକାରେ ଫଳ ଫଳନ୍ତି ।**

ଉପରୋକ୍ତ ଶାସ୍ତ୍ରାଂଶରେ ବ୍ୟବହୃତ ଶବ୍ଦ "ଧରି ରଖିବା"ର ଗ୍ରୀକ୍ ପ୍ରତିଶବ୍ଦର ଭାବାର୍ଥ ଦୃଢ଼ରୂପେ ଧରି ରଖିବା, ବିଶ୍ୱସ୍ତ ରହିବା, ଜାବୁଡ଼ି ଧରିବା । ତେଣୁ ଆମ ପ୍ରତି ଯାହା ଘଟିଲେ ବି ଧୈର୍ଯ୍ୟ ସହକାରେ ଆମେ ବାକ୍ୟକୁ ଧରି ରଖିବାକୁ ହେବ । ଏହି ବାକ୍ୟ ଆମ ଜୀବନରେ ଫଳ ଉତ୍ପାଦନ କରିବ ।

ଏହି ତିନୋଟି କଞ୍ଜି: ବାକ୍ୟକୁ ବୁଝିବା, ବାକ୍ୟକୁ ଗ୍ରହଣ କରିବା, ଓ ବାକ୍ୟକୁ ଧରି ରଖିବା, ଆମ ଜୀବନରେ ଫଳ ଫଳିବା ନିମନ୍ତେ ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରଥମେ, ବାକ୍ୟଧ୍ୟାନ ଓ ଗ୍ରହଣ କରିବା ଦ୍ୱାରା ଆମେ କମ୍ ଫଳ (୩୦ ଗୁଣ) ଫଳିଥାଉ । ତେବେ ଆମେ ଏଥିରେ ଲାଗି ରହିବା ଓ ବାକ୍ୟରେ ସ୍ଥିର ରହିବା । ପ୍ରକାଶନ ଗ୍ରହଣ, ବାକ୍ୟରେ ବିଶ୍ୱାସ, ବାକ୍ୟ ପାଳନ କରି ଚାଲିବା । ତା' ହେଲେ ଦେଖିବା, ଆମେ ୬୦ ଗୁଣ ଓ ୧୦୦ ଗୁଣ ଫଳ ଫଳିବା ।

## ବାକ୍ୟାନୁଯାୟୀ ଜୀବନ ଯାପନ କରନ୍ତୁ

**ଯାକୁବ ୧:୨୨, ୨୫**
**୨୨ କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ ।**
**୨୫ କିନ୍ତୁ ଯେ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତାମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ, ସେ ଆପଣା କାର୍ଯ୍ୟରେ ଧନ୍ୟ ।**

ଶେଷରେ, ଈଶ୍ୱରଙ୍କ ବାକ୍ୟର ପ୍ରକାଶନ ଗ୍ରହଣ କରିବାର ଉଦ୍ଦେଶ୍ୟ ଆମ ମନର ନୂତନୀକରଣ, ଓ ଆମ ଜୀବନର ପରିବର୍ତ୍ତନ (ରୋମୀୟ ୧୨:୨) । ଯେଉଁ ଆତ୍ମିକ ସତ୍ୟସମୂହ ଆମ ନିକଟରେ ପ୍ରକାଶିତ ହୋଇଛି, ତଦ୍ୱାରା ଆମର ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଉଚିତ । ଆମର ଚିନ୍ତାଧାରା, ଆମର ଯୁକ୍ତିତର୍କ ଏବଂ ଆମର ଦୃଢ଼ ବିଶ୍ୱାସସବୁ ଆମେ ପାଇଥିବା ଆତ୍ମିକ ବୋଧ ଦ୍ୱାରା ପ୍ରଭାବିତ ଓ ବ୍ୟବସ୍ଥିତ ହେବା ଉଚିତ । ଏହି ପ୍ରକ୍ରିୟାକୁ ମନର ନୂତନୀକରଣ କୁହାଯାଏ । ଏହା ଘଟିଲେ, ଈଶ୍ୱରଙ୍କ ବାକ୍ୟରୁ ପ୍ରାପ୍ତ ପ୍ରକାଶନ ଅନୁସାରେ ଆମେ ସୁସଙ୍ଗତ ଜୀବନ ଯାପନ କରିପାରିବା ।

ଆମମାନଙ୍କୁ ଧର୍ମଶାସ୍ତ୍ର ଦେବା ପଛରେ ଈଶ୍ୱରଙ୍କର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ହେଲା ଆମେ ସର୍ବଦା ତଦନୁଯାୟୀ ଜୀବନ ଯାପନ କରିବା ଆବଶ୍ୟକ । ତାହାଙ୍କର ବାକ୍ୟକୁ ବୁଝିବାରେ ସାହାଯ୍ୟ କରିବା ପାଇଁ ସେ ଆମକୁ ତାଙ୍କର ଆତ୍ମାଙ୍କୁ ଦେଇଛନ୍ତି । ତେବେ ବାକ୍ୟର ପ୍ରକାଶନ କେବଳ ଲାଭ କରିବା ଯଥେଷ୍ଟ ନୁହେଁ । ଏହା ଦ୍ୱାରା ତାଙ୍କର ପ୍ରତିଜ୍ଞାସବୁର ପୂରା ଆଶୀର୍ବାଦ ଆମେ ପାଇପାରିବା ନାହିଁ । ଏଥିପାଇଁ ଜଣେ ବ୍ୟକ୍ତି ପ୍ରକାଶନକୁ କାର୍ଯ୍ୟରେ ପରିଣତ କରିବା ଉଚିତ, ତଦ୍ୱାରା ସେ ଈଶ୍ୱରଙ୍କ ପ୍ରତିଜ୍ଞାର ନିଧି ପ୍ରାପ୍ତ ହେବ । ଆମର ଆହ୍ୱାନ ଏହି ଯେ ଆପଣ ପବିତ୍ର ଆତ୍ମାଙ୍କ ଉପରେ ନିର୍ଭର କରନ୍ତୁ ଓ ଧର୍ମଶାସ୍ତ୍ରର ଅନ୍ତର୍ଦୃଷ୍ଟିସମୂହ ପାଆନ୍ତୁ । ଏହାପରେ, ପ୍ରାପ୍ତ ପ୍ରକାଶନ ଅନୁସାରେ ମନର ନୂତନୀକରଣ କରନ୍ତୁ । ଏବଂ ପ୍ରକାଶନକୁ ଦୈନନ୍ଦିନ ଜୀବନ ଯାପନରେ ଶୃଙ୍ଖଳିତ କାର୍ଯ୍ୟରେ ପରିଣତ କରନ୍ତୁ । ତା' ହେଲେ ଆପଣ ଏପରି ଜଣେ ବ୍ୟକ୍ତି ହେବେ, ଆପଣ ଯାହା କରିବେ ସେଥିରେ କୃତକାର୍ଯ୍ୟ ହେବେ (ଗୀତସଂହିତା ୧:୩) ।

### ସ୍ଥାୟୀ ବାକ୍ୟ

ଆମମାନଙ୍କଠାରେ ବାକ୍ୟ ରହିବା ଓ ଆମେ ତାହାଙ୍କ ବାକ୍ୟରେ ସ୍ଥିର ରହିବାର ଗୁରୁତ୍ୱ ସମ୍ପର୍କରେ ପ୍ରେରିତ ଯୋହନ ଲେଖିଛନ୍ତି । ରହିବାର ଅର୍ଥ ବାସ କରିବା, ପାଳନ କରିବା, ସ୍ଥିର ରହିବା । ଏହାର ଅର୍ଥ ବାକ୍ୟକୁ ଧାରଣ କରିବା ଓ ସୁସଙ୍ଗତ ଭାବରେ ବାକ୍ୟାନୁଯାୟୀ ଜୀବନ ଯାପନ କରିବା । ଯୀଶୁ ଆମକୁ ଶିକ୍ଷା ଦେଇଛନ୍ତି ଯେ ଯଦି ଆମେ ତାହାଙ୍କ ବାକ୍ୟରେ ସ୍ଥିର ରହିବା, ତେବେ ତାହା ଆମେ ତାହାଙ୍କର ଶିଷ୍ୟ ହେବାର ଅଭିବ୍ୟକ୍ତି ବା ପ୍ରମାଣ । ଏହାଦ୍ୱାରା ଆମେମାନେ ସତ୍ୟ ଜ୍ଞାତ ହେବା ଓ ସେହି ସତ୍ୟ ଆମମାନଙ୍କୁ ମୁକ୍ତ କରିବ ଓ ପରିବର୍ତ୍ତନ କରିବ (ଯୋହନ ୮:୩୧-୩୨) । ତାହାଙ୍କ ବାକ୍ୟରେ ସ୍ଥିର ରହିବା ଦ୍ୱାରା ତାଙ୍କ ପ୍ରତି ଆମେ ଆମର ପ୍ରେମ ପ୍ରକାଶ କରିଥାଉ । ତାହାଙ୍କ ବାକ୍ୟ ଯେଉଁମାନେ ପାଳନ କରନ୍ତି ସେମାନଙ୍କ ନିକଟରେ ସେ ନିଜକୁ ଅଧିକରୂପେ ପ୍ରକାଶ କରିଥାନ୍ତି । ଆମେ ତାଙ୍କ ବାକ୍ୟରେ ସ୍ଥିର ରହିଲେ ତାଙ୍କର ଉପସ୍ଥିତିକୁ ଆମେ ଅନୁଭବ କରିପାରିବା (ଯୋହନ ୧୪:୨୧,୨୩) । ତାହାଙ୍କଠାରେ ଆମେ ରହିବା ଓ ଆମଠାରେ ତାହାଙ୍କ ବାକ୍ୟ ରହିବା ଦ୍ୱାରା ପ୍ରାର୍ଥନାର ଉତ୍ତର

ନିଶ୍ଚେ ମିଳିଥାଏ । ଯୀଶୁ କହନ୍ତି, *"ଯଦି ତୁମ୍ଭେମାନେ ମୋ'ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କଠାରେ ରୁହେ, ତାହା ହେଲେ ଯେ କୌଣସି ବିଷୟ ଇଚ୍ଛା କର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ" (ଯୋହନ ୧୫:୭) ।* ଆଗରୁ ମଧ୍ୟ ଆମେ ଆଲୋଚନା କରିଛୁ ଯେ, ତାହାଙ୍କ ସ୍ଥାୟୀ ବାକ୍ୟ ଦ୍ୱାରା ଆମେ ଶୟତାନ ଉପରେ ଜୟଲାଭ କରିଥାଉ । *"ହେ ଯୁବକମାନେ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, କାରଣ ତୁମ୍ଭେମାନେ ବଳବାନ୍, ପୁଣି ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ ଅଛି ଓ ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ" (୧ଯୋହନ ୨:୧୪) ।*

## ଆପଣ ଈଶ୍ୱରଙ୍କ ଉଦ୍ୟାନ

ଶେଷରେ, ଆମେ ନିଜ ନିଜକୁ ଈଶ୍ୱରଙ୍କ ଉଦ୍ୟାନ ଭାବରେ ଦେଖିବା ଉଚିତ । ଈଶ୍ୱର ଆମକୁ ତାହାଙ୍କ ବାକ୍ୟ ଦେଇଛନ୍ତି ଯହିଁରେ ଅଲୌକିକ ବୀଜସବୁ ରହିଛି । ସେ ଚାହାନ୍ତି ସେସବୁକୁ ଆମେ ଆମର ହୃଦୟ ଓ ଜୀବନରେ ବପନ କରିବା । ଏହି ବୀଜଗୁଡ଼ିକ ମଧ୍ୟରେ ରହିଛି ଆଶୀର୍ବାଦ, ସମୃଦ୍ଧି, ଶାନ୍ତି, ପ୍ରେମ, ପବିତ୍ରତା, ଶୁଦ୍ଧତା, ଶକ୍ତି ଓ ଆହୁରି ଅଧିକ କିଛିର ବୀଜ ଯାହା ଆମ ଜୀବନରେ ଏସବୁ ଉତ୍ପନ୍ନ କରିପାରିବ । ଆସନ୍ତୁ ଆମେ ଆମ ହୃଦୟରେ ଓ ଜୀବନରେ ବାକ୍ୟରୂପ ବୀଜ ବପନ କରିବାର ଶୃଙ୍ଖଳାକୁ ବିକଶିତ କରିବା ଏବଂ ଈଶ୍ୱର ଯେପରି ତାଙ୍କର ବାକ୍ୟର ଶକ୍ତିଦ୍ୱାରା ଆମମାନଙ୍କ ଜୀବନରେ ତାଙ୍କର ଇଚ୍ଛା ଓ ଉଦ୍ଦେଶ୍ୟ ପୂରଣ କରିବେ ସେଥିପାଇଁ ତାଙ୍କୁ ସୁଯୋଗ ଦେବା ।

# ୧୨. ବାକ୍ୟ ବୀଜସକଳ

ଏଠାରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ସଂଗୃହିତ ଶାସ୍ତ୍ରାଂଶସମୂହ ଦିଆଯାଇଛି । ଏଥିରେ ଆପଣ ଅନ୍ୟାନ୍ୟ ଶାସ୍ତ୍ରାଂଶ ଯୋଗ କରିପାରନ୍ତି ଏବଂ ଆପଣଙ୍କ ନିମନ୍ତେ ଯେଉଁସବୁ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ସେଥିରେ ଶାସ୍ତ୍ରାଂଶଗୁଡ଼ିକ ମିଶାଇ ଏକତ୍ର କରିପାରନ୍ତି । ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ଆପଣ ଶୀଘ୍ର ଖୋଜି ପାଇ ପାରିବେ । ଈଶ୍ୱରଙ୍କ ବାକ୍ୟକୁ ବାରମ୍ୱାର ଧ୍ୟାନ କରନ୍ତୁ ।

### ଦୂତଙ୍କ ଦ୍ୱାରା ସୁରକ୍ଷା

ଗୀତସଂହିତା ୩୪:୭; ଗୀତସଂହିତା ୯୧:୧୧-୧୨; ଗୀତସଂହିତା ୧୦୩:୨୦; ଦାନିୟେଲ ୬:୨୨; ମାଥିଉ ୧୮:୧୦; ଲୂକ ୨୨:୪୧-୪୩; ପ୍ରେରିତ ୫:୧୯-୨୦; ପ୍ରେରିତ ୮:୨୬; ପ୍ରେରିତ ୧୨:୭-୧୧; ପ୍ରେରିତ ୨୭:୨୩-୨୪; ଏବ୍ରୀ ୧:୧୪

### ଅଭିଷେକ

ଯାତ୍ରାପୁସ୍ତକ ୩୦:୨୫-୩୩; ୧ଶାମୁୟେଲ ୨୪:୬; ୧ବଂଶାବଳୀ ୧୬:୨୧-୨୨; ଗୀତସଂହିତା ୨୮:୮; ଗୀତସଂହିତା ୪୫:୭; ଗୀତସଂହିତା ୯୨:୧୦; ଯିଶାଇୟ ୧୦:୨୭; ଯିଶାଇୟ ୬୧:୧-୩; ମୀଖା ୩:୮; ଯିଖରିୟ ୪:୬-୭; ମାଥିଉ ୧୨:୨୮; ଲୂକ ୧:୩୫; ଲୂକ ୪:୧୮-୧୯; ଲୂକ ୪:୧୪; ଲୂକ ୫:୧୭; ଲୂକ ୬:୧୯; ଲୂକ ୮:୪୩-୪୮; ଲୂକ ୨୪:୪୯; ଯୋହନ ୭:୩୭-୩୯; ପ୍ରେରିତ ୧:୮; ପ୍ରେରିତ ୪:୩୩; ପ୍ରେରିତ ୫:୧୨-୧୬; ପ୍ରେରିତ ୬:୮; ପ୍ରେରିତ ୧୦:୩୮; ରୋମୀୟ ୧:୩-୪; ରୋମୀୟ ୧୫:୧୩; ରୋମୀୟ ୧୫:୧୮-୧୯; ୧କରିନ୍ଥୀୟ ୨:୪-୫; ୧କରିନ୍ଥୀୟ ୫:୪; ୨କରିନ୍ଥୀୟ ୧:୨୧-୨୨; ଏଫିସୀୟ ୧:୧୯-୨୦; ଏଫିସୀୟ ୩:୧୬; ଏଫିସୀୟ ୩:୨୦-୨୧; ୧ଥେସଲନୀକୀୟ ୧:୫; ୨ତୀମଥି ୧:୭; ଏବ୍ରୀ ୨:୩-୪; ୧ଯୋହନ ୨:୨୦; ୧ଯୋହନ ୨:୨୭

### ପ୍ରାର୍ଥନାର ଉତ୍ତର

ଗୀତସଂହିତା ୩୭:୪; ଗୀତସଂହିତା ୬୫:୨; ଗୀତସଂହିତା ୮୪:୧୧; ହିତୋପଦେଶ ୧୦:୨୪; ହିତୋପଦେଶ୧୫:୨୯ଖ; ମାଥିଉ ୭:୭-୧୧; ମାଥିଉ ୧୮:୧୮-୨୦; ମାଥିଉ ୨୧:୨୨; ମାର୍କ ୧୧:୨୨-୨୪; ଲୂକ ୧୮:୧; ଯୋହନ ୧୪:୧୩-୧୪; ଯୋହନ ୧୫:୭; ଯୋହନ ୧୬:୨୩-୨୪; ଫିଲିପ୍ପୀୟ ୪:୬-୭; ଯାକୁବ ୧:୫-୭; ଯାକୁବ ୫:୧୪-୧୬; ୧ପିତର ୩:୧୨; ୧ଯୋହନ ୩:୨୧-୨୨; ୧ଯୋହନ ୫:୧୪-୧୫

### ଈଶ୍ୱରଦତ୍ତ ଅସ୍ତ୍ରଶସ୍ତ୍ର

ରୋମୀୟ ୧୩:୧୨-୧୪; ୨କରିନ୍ଥୀୟ ୬:୩-୭; ୨କରିନ୍ଥୀୟ ୧୦:୩-୫; ଏଫିସୀୟ ୬:୧୦-୧୮; ୧ତୀମଥି ୧:୧୮

## ଉଦରସ୍ଥ ଶିଶୁ

ଆଦିପୁସ୍ତକ ୨୦:୧୭-୧୮; ଯାତ୍ରାପୁସ୍ତକ ୨୩:୨୫-୨୬; ଦ୍ୱି.ବିବରଣ ୭:୧୨-୧୫; ଦ୍ୱି.ବିବରଣ ୨୮:୪; ଆୟୁବ ୩୧:୧୫; ଗୀତସଂହିତା ୮:୨; ଗୀତସଂହିତା ୭୧:୫-୭; ଗୀତସଂହିତା ୧୧୩:୯; ଗୀତସଂହିତା ୧୧୯:୭୩; ଗୀତସଂହିତା ୧୩୮:୮; ଗୀତସଂହିତା ୧୩୯:୧୩-୧୭; ଯିଶାଇୟ ୬୬:୯; ଯିରିମିୟ ୧:୫; ଗାଲାତୀୟ ୧:୧୫-୧୬

## ବିଶ୍ୱାସୀର ଅଧିକାର

ମାଥିଉ ୧୦:୧,୭-୮; ମାଥିଉ ୨୮:୧୮-୨୦; ମାଥିଉ ୧୬:୧୮-୧୯; ମାର୍କ ୩:୧୪-୧୫; ମାର୍କ ୯:୩୮-୪୦; ମାର୍କ ୧୬:୧୭-୧୮; ଲୂକ ୧୦:୧୭-୨୦; ପ୍ରେରିତ ୩:୬-୯,୧୬; ପ୍ରେରିତ ୪:୯-୧୦; ପ୍ରେରିତ ୧୬:୧୬-୧୮; ଏଫିସୀୟ ୨:୪-୬; ଫିଲିପ୍ପୀୟ ୨:୯-୧୧

## ଆଶୀର୍ବାଦ ଓ ଆଶୀର୍ବାଦ ପ୍ରାପ୍ତ ହେବା

ଆଦିପୁସ୍ତକ ୧୨:୧-୩; ଆଦିପୁସ୍ତକ ୧୭:୭; ଆଦିପୁସ୍ତକ ୨୨:୧୭-୧୮; ଆଦିପୁସ୍ତକ ୨୪:୧,୩୫; ଆଦିପୁସ୍ତକ ୨୬:୧୨-୧୪; ଗଣନାପୁସ୍ତକ ୬:୨୩-୨୭; ଦ୍ୱି.ବିବରଣ ୨୮:୧-୧୪; ଗୀତସଂହିତା ୧୦୩:୧-୬; ଗୀତସଂହିତା ୧୧୨:୧-୧୦; ଗୀତସଂହିତା ୧୨୮:୧-୬; ହିତୋପଦେଶ ୧୦:୨୨; ଗାଲାତୀୟ ୩:୯,୧୩-୧୪,୨୯; ଏଫିସୀୟ ୧:୩; ଏବ୍ରୀ ୮:୬

## ଯୀଶୁଙ୍କ ରକ୍ତ

ଯାତ୍ରାପୁସ୍ତକ ୧୨:୧୩,୨୩; ଯାତ୍ରାପୁସ୍ତକ ୨୪:୮; ଲେବୀୟପୁସ୍ତକ ୧୭:୧୧; ଯିଖରିୟ ୯:୧୧; ମାଥିଉ ୨୬:୨୮; ପ୍ରେରିତ ୨୦:୨୮; ରୋମୀୟ ୩:୨୪-୨୬; ରୋମୀୟ ୫:୯; ୧କରିନ୍ଥୀୟ ୫:୭; ୧କରିନ୍ଥୀୟ ୧୦:୧୬; ଏଫିସୀୟ ୧:୭; ଏଫିସୀୟ ୨:୧୩; କଲସୀୟ ୧:୧୪,୨୦-୨୨; କଲସୀୟ ୨:୧୪-୧୫; ଏବ୍ରୀ ୨:୧୪-୧୫; ଏବ୍ରୀ ୯:୧୨-୧୪; ଏବ୍ରୀ ୧୦:୧୯-୨୨; ଏବ୍ରୀ ୧୦:୨୮-୨୯; ଏବ୍ରୀ ୧୨:୨୨-୨୪; ଏବ୍ରୀ ୧୩:୧୨; ଏବ୍ରୀ ୧୩:୨୦-୨୧; ୧ପିତର ୧:୧-୨; ୧ପିତର ୧:୧୮-୧୯; ୧ଯୋହନ ୧:୭; ପ୍ରକାଶିତ ବାକ୍ୟ ୧:୫-୬; ପ୍ରକାଶିତ ବାକ୍ୟ ୫:୯-୧୦; ପ୍ରକାଶିତ ବାକ୍ୟ ୭:୧୪-୧୫; ପ୍ରକାଶିତ ବାକ୍ୟ ୧୨:୧୦-୧୧

## ସାହସ

ଗୀତସଂହିତା ୧୩୮:୩; ହିତୋପଦେଶ ୨୮:୧; ପ୍ରେରିତ ୪:୧୩; ପ୍ରେରିତ ୪:୨୯-୩୧; ପ୍ରେରିତ ୧୪:୩; ୨କରିନ୍ଥୀୟ ୩:୧୧-୧୨; ଫିଲିପ୍ପୀୟ ୧:୨୦; ୨ତୀମଥି ୧:୭; ୧ଯୋହନ ୪:୧୭-୧୮ (ନିର୍ଭୀକତା, ଦୃଢ଼ଭରସା ମଧ୍ଧ ଦେଖନ୍ତୁ)

## ଅସ୍ଥି

ଗୀତସଂହିତା ୩୪:୨୦; ହିତୋପଦେଶ ୩:୫-୮; ହିତୋପଦେଶ ୧୪:୩୦; ହିତୋପଦେଶ ୧୭:୨୨; ଯିଶାଇୟ ୫୮:୧୧

### ଭୂତ ଛଡ଼ାଇବା

ମାଥିଉ ୪:୨୩-୨୪; ମାଥିଉ ୮:୧୬-୧୭; ମାଥିଉ ୯:୩୨-୩୩; ମାଥିଉ ୧୦:୧,୭-୮; ମାଥିଉ ୧୨:୨୮-୨୯; ମାଥିଉ ୧୭:୧୮-୨୧; ମାର୍କ ୩:୧୪-୧୫; ମାର୍କ ୬:୭,୧୨-୧୩; ମାର୍କ ୯:୩୮-୪୦; ମାର୍କ ୧୬:୧୭-୧୮; ଲୂକ ୯:୧-୨; ଲୂକ ୧୦:୧୭-୨୦; ଲୂକ ୧୩:୧୦-୧୩; ଯୋହନ ୧୪:୧୨; ପ୍ରେରିତ ୧୬:୧୬-୧୮; ପ୍ରେରିତ ୧୯:୧୧-୧୨

### ପିଲାମାନେ

ଦ୍ୱି.ବିବରଣ ୪:୯; ଦ୍ୱି.ବିବରଣ ୬:୪-୭; ଦ୍ୱି.ବିବରଣ ୨୮:୪; ଦ୍ୱି.ବିବରଣ ୩୦:୬; ଗୀତସଂହିତା ୨୫:୧୨-୧୩; ଗୀତସଂହିତା ୩୭:୨୫-୨୬; ଗୀତସଂହିତା ୭୮:୪-୬; ଗୀତସଂହିତା ୯୦:୧୬; ଗୀତସଂହିତା ୧୦୩:୧୭; ଗୀତସଂହିତା ୧୧୨:୧-୨; ଗୀତସଂହିତା ୧୧୩:୯; ଗୀତସଂହିତା ୧୨୭:୧-୫; ହିତୋପଦେଶ ୧୩:୨୨; ହିତୋପଦେଶ ୧୪:୨୬; ହିତୋପଦେଶ ୨୦:୭; ହିତୋପଦେଶ ୨୨:୬; ହିତୋପଦେଶ ୩୧:୨୮; ଯିଶାଇୟ ୮:୧୮; ଯିଶାଇୟ ୪୪:୩-୪; ଯିଶାଇୟ ୪୯:୨୫; ଯିଶାଇୟ ୫୪:୧୩; ଯିଶାଇୟ ୫୯:୨୧; ମଲାଖୀ ୪:୫-୬; ଲୂକ ୧:୧୭; ଏଫିସୀୟ ୬:୪; କଲସୀୟ ୩:୨୧; ୧ତୀମଥି ୩:୪-୫; ୧ତୀମଥି ୩:୧୨; ୨ତୀମଥି ୧:୫; ୨ତୀମଥି ୩:୧୫; ୩ଯୋହନ ୧:୪

### ଦୃଢ଼ ଭରସା

ଗୀତସଂହିତା ୬୫:୫; ଗୀତସଂହିତା ୧୧୮:୮; ଗୀତସଂହିତା ୧୧୮:୯; ହିତୋପଦେଶ ୩:୨୬; ହିତୋପଦେଶ ୧୪:୨୬ (ସାହସ, ନିର୍ଭୀକତା ମଧ୍ଯ ଦେଖନ୍ତୁ)

### ନିର୍ଭୀକତା

ଦ୍ୱି.ବିବରଣ ୩୧:୬; ଯିହୋଶୂୟ ୧:୭,୯; ୨ବଂଶାବଳୀ ୩୨:୭; ଗୀତସଂହିତା୨୭:୧୪ (ସାହସ, ଦୃଢ଼ଭରସା ମଧ୍ଯ ଦେଖନ୍ତୁ)

### ଋଣ ଛାଡ଼

ଦ୍ୱି.ବିବରଣ ୧୫:୬; ଦ୍ୱି.ବିବରଣ ୨୮:୮,୧୧-୧୨; ୨ରାଜାବଳୀ ୪:୧-୭; ଗୀତସଂହିତା ୧୨୮:୧-୨; ହିତୋପଦେଶ ୩:୯-୧୦; ହିତୋପଦେଶ ୨୨:୭; ଯିଶାଇୟ ୬୫:୨୨; ମଲାଖୀ ୩:୧୦-୧୧; ମାଥିଉ ୧୭:୨୪-୨୭; ମାର୍କ ୧୧:୨୨-୨୩; ଲୂକ ୫:୪-୭; ରୋମୀୟ ୨:୧୧; ରୋମୀୟ ୧୩:୮

### ଉଦ୍ଧାର

ଗୀତସଂହିତା ୧୮:୧-୨,୧୭,୧୯,୪୩,୪୮,୫୦; ଗୀତସଂହିତା ୩୨:୭; ଗୀତସଂହିତା ୩୪:୪,୭,୧୭,୧୯; ଗୀତସଂହିତା ୯୧:୩,୧୪,୧୫; ଗୀତସଂହିତା ୧୦୭:୨୦; ଗୀତସଂହିତା ୧୧୬:୮; ମାଥିଉ ୬:୧୩; କଲସୀୟ ୧:୧୨-୧୩; ଗାଲାତୀୟ ୧:୪; ୨ତୀମଥି ୪:୧୮; ୨ପିତର ୨:୯

## ବୀରତ୍ୱପୂର୍ଣ୍ଣ କର୍ମ

ଯିହୋଶୂୟ ୧:୫; ଗୀତସଂହିତା ୬୦:୧୨; ଯିଶାଇୟ ୪୫:୧-୩; ଦାନିୟେଲ ୧୧:୩୨ଖ; ୧କରିନ୍ଥୀୟ ୨:୯-୧୦; ଏଫିସୀୟ ୨:୧୦; ଏଫିସୀୟ ୩:୨୦-୨୧; ଫିଲିପ୍ପୀୟ ୧:୬; ଫିଲିପ୍ପୀୟ ୨:୧୩; ଏବ୍ରୀ ୧୧:୩୩-୩୪

## ବିଶ୍ୱାସ

ମାଥିଉ ୯:୨୮-୨୯; ମାଥିଉ୧୭:୨୦; ମାଥିଉ ୨୧:୨୧; ମାର୍କ ୯:୨୩; ମାର୍କ ୧୧:୨୨-୨୩; ଲୂକ ୧:୪୫; ଲୂକ ୧୭:୫-୬; ଯୋହନ ୧୧:୪୦; ପ୍ରେରିତ ୩:୧୬; ପ୍ରେରିତ ୬:୮; ପ୍ରେରିତ ୨୭:୨୫; ରୋମୀୟ ୪:୧୨,୧୭-୨୧; ରୋମୀୟ ୧୦:୮-୧୦; ରୋମୀୟ ୧୨:୩; ୨କରିନ୍ଥୀୟ ୪:୧୩; ୨କରିନ୍ଥୀୟ ୫:୭; ଗାଲାତୀୟ ୫:୬; ଏଫିସୀୟ ୬:୧୬; ୨ଥେସଲନୀକୀୟ ୧:୩; ୨ଥେସଲନୀକୀୟ ୧:୧୧; ୧ତୀମଥି ୬:୧୨; ଫିଲୀମୋନ ୧:୬; ଏବ୍ରୀ ୩:୧; ଏବ୍ରୀ ୪:୨; ଏବ୍ରୀ ୪:୧୪; ଏବ୍ରୀ ୬:୧୨; ଏବ୍ରୀ ୧୦:୨୨-୨୩; ଏବ୍ରୀ ୧୦:୩୫-୩୬; ଯାକୁବ ୧:୫-୭; ଯାକୁବ ୨:୧୭-୧୮,୨୧-୨୨,୨୬

## ଅନୁଗ୍ରହ ଓ ସୁସଂମ୍ପର୍କ

ଆଦିପୁସ୍ତକ ୩୯:୨-୪,୨୧; ଯାତ୍ରାପୁସ୍ତକ ୧୨:୩୬; ୧ବଂଶାବଳୀ ୨୯:୧୨; ଗୀତସଂହିତା ୫:୧୨; ଗୀତସଂହିତା ୩୦:୫; ଗୀତସଂହିତା ୧୧୯:୭୪; ହିତୋପଦେଶ ୩:୩-୪; ହିତୋପଦେଶ ୪:୭-୮; ହିତୋପଦେଶ ୧୨:୨; ହିତୋପଦେଶ ୧୬:୭; ହିତୋପଦେଶ ୨୨:୪; ହିତୋପଦେଶ ୨୯:୨୩; ଯିଶାଇୟ ୬୧:୭; ୧ତୀମଥି ୪:୧

## ଭବିଷ୍ୟତ

ଗୀତସଂହିତା ୩୧:୧୫; ଗୀତସଂହିତା ୭୧:୬-୭; ଗୀତସଂହିତା ୭୧:୧୭-୧୮; ଗୀତସଂହିତା ୧୩୮:୮; ହିତୋପଦେଶ ୩:୫-୬; ହିତୋପଦେଶ ୪:୧୮; ଯିଶାଇୟ ୪୬:୩-୪; ଯିଶାଇୟ ୬୪:୮; ଯିରିମିୟ ୨୯:୧୧; ମାଥିଉ ୬:୨୫-୩୪; ରୋମୀୟ ୮:୨୮; ୧କରିନ୍ଥୀୟ ୨:୯-୧୦; ଏଫିସୀୟ ୨:୧୦; ଫିଲିପ୍ପୀୟ ୩:୧୨-୧୪; ଫିଲିପ୍ପୀୟ ୪:୬-୭

## ଆତ୍ମାଙ୍କର ଦାନସକଳ

ପ୍ରେରିତ ୨:୨୨; ପ୍ରେରିତ ୨:୪୩; ପ୍ରେରିତ ୪:୨୯-୩୦; ପ୍ରେରିତ ୫:୧୨-୧୬; ପ୍ରେରିତ ୬:୮; ପ୍ରେରିତ ୭:୩୬; ପ୍ରେରିତ ୧୪:୩; ରୋମୀୟ ୧୨:୬; ରୋମୀୟ ୧୫:୧୮-୧୯; ୧କରିନ୍ଥୀୟ ୨:୪-୫; ୧କରିନ୍ଥୀୟ ୪:୨୦; ୧କରିନ୍ଥୀୟ ୧୨:୧-୧୧; ୧କରିନ୍ଥୀୟ ୧୨:୩୧; ୧କରିନ୍ଥୀୟ ୧୪:୧,୩,୧୨,୨୬,୩୧,୩୯; ୨କରିନ୍ଥୀୟ ୧୨:୧୨; ୧ଥେସଲନୀକୀୟ ୧:୫; ଏବ୍ରୀ ୨:୩-୪

## ଈଶ୍ୱରଙ୍କ ଗୌରବ

ଯାତ୍ରାପୁସ୍ତକ ୨୪:୧୬-୧୭; ଯାତ୍ରାପୁସ୍ତକ ୨୯:୪୩; ଯାତ୍ରାପୁସ୍ତକ ୩୩:୧୮-୧୯; ଯାତ୍ରାପୁସ୍ତକ ୪୦:୩୩-୩୫; ଗଣନାପୁସ୍ତକ ୯:୧୫-୨୩; ଗଣନାପୁସ୍ତକ ୧୪:୨୧; ଦ୍ୱି.ବିବରଣ ୫:୨୪; ୧ଶାମୁୟେଲ ୪:୨୧-୨୨; ୧ରାଜାବଳୀ ୮:୧୦-୧୧; ୨ବଂଶାବଳୀ ୫:୧୩-୧୪; ଗୀତସଂହିତା ୨୪:୭-୧୦; ଗୀତସଂହିତା ୨୬:୮; ଗୀତସଂହିତା ୬୩:୧-୨; ଗୀତସଂହିତା ୮୫:୯; ଗୀତସଂହିତା ୯୦:୧୬-୧୭; ଯିଶାଇୟ ୪:୫-୬; ଯିଶାଇୟ ୧୧:୧୦; ଯିଶାଇୟ ୩୫:୧-୨; ଯିଶାଇୟ ୪୦:୫; ଯିଶାଇୟ ୪୨:୮; ଯିଶାଇୟ ୪୮:୧୧; ଯିଶାଇୟ ୫୮:୮; ଯିଶାଇୟ ୬୦:୧-୭; ଯିହିଜିକଲ

୧:୨୮; ଯିହିଜିକଲ ୩:୧୨; ଯିହିଜିକଲ ୧୦:୪,୧୮; ହବକ୍‌କୂକ୍ ୨:୧୪; ହବକ୍‌କୂକ୍ ୩:୩-୪; ହାଗୟ ୨:୭-୯; ଯୋହନ ୧:୧୪; ଯୋହନ ୨:୧୧; ଯୋହନ ୧୧:୪,୪୦; ଯୋହନ ୧୪:୨୧-୨୩; ଯୋହନ ୧୭:୫,୨୨,୨୪; ପ୍ରେରିତ ୭:୫୫; ରୋମୀୟ ୮:୧୫-୨୫; ୧କରିନ୍ଥୀୟ ୩:୧୬; ୧କରିନ୍ଥୀୟ ୧୦:୩୧; ୨କରିନ୍ଥୀୟ ୩:୭-୧୮; ୨କରିନ୍ଥୀୟ ୪:୬-୭; ୨କରିନ୍ଥୀୟ ୪:୧୬-୧୮; ଏଫିସୀୟ ୨:୨୧-୨୨; କଲସୀୟ ୧:୨୬-୨୭; ଏବ୍ରୀ ୧:୩; ୧ପିତର ୪:୧୪; ୨ପିତର ୧:୧୬-୧୮

## ଧାର୍ମିକ ବାଞ୍ଛା ସକଳ

ଗୀତସଂହିତା ୨୭:୪; ଗୀତସଂହିତା ୩୭:୪; ଗୀତସଂହିତା ୪୨:୧-୨; ଗୀତସଂହିତା ୮୪:୧-୩,୧୦; ଗୀତସଂହିତା ୬୩:୧-୮; ଗୀତସଂହିତା ୧୪୫:୧୯; ହିତୋପଦେଶ ୧୦:୨୪; ଯିଶାଇୟ ୨୬:୯; ମାଥିଉ ୬:୩୩; ମାର୍କ ୧୨:୨୯-୩୧; ରୋମୀୟ ୮:୧୩; ୨କରିନ୍ଥୀୟ ୫:୧୪-୧୫; ଗାଲାତୀୟ ୨:୨୦; ଗାଲାତୀୟ ୫:୨୪; ଗାଲାତୀୟ ୬:୭-୮; ଗାଲାତୀୟ ୬:୧୪; ଫିଲିପ୍‌ପୀୟ ୩:୭-୧୧; ଫିଲିପ୍‌ପୀୟ ୪:୮; କଲସୀୟ ୩:୧-୩; ୨ତୀମଥି ୨:୧୯-୨୧; ଯାକୁବ ୪:୪; ୧ଯୋହନ ୨:୧୫-୧୭

## ଆମ ଈଶ୍ୱରଙ୍କର ମହାନତା

ଗୀତସଂହିତା ୮୬:୮-୧୨; ଗୀତସଂହିତା ୧୨୧:୨; ଗୀତସଂହିତା ୧୪୫:୧-୨୧; ଗୀତସଂହିତା ୧୪୭:୪-୫; ଯିଶାଇୟ ୩୭:୧୬; ଯିଶାଇୟ ୪୦:୨୧-୩୧; ଯିଶାଇୟ ୪୫:୧୨,୧୮; ଯିରିମିୟ ୩୨:୧୭,୨୭; ଯିରିମିୟ ୫୧:୧୫; ରୋମୀୟ ୧୧:୩୩-୩୬; ୧ତୀମଥି ୬:୧୪-୧୬; ପ୍ରକାଶିତ ବାକ୍ୟ ୫:୧୧-୧୪; ପ୍ରକାଶିତ ବାକ୍ୟ ୭:୯-୧୨; ପ୍ରକାଶିତ ବାକ୍ୟ ୧୯:୪-୬

## ଚାଳନା

ଗୀତସଂହିତା ୨୫:୧୨; ଗୀତସଂହିତା ୩୨:୮-୯; ଗୀତସଂହିତା ୩୭:୨୩-୨୪; ଗୀତସଂହିତା ୧୧୯:୧୦୩-୧୦୫; ଗୀତସଂହିତା ୧୧୯:୧୩୦; ଗୀତସଂହିତା ୧୧୯:୧୩୩; ହିତୋପଦେଶ ୩:୫-୬; ହିତୋପଦେଶ ୪:୧୮; ହିତୋପଦେଶ ୪:୨୬; ଯିଶାଇୟ ୫୮:୧୧; ରୋମୀୟ ୮:୧୪; କଲସୀୟ ୩:୧୫

## ସୁସ୍ଥତା ଓ ସ୍ୱାସ୍ଥ୍ୟ

ଆଦିପୁସ୍ତକ ୨୦:୧୭; ଯାତ୍ରାପୁସ୍ତକ ୧୫:୨୬; ଯାତ୍ରାପୁସ୍ତକ ୨୩:୨୫-୨୬; ଦ୍ୱି.ବିବରଣ ୭:୧୫; ଆୟୁବ ୩୩:୧୯-୨୮; ଗୀତସଂହିତା ୩୦:୨; ଗୀତସଂହିତା ୪୧:୧-୩; ଗୀତସଂହିତା ୯୧:୫-୧୦; ଗୀତସଂହିତା ୧୦୩:୧-୫; ଗୀତସଂହିତା ୧୦୭:୨୦; ହିତୋପଦେଶ ୩:୭-୮; ହିତୋପଦେଶ ୪:୨୦-୨୨; ହିତୋପଦେଶ ୧୨:୧୮; ହିତୋପଦେଶ ୧୮:୨୧-୨୨; ଯିଶାଇୟ ୬:୧୦; ଯିଶାଇୟ ୫୩:୪-୫; ଯିଶାଇୟ ୫୮:୮; ଯିରିମିୟ ୧୭:୧୪; ଯିହିଜିକଲ ୩୪:୪; ଯିହିଜିକଲ ୪୭:୮-୯; ମାଥିଉ ୪:୨୪; ମାଥିଉ ୮:୧୬-୧୭; ମାଥିଉ ୧୨:୧୫; ମାଥିଉ ୧୫:୨୫-୨୮; ମାର୍କ ୫:୩୪; ଲୂକ ୪:୪୦; ଲୂକ ୧୩:୧୧-୧୩,୧୬; ପ୍ରେରିତ ୧୦:୩୮; ରୋମୀୟ ୮:୧୧; ୧କରିନ୍ଥୀୟ ୬:୧୯-୨୦; ଏବ୍ରୀ ୧୧:୧୧; ଯାକୁବ ୫:୧୪-୧୫; ୧ପିତର ୨:୨୪; ପ୍ରକାଶିତ ବାକ୍ୟ ୨୨:୧-୨

## ରୋଗୀମାନଙ୍କୁ ସୁସ୍ଥ କରିବା

ମାଥିଉ ୪:୨୩-୨୪; ମାଥିଉ ୧୦:୧,୭-୮; ମାଥିଉ ୧୫:୨୯-୩୧; ମାର୍କ ୬:୭,୧୨-୧୩; ମାର୍କ ୧୬:୧୭-୧୮; ଲୂକ ୫:୧୭; ଲୂକ ୬:୧୭-୧୯; ଲୂକ ୯:୧-୨; ଲୂକ ୯:୧୧; ଲୂକ ୧୦:୧,୯; ଯୋହନ ୧୪:୧୨; ପ୍ରେରିତ ୧୦:୩୮; ୧କରିନ୍ଥୀୟ ୧୨:୭-୧୧; ଯାକୁବ ୫:୧୪-୧୬; ୧ଯୋହନ ୩:୮

## ପବିତ୍ରତା (ପାପ ଉପରେ ବିଜୟ, ଶୁଦ୍ଧତା)

ଯାତ୍ରାପୁସ୍ତକ ୧୫:୧୧; ଯାତ୍ରାପୁସ୍ତକ ୧୯:୬; ଦ୍ୱି.ବିବରଣ ୭:୬; ଦ୍ୱି.ବିବରଣ ୨୩:୧୪; ଆୟୁବ ୩୧:୧; ଗୀତସଂହିତା ୨୯:୨; ଗୀତସଂହିତା ୧:୧-୩; ଗୀତସଂହିତା ୪:୩; ଗୀତସଂହିତା ୧୫:୧-୫; ଗୀତସଂହିତା ୧୯:୧୨-୧୪; ଗୀତସଂହିତା ୨୪:୩-୫; ଗୀତସଂହିତା ୨୯:୨; ଗୀତସଂହିତା ୯୬:୯; ଗୀତସଂହିତା ୧୧୯:୯-୧୧; ହିତୋପଦେଶ ୫:୧୫-୨୩; ହିତୋପଦେଶ ୬:୨୩-୨୫; ଉପଦେଶକ ୭:୨୬; ଯିଶାଇୟ ୫୨:୧୧; ଓବଦିୟ ୧:୧୭; ମଲାଖୀ ୩:୧-୩; ମାଥିଉ ୫:୨୯-୩୦; ରୋମୀୟ ୧:୪; ରୋମୀୟ ୬:୬-୭,୧୨-୧୪; ରୋମୀୟ ୮:୫-୮,୧୨-୧୩; ରୋମୀୟ ୧୨:୧-୨; ରୋମୀୟ ୧୩:୧୧-୧୪; ୧କରିନ୍ଥୀୟ ୩:୧୬-୧୭; ୧କରିନ୍ଥୀୟ ୬:୧୨-୧୩,୧୭-୨୦; ୨କରିନ୍ଥୀୟ ୬:୧୪-୧୮; ୨କରିନ୍ଥୀୟ ୭:୧; ୨କରିନ୍ଥୀୟ ୧୦:୩-୫; ଏଫିସୀୟ ୪:୨୦-୩୨; ଏଫିସୀୟ ୫:୧-୫; ଫିଲିପ୍ପୀୟ ୨:୧୪-୧୫; ଫିଲିପ୍ପୀୟ ୪:୪-୮; ୧ଥେସଲନୀକୀୟ ୪:୩-୭; ୨ତୀମଥି ୨:୧୯-୨୨; ତୀତସ ୨:୧୧-୧୪; ଏବ୍ରୀ ୧୦:୨୬-୨୭; ଏବ୍ରୀ ୧୨:୧-୪; ଏବ୍ରୀ ୧୨:୧୪-୧୬; ଯାକୁବ ୩:୮-୧୦; ଯାକୁବ ୪:୪-୮; ୧ପିତର ୧:୧୩-୧୭; ୧ପିତର ୨:୯-୧୨; ୧ପିତର ୪:୧-୨; ୨ପିତର ୩:୧୪,୧୭-୧୮; ୧ଯୋହନ ୨:୧୫-୧୭; ଯିହୂଦା ୧:୧୭-୨୫

## ଗୃହ ଓ ପରିବାର

ଆଦିପୁସ୍ତକ ୧୮:୧୯; ଆଦିପୁସ୍ତକ ୨୨:୧୬-୧୮; ଆଦିପୁସ୍ତକ ୩୯:୨-୫; ଦ୍ୱି.ବିବରଣ ୨୮:୧-୧୨; ଯିହୋଶୂୟ ୨୪:୧୪-୧୫; ୨ଶାମୁୟେଲ ୬:୧୨; ଆୟୁବ ୫:୨୪; ଗୀତସଂହିତା ୬୮:୫; ଗୀତସଂହିତା ୯୧:୧୦; ଗୀତସଂହିତା ୧୦୧:୧-୨,୭; ଗୀତସଂହିତା ୧୧୨:୧-୩; ଗୀତସଂହିତା ୧୧୮:୧୫; ଗୀତସଂହିତା ୧୨୭:୧-୫; ଗୀତସଂହିତା ୧୨୮:୧-୪; ଗୀତସଂହିତା ୧୪୪:୧୨-୧୫; ହିତୋପଦେଶ ୩:୩୩; ହିତୋପଦେଶ ୧୨:୭; ହିତୋପଦେଶ ୧୪:୧୧; ହିତୋପଦେଶ ୧୫:୬; ଯିଶାଇୟ ୩୨:୧୭-୧୯; ଯିଶାଇୟ ୬୫:୨୧-୨୩; ଯୋହନ ୧୪:୨୩

## ସ୍ୱାମୀ

ଆଦିପୁସ୍ତକ ୨:୨୨-୨୪; ଗୀତସଂହିତା ୧୨୮:୧-୪; ହିତୋପଦେଶ ୧୯:୧୪; ହିତୋପଦେଶ ୩୧:୧୦-୧୧,୨୩,୨୮; ମଲାଖୀ ୨:୧୪-୧୬; ମାଥିଉ ୧୯:୪-୬; ୧କରିନ୍ଥୀୟ ୭:୩-୫,୧୦-୧୧; ୧କରିନ୍ଥୀୟ ୧୧:୩; ଏଫିସୀୟ ୫:୨୩-୩୩; କଲସୀୟ ୩:୧୯; ୧ତୀମଥି ୫:୪; ୧ପିତର ୩:୭

## ଆନନ୍ଦ (ଦୁଃଖ, ଶୋକକୁ ଜୟ କରିବା)

ନିହିମିୟା ୮:୧୦; ଗୀତସଂହିତା ୫:୧୧; ଗୀତସଂହିତା ୧୬:୧୧; ଗୀତସଂହିତା ୩୦:୫; ଗୀତସଂହିତା ୩୨:୧୧; ଗୀତସଂହିତା ୩୩:୧,୩,୨୧; ଗୀତସଂହିତା ୩୫:୯; ଗୀତସଂହିତା ୪୩:୪; ଗୀତସଂହିତା ୧୨୬:୫-୬; ଯିଶାଇୟ ୧୨:୩; ଯିଶାଇୟ ୨୯:୧୯; ଯିଶାଇୟ ୫୧:୧୧; ଯିଶାଇୟ ୬୧:୩,୭; ହବକ୍‌କୂକ୍ ୩:୧୭-୧୮; ମାଥିଉ ୫:୧୨;

ଯୋହନ ୧୬:୨୨-୨୪; ଯୋହନ ୧୭:୧୩; ପ୍ରେରିତ ୧୩:୫୨; ରୋମୀୟ ୧୪:୧୭; ରୋମୀୟ ୧୫:୧୩; ଗାଲାତୀୟ ୫:୨୨-୨୩; ଫିଲିପ୍‌ପୀୟ ୪:୪; କଲସୀୟ ୧:୧୧; ୧ଥେସଲନୀକୀୟ ୧:୬; ୧ଥେସଲନୀକୀୟ ୫:୧୬-୧୮; ଏବ୍ରୀ ୧:୯; ଯାକୁବ ୧:୨-୩; ୧ପିତର ୧:୮-୯; ୧ପିତର ୪:୧୨-୧୪; ୧ଯୋହନ ୧:୪

## ଜମି ଓ ସମ୍ପତ୍ତି ମାମଲା

ଦ୍ୱି.ବିବରଣ ୨୮:୮,୧୧-୧୨; ଗୀତସଂହିତା ୧୬:୫; ଗୀତସଂହିତା ୩୭:୨୯; ଗୀତସଂହିତା ୧୨୫:୩; ମାର୍କ ୧୦:୨୯-୩୦

## ବୈଧାନିକ ଆହ୍ୱାନସମୂହ

ଦ୍ୱି.ବିବରଣ ୧୦:୧୮; ଦ୍ୱି.ବିବରଣ ୨୮:୭; ଗୀତସଂହିତା ୩; ଗୀତସଂହିତା ୧୨:୫; ଗୀତସଂହିତା ୩୭:୬,୨୮; ଗୀତସଂହିତା ୭୨:୧୪; ଗୀତସଂହିତା ୮୯:୧୪; ଗୀତସଂହିତା ୧୦୩:୬; ଗୀତସଂହିତା ୧୧୯:୧୨୧; ଗୀତସଂହିତା ୧୪୦:୧୨; ଗୀତସଂହିତା ୧୪୬:୭; ଯିଶାଇୟ ୨୮:୫-୬; ଯିଶାଇୟ ୫୪:୧୪,୧୭

## ଦୀର୍ଘଜୀବନ

ଆଦିପୁସ୍ତକ ୬:୩; ଯାତ୍ରାପୁସ୍ତକ ୨୩:୨୫-୨୬; ଦ୍ୱି.ବିବରଣ ୩୪:୭; ଆୟୁବ ୫:୨୬; ଗୀତସଂହିତା ୩୪:୧୨-୧୪; ଗୀତସଂହିତା ୭୧:୫-୯,୧୭-୧୮; ଗୀତସଂହିତା ୯୦:୧୦-୧୨; ଗୀତସଂହିତା ୯୧:୧୪-୧୬; ଗୀତସଂହିତା ୯୨:୧୨-୧୫; ଗୀତସଂହିତା ୧୦୩:୧୫-୧୭; ଗୀତସଂହିତା ୧୨୮:୧,୬; ହିତୋପଦେଶ ୩:୧-୨; ହିତୋପଦେଶ ୧୭:୬; ଯିଶାଇୟ ୪୬:୪; ୨କରିନ୍ଥୀୟ ୪:୧୬-୧୮; ୨କରିନ୍ଥୀୟ ୫:୧-୯; ଫିଲିପ୍‌ପୀୟ ୧:୨୧; ୨ତୀମଥି ୪:୭-୮

## ପ୍ରେମ

ମାର୍କ ୧୨:୨୯-୩୧; ଯୋହନ ୧୩:୩୪-୩୫; ରୋମୀୟ ୫:୫; ରୋମୀୟ ୧୨:୯-୨୧; ରୋମୀୟ ୧୩:୮; ୧କରିନ୍ଥୀୟ ୧୩:୧-୧୩; ଗାଲାତୀୟ ୫:୨୨-୨୩; ଏଫିସୀୟ ୪:୩୧-୩୨; ଏଫିସୀୟ ୫:୧-୨; କଲସୀୟ ୩:୧୨-୧୪; ୧ଥେସଲନୀକୀୟ ୪:୯-୧୦; ୧ତୀମଥି ୧:୫; ଏବ୍ରୀ ୬:୧୦; ୧ଯୋହନ ୨:୯-୧୧; ୧ଯୋହନ ୩:୧୪-୧୮; ୧ଯୋହନ ୪:୭-୧୨; ୧ଯୋହନ ୪:୧୬-୨୧; ଯିହୂଦା ୧:୨୦-୨୧

## ମନ

୧ବଂଶାବଳୀ ୨୮:୯; ଆୟୁବ ୩୮:୩୬; ଗୀତସଂହିତା ୨୬:୨; ଗୀତସଂହିତା ୧୯:୭,୧୪; ଗୀତସଂହିତା ୨୩:୩; ଗୀତସଂହିତା ୩୫:୯; ଗୀତସଂହିତା ୪୨:୫,୬,୧୧; ଗୀତସଂହିତା ୬୨:୧,୫; ଗୀତସଂହିତା ୯୪:୧୯; ଗୀତସଂହିତା ୧୦୩:୧,୨; ଗୀତସଂହିତା ୧୩୧:୨; ଗୀତସଂହିତା ୧୩୮:୩; ଗୀତସଂହିତା ୧୩୯:୨; ଯିଶାଇୟ ୨୬:୩,୯; ଯିଶାଇୟ ୫୫:୭-୯; ବିଳାପ ୩:୨୧-୨୩; ମାଥିଉ ୫:୨୮; ମାଥିଉ ୧୫:୧୮-୧୯; ମାର୍କ ୧୨:୩୦; ରୋମୀୟ ୮:୫-୮; ରୋମୀୟ ୧୨:୧-୨,୧୬; ରୋମୀୟ ୧୪:୫; ୧କରିନ୍ଥୀୟ ୨:୧୬; ୨କରିନ୍ଥୀୟ ୧୦:୩-୫; ଏଫିସୀୟ ୪:୨୩-୨୪; ଫିଲିପ୍‌ପୀୟ ୨:୩,୫-୮,୧୫; ଫିଲିପ୍‌ପୀୟ ୩:୧୨-୧୫; ଫିଲିପ୍‌ପୀୟ ୪:୮; କଲସୀୟ ୩:୨-୩; ୧ଥେସଲନୀକୀୟ ୫:୨୩; ୨ତୀମଥି ୧:୭; ଏବ୍ରୀ ୪:୧୨; ଏବ୍ରୀ ୮:୧୦; ୧ପିତର ୨:୧୧; ୧ପିତର ୪:୧; ଯାକୁବ ୧:୨୧; ୩ ଯୋହନ ୨

## ଶାନ୍ତି (ଭୟ, ଉଦ୍‌ବେଗ, ଚିନ୍ତାକୁ ଜୟକରିବା)

ବିଚାରକର୍ତ୍ତା ୬:୨୩-୨୪; ଗୀତସଂହିତା ୪:୮; ଗୀତସଂହିତା ୩୭:୧୧,୩୭; ଗୀତସଂହିତା ୧୧୯:୧୬୫; ଯିଶାଇୟ ୯:୬-୭; ଯିଶାଇୟ ୨୬:୩,୧୨; ଯିଶାଇୟ ୩୨:୧୭-୧୮; ଯିଶାଇୟ ୪୮:୧୭-୧୮; ଯିଶାଇୟ ୫୩:୫; ଯିଶାଇୟ ୫୪:୧୦,୧୩; ଯିଶାଇୟ ୫୫:୧୨; ମାଥିଉ ୫:୯; ଯୋହନ ୧୪:୨୭; ଯୋହନ ୧୬:୩୩; ରୋମୀୟ ୫:୧; ରୋମୀୟ ୮:୬; ରୋମୀୟ ୧୨:୧୮; ରୋମୀୟ ୧୪:୧୭-୧୯; ରୋମୀୟ ୧୫:୧୩,୩୩; ରୋମୀୟ ୧୬:୨୦; ୧କରିନ୍ଥୀୟ ୧:୩; ୧କରିନ୍ଥୀୟ ୧୪:୩୩; ୨କରିନ୍ଥୀୟ ୧୩:୧୧; ଗାଲାତୀୟ ୫:୨୨-୨୩; ଫିଲିପ୍‌ପୀୟ ୪:୬-୯; ୨ଥେସଲନୀକୀୟ ୩:୧୬; ଏବ୍ରୀ ୧୨:୧୪

## ଉନ୍ନତି

ଦ୍ୱି.ବିବରଣ ୨୮:୧୩; ଆୟୁବ ୮:୬-୭; ଗୀତସଂହିତା ୩୭:୪-୫; ଗୀତସଂହିତା ୭୫:୬-୭; ହିତୋପଦେଶ ୧୬:୩; ହିତୋପଦେଶ ୨୨:୪; ହିତୋପଦେଶ ୨୨:୨୯; ଯିଶାଇୟ ୧:୧୯; ଯିଶାଇୟ ୪୮:୧୭; ଯିଶାଇୟ ୫୪:୧-୩; ଯିଶାଇୟ ୬୦:୨୨; ଯୋହନ ୧୫:୫; ୧ତୀମଥି ୬:୧୭

## ସମୃଦ୍ଧି ଓ ସଫଳତା

ଆଦିପୁସ୍ତକ ୨୬:୧୨; ଆଦିପୁସ୍ତକ ୩୯:୨-୩,୨୩; ଦ୍ୱି.ବିବରଣ ୨୯:୯; ଦ୍ୱି.ବିବରଣ ୩୦:୫; ଯିହୋଶୂୟ ୧:୭-୮; ୧ରାଜାବଳୀ ୨:୩; ୨ବଂଶାବଳୀ ୨୦:୨୦; ୨ବଂଶାବଳୀ ୨୬:୫; ୨ବଂଶାବଳୀ ୩୧:୨୧; ନିହିମିୟା ୨:୨୦; ଆୟୁବ ୮:୬-୭; ଆୟୁବ ୩୬:୧୦-୧୧; ଗୀତସଂହିତା ୧:୧-୩; ଗୀତସଂହିତା ୨୫:୧୨-୧୩; ଗୀତସଂହିତା ୩୫:୨୭; ଗୀତସଂହିତା ୧୧୮:୨୫; ହିତୋପଦେଶ ୨୮:୨୫; ଯିଖରିୟ ୮:୧୨; ୩ ଯୋହନ୧:୨ (ଆଶୀର୍ବାଦ ଓ ଆଶୀର୍ବାଦପ୍ରାପ୍ତ ହେବା ମଧ୍ୟ ଦେଖନ୍ତୁ)

## ସୁରକ୍ଷା ପ୍ରଦାନ

ଗୀତସଂହିତା ୩:୩-୬; ଗୀତସଂହିତା ୨୭:୧-୫; ଗୀତସଂହିତା ୩୨:୭; ଗୀତସଂହିତା ୩୪:୪,୭,୧୭,୧୯; ଗୀତସଂହିତା ୫୦:୧୫; ଗୀତସଂହିତା ୯୧:୧୦-୧୨; ଗୀତସଂହିତା ୧୨୧:୧-୮; ହିତୋପଦେଶ ୧୯:୨୩; ହିତୋପଦେଶ ୨୧:୩୧; ଯିଶାଇୟ ୫୪:୧୪-୧୫,୧୭; ଯିଶାଇୟ ୫୯:୧୯

## ଯୋଗାଣ ବ୍ୟବସ୍ଥା

ଆଦିପୁସ୍ତକ ୨୨:୧୩-୧୪; ଗୀତସଂହିତା ୨୩:୧-୬; ଗୀତସଂହିତା ୩୪:୯-୧୦; ଗୀତସଂହିତା ୩୭:୨୫; ଗୀତସଂହିତା ୮୪:୧୧; ମାଥିଉ ୬:୩୧-୩୩; ୨କରିନ୍ଥୀୟ ୯:୬-୮; ଫିଲିପ୍‌ପୀୟ ୪:୧୯

## ନୀରବତା

ଗୀତସଂହିତା ୧୩୧:୨; ଯିଶାଇୟ ୩୦:୧୫; ଯିଶାଇୟ ୩୨:୧୭-୧୮; ବିଳାପ ୩:୨୬; ସିଫନିୟ ୩:୧୭; ୧ଥେସଲନୀକୀୟ ୪:୧୧; ୨ଥେସଲନୀକୀୟ ୩:୧୧-୧୨; ୧ପିତର ୩:୩-୪

## ମୃତକୁ ପୁନର୍ଜୀବିତ କରିବା

୧ରାଜାବଳୀ ୧୭:୧୭-୨୪; ୨ରାଜାବଳୀ ୪:୩୨-୩୭; ୨ରାଜାବଳୀ ୧୩:୨୦-୨୧; ମାଥିଉ ୧୦:୭-୮; ମାଥିଉ ୧୧:୪-୫; ମାର୍କ ୫:୩୫-୪୩; ଲୂକ ୭:୧୧-୧୭; ଯୋହନ ୧୧:୩୮-୪୫; ପ୍ରେରିତ ୯:୩୬-୪୨; ପ୍ରେରିତ ୧୪:୧୯-୨୦; ପ୍ରେରିତ ୨୦:୯-୧୦; ପ୍ରେରିତ ୨୬:୮; ରୋମୀୟ ୪:୧୭; ଏବ୍ରୀ ୧୧:୩୫

## ନିଦ୍ରା

ଗୀତସଂହିତା ୪:୮; ଗୀତସଂହିତା ୧୬:୭; ଗୀତସଂହିତା ୧୨୭:୨; ହିତୋପଦେଶ ୩:୨୪; ହିତୋପଦେଶ ୬:୨୨-୨୩

## ଆତ୍ମାରେ ପୂର୍ଣ୍ଣ ଓ ଆତ୍ମାରେ ଚାଳିତ

ମାଥିଉ ୪:୧; ଯୋହନ ୧୬:୧୩-୧୫; ପ୍ରେରିତ ୫:୩୨; ପ୍ରେରିତ ୮:୨୯; ପ୍ରେରିତ ୧୦:୧୯-୨୦; ପ୍ରେରିତ ୧୩:୨-୩; ପ୍ରେରିତ ୧୫:୨୮-୨୯; ପ୍ରେରିତ ୧୬:୬-୧୦; ପ୍ରେରିତ ୧୮:୫; ପ୍ରେରିତ ୧୯:୨୧; ପ୍ରେରିତ ୨୦:୨୨-୨୩; ପ୍ରେରିତ ୨୧:୪; ପ୍ରେରିତ ୨୧:୧୦-୧୧; ରୋମୀୟ ୮:୧-୨,୧୩-୧୭; ୨କରିନ୍ଥୀୟ ୧୩:୧୪; ଗାଲାତୀୟ ୫:୧୬-୨୬; ଏଫିସୀୟ ୪:୩୦; ଏଫିସୀୟ ୫:୧୭-୨୧; ୧ଥେସଲନୀକୀୟ ୫:୧୯

## ବଳ

ଯାତ୍ରାପୁସ୍ତକ ୧୫:୨; ଦ୍ୱି.ବିବରଣ ୩୩:୨୫; ୧ଶାମୁୟେଲ ୩୦:୬; ୨ଶାମୁୟେଲ ୨୨:୩୩; ଗୀତସଂହିତା ୨୭:୧,୧୪; ଗୀତସଂହିତା ୩୧:୨୪; ଗୀତସଂହିତା ୪୬:୧-୩; ଗୀତସଂହିତା ୭୩:୨୬; ଯିଶାଇୟ ୧୧:୨; ଯିଶାଇୟ ୨୮:୫-୬; ଯିଶାଇୟ ୪୦:୨୮-୩୧; ଯିଶାଇୟ ୪୧:୧୦; ୨କରିନ୍ଥୀୟ ୧୨:୯; ଏଫିସୀୟ ୩:୧୬; ଏଫିସୀୟ ୬:୧୦; ଫିଲିପ୍ପୀୟ ୪:୧୩; କଲସୀୟ ୧:୧୧

## ସ୍ତ୍ରୀ

ହିତୋପଦେଶ ୧୨:୪; ହିତୋପଦେଶ ୧୪:୧; ହିତୋପଦେଶ ୩୧:୧୦-୩୧; ୧କରିନ୍ଥୀୟ ୭:୨-୪,୧୦-୧୧; ଏଫିସୀୟ ୫:୨୨-୨୪,୩୩; କଲସୀୟ ୩:୧୮; ତୀତସ ୨:୧-୫; ୧ପିତର ୩:୧-୬

## ବୁଦ୍ଧି ଓ ଜ୍ଞାନ

ଆଦିପୁସ୍ତକ ୪୧:୩୮-୩୯; ଯାତ୍ରାପୁସ୍ତକ ୩୧:୧-୫; ଯାତ୍ରାପୁସ୍ତକ ୩୫:୩୦-୩୫; ଯାତ୍ରାପୁସ୍ତକ ୩୬:୧; ୧ବଂଶାବଳୀ ୨୮:୧୧-୧୨,୧୯; ୧ରାଜାବଳୀ ୪:୨୯; ଆୟୁବ ୧୨:୧୩; ଆୟୁବ ୨୮:୨୦,୨୮; ଆୟୁବ ୩୨:୮; ଗୀତସଂହିତା ୧୮:୨୮; ଗୀତସଂହିତା ୨୫:୧୪; ଗୀତସଂହିତା ୫୧:୬; ଗୀତସଂହିତା ୧୧୧:୧୦; ଗୀତସଂହିତା ୧୧୨:୫; ଗୀତସଂହିତା ୧୧୯:୯୭-୯୯,୧୩୦; ହିତୋପଦେଶ ୨:୬; ହିତୋପଦେଶ ୩:୩୨; ହିତୋପଦେଶ ୪:୫-୯; ହିତୋପଦେଶ ୮:୧୧-୨୧; ହିତୋପଦେଶ ୨୦:୨୭; ଯିଶାଇୟ ୧୧:୧-୨; ଯିଶାଇୟ ୨୮:୨୩-୨୯; ଯିଶାଇୟ ୨୯:୨୪; ଯିଶାଇୟ ୪୦:୨୮; ଯିରିମିୟ ୫୧:୧୫; ଦାନିୟେଲ ୧:୧୭; ଦାନିୟେଲ ୨:୨୦-୨୨,୨୮; ଦାନିୟେଲ ୫:୧୨-୧୪; ଲୂକ ୨୪:୪୫; ୧କରିନ୍ଥୀୟ ୨:୯-୧୨; ଯାକୁବ ୧:୫

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)* । ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ – କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ୍କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

**ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।**

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆୟୋଜିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)

ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)

ଆତ୍ମାଙ୍କ ଦାନସକଳ (Gifts of the Spirit)

ପ୍ରାର୍ଥନା ଓ ନିବେଦନ (Prayer & Intercession)

ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)

ଜୀବନଶୈଳୀ ସୁସମାଚାର (Lifestyle Evangelism)

ଈଶ୍ୱରଙ୍କ କାର୍ଯ୍ୟ (God at Work)

ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)

ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂସ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ-

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**


ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ “All Peoples Church Bangalore” ଖୋଜି ଡ଼ାଉନ୍‌ଲୋଡ଼୍ କରନ୍ତୁ





### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ !***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ:
# ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block HRBR Layout, |
| Branch Name: R.T Nagar Branch, Bangalore | Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :

Certificate in Theology & Christian Ministry (C.Th.) –ଏକବର୍ଷ<br>
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ<br>
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ ।

ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the Nations Association for Theological Accreditation (NATA)

ଈଶ୍ୱର ତାଙ୍କର ବାକ୍ୟ ଦ୍ୱାରା କାର୍ଯ୍ୟ କରନ୍ତି । ତାଙ୍କର ବାକ୍ୟର ଶକ୍ତିଦ୍ୱାରା ସେ ସବୁକିଛି ସୃଷ୍ଟି କଲେ । ଈଶ୍ୱରଙ୍କ ବାକ୍ୟ ଈଶ୍ୱରଙ୍କ ଜୀବନ ଓ ଶକ୍ତିକୁ ବହନ କରେ, ଯାହା ଆମ ଜୀବନର ପ୍ରତ୍ୟେକ ଭାଗକୁ ପ୍ରଭାବିତ କରେ । ଈଶ୍ୱର ତାହାଙ୍କ ବାକ୍ୟ ଆମମାନଙ୍କୁ ପ୍ରଦାନ କରିଛନ୍ତି ଏବଂ ତାହାଙ୍କ ବାକ୍ୟର ଶକ୍ତିରେ ଆମମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଚାହାନ୍ତି । ସେ ମଧ୍ୟ ଆମମାନଙ୍କ ନିକଟରେ ପ୍ରକାଶ କରିଛନ୍ତି କିପରି ଆମେ ତାଙ୍କର ବାକ୍ୟକୁ ଗ୍ରହଣ କରିବା, ଯେପରି କି ତାଙ୍କ ବାକ୍ୟରେ ରହିଥିବା ଜୀବନ ଓ ଶକ୍ତି ଆମଠାରେ ମୁକ୍ତ ହେବ, ଯଦ୍ଦ୍ୱାରା ତାଙ୍କର ଅଲୌକିକ କାର୍ଯ୍ୟ ଆମ ଜୀବନରେ ଦେଖାଯିବ । ଯଦିବା ଏହା ସତ୍ୟ ଯେ ଈଶ୍ୱର ତାହାଙ୍କ ପବିତ୍ର ଆତ୍ମାଙ୍କ ଶକ୍ତିରେ ଆକର୍ଷଣୀୟ ମାର୍ଗରେ ବିଭିନ୍ନ ଶକ୍ତି ଓ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ତାଙ୍କ କାର୍ଯ୍ୟର ପ୍ରଦର୍ଶନ କରିପାରନ୍ତି, ତେବେ ଏହା ଭୁଲିଯିବା ଅନୁଚିତ ଯେ ଈଶ୍ୱର ମଧ୍ୟ ତାଙ୍କ ବାକ୍ୟ ଦ୍ୱାରା କାର୍ଯ୍ୟ କରନ୍ତି । ଅନେକ ବିଶ୍ୱାସୀ ଆକର୍ଷଣୀୟ ପ୍ରକାଶନର ଅନ୍ୱେଷଣ କରି ସେମାନଙ୍କ ଜୀବନରେ ଈଶ୍ୱରଙ୍କର ଅଲୌକିକ କାର୍ଯ୍ୟକୁ ହରାଇ ବସିଥାନ୍ତି, ଯାହା ଈଶ୍ୱର ତାଙ୍କ ବାକ୍ୟ ମାଧ୍ୟମରେ ସେମାନଙ୍କ ଦୈନନ୍ଦିନ ଜୀବନରେ ମୁକ୍ତ କରିବାକୁ ଚାହିଁଥାନ୍ତି । ଏହି ପୁସ୍ତକରେ ସାଧାରଣ ସତ୍ୟମାନ ଆଲୋଚିତ ହୋଇଛି ଯାହା ଅଲୌକିକ ବୀଜସଦୃଶ, ତାହାଙ୍କର ବାକ୍ୟ ଦ୍ୱାରା ଈଶ୍ୱର ଯେଉଁ ଆଶ୍ଚର୍ଯ୍ୟ ଶକ୍ତି ଆମଠାରେ ମୁକ୍ତ କରିଛନ୍ତି ତାହା ଗ୍ରହଣ ଓ ଅନୁଭବ କରିବାରେ ଆମକୁ ସାହାଯ୍ୟ କରିବ ।

ଆଶିଷ୍ ରାଇଚୁର୍